୬ ଗୁଜୁରାଟକୁ ୬ ୱିକେଟରେ ହରାଇଲା ଲକ୍ଷ୍ନୌ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

E-mail : sambadkalikanews@gmail.com

The Sambad Kalika

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

ନିର୍ଭୀକ ବାର୍ତ୍ତାବାହକ ମା ଫନେଶ୍ବ କହାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages,₹ 2.00

● ବର୍ଷ–୩୨ ● ସଂଖ୍ୟା–୭୫ ● ୧୩ ଅପ୍ରେଲ ୨୦୨୫, ରବିବାର ● ଭୁବନେଶ୍ୱର ● Vol -32 ● Issue-75 ● 13th April 2025, Sunday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27


## ଖୁବ୍‌ଶୀଘ୍ର ମୋଦିଙ୍କ କ୍ୟାବିନେଟ ସମ୍ପ୍ରସାରଣ: ମୁସଲିମ ଚେହେରାକୁ ନେଇ ବଢୁଛି ଚର୍ଚ୍ଚା



ନୂଆଦିଲ୍ଲୀ,୧୨।୪

ବର୍ତ୍ତମାନ, ଭାରତରେ ୱାକଫ ସଂଶୋଧନ ଆଇନ୍ ୨୦୨୫ ଏବଂ ମୁସଲିମ ସମ୍ପ୍ରଦାୟ ସହିତ ଜଡିତ ବିଭିନ୍ନ ଆଲୋଚନାକୁ ନେଇ ରାଜନୀତି ସରଗରମ ରହିଛି। ଏହି ସମୟରେ, କେନ୍ଦ୍ର ମନ୍ତ୍ରିମଣ୍ଡଳରେ ମୁସଲିମ ଚେହେରା ନ ଥିବା ପ୍ରସଙ୍ଗ ପୁଣି ଥରେ ଉଠିବା ଆରମ୍ଭ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ କେନ୍ଦ୍ରୀୟ ମନ୍ତ୍ରିମଣ୍ଡଳରେ ଜଣେ ବି ମୁସଲିମ ମୁହଁ ନ ଥିବା ନେଇ ବିରୋଧୀ ଦଳ ପକ୍ଷରୁ ପ୍ରାୟତଃ ସମାଲୋଚନା କରାଯାଏ। ତଥାପି, ଭାଜପା ନେତୃତ୍ୱାଧୀନ ଏନଡିଏ ସରକାର ମେ ଏବଂ ଜୁଲାଇ ମଧ୍ୟରେ ହେବାକୁ ଥିବା କ୍ୟାବିନେଟ ପୁନର୍ଗଠନରେ ଏହି ସମସ୍ୟାର ସମାଧାନ କରିବାକୁ ବିଚାର କରୁଥିବା ଜଣାପଡ଼ିଛି। ଦଳୀୟ ସୂତ୍ରରୁ ଜଣାପଡିଛି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପାସମାଣ୍ଡା ସମ୍ପ୍ରଦାୟର ଜଣେ ମୁସଲିମ ସଦସ୍ୟଙ୍କୁ ମନ୍ତ୍ରିମଣ୍ଡଳରେ ସାମିଲ କରିବାକୁ ବିଚାର କରୁଛନ୍ତି। ସେହି ସମୟରେ, ପାସମାଣ୍ଡା ସମ୍ପ୍ରଦାୟର ଜଣେ ସଦସ୍ୟଙ୍କୁ ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ ଭାବରେ କ୍ୟାବିନେଟରେ ସାମିଲ କରାଯିବାର ଆଶା କରାଯାଉଛି। ବର୍ତ୍ତମାନ ଭାରତୀୟ ଜନତା ପାର୍ଟିରେ ଏହି ପଦବୀ ପାଇଁ ଦୁଇଟି ପ୍ରମୁଖ ନାମ ଆଲୋଚନା ହେଉଛି। ସେମାନଙ୍କ ମଧ୍ୟରୁ ଜଣେ ହେଉଛନ୍ତି ଗୁଲାମ ଅଲି ଖଟାନା, ଯିଏ ଜଣେ ରାଜ୍ୟ ସଭା ସାଂସଦ ଏବଂ ଅନ୍ୟ ଜଣେ ହେଉଛନ୍ତି ଜମାଲ ସିଦ୍ଦିକି, ଯିଏ ଦଳର ସଂଖ୍ୟାଲଘୁ ମୋର୍ଚ୍ଚାର ଜାତୀୟ ସଭାପତି। ଏପରି ପରିସ୍ଥିତିରେ, ଯଦି ନେତୃତ୍ୱ ଜମାଲ ସିଦ୍ଦିକିଙ୍କୁ କେନ୍ଦ୍ର କ୍ୟାବିନେଟରେ ସାମିଲ କରନ୍ତି, ତେବେ ଦଳ ପରେ ତାଙ୍କୁ ରାଜ୍ୟ ସଭାରୁ ଟିକେଟ ଦେଇପାରିବ। ଜମାଲ ସିଦ୍ଦିକି ମହାରାଷ୍ଟ୍ରର ବାସିନ୍ଦା ହୋଇଥିବା ବେଳେ ରାଜ୍ୟସଭା ସାଂସଦ ଗୁଲାମ ଅଲ୍ଲୀ ଖଟାନା ଜମ୍ମୁ-କଶ୍ମୀରର ବାସିନ୍ଦା। ବରିଷ୍ଠ ବିଜେପି ନେତା କହିଛନ୍ତି, "କେନ୍ଦ୍ର ମନ୍ତ୍ରିମଣ୍ଡଳର ପୁନର୍ଗଠନରେ ଯେଉଁ ବ୍ୟକ୍ତିଙ୍କୁ ମନୋନୀତ କରାଯିବ ସେ ପାସମାଣ୍ଡା ସମ୍ପ୍ରଦାୟରୁ ହେବେ ବୋଲି ଆଶା କରାଯାଉଛି, ଯାହାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜାତୀୟ ସ୍ତରରେ ମୁଖ୍ୟସ୍ରୋତରେ ଆଣିବା ଉପରେ ଗୁରୁତ୍ୱ ଦେଉଛନ୍ତି।

## ରାଜ୍ୟରେ କାଳବୈଶାଖୀ ୧୭ ଯାଏଁ ଘଡ଼ଘଡ଼ି ସହ ବର୍ଷା

ଭୁବନେଶ୍ୱର, ୧୨/୪
ନ୍ୟୁଜ ବ୍ୟୁରୋ

ରାଜ୍ୟରେ କାଳବୈଶାଖୀ ପ୍ରଭାବରେ ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ସମ୍ଭାବନା ରହିଛି। ତେଣୁ ତାପମାତ୍ରା ବୃଦ୍ଧି ପାଇବ ନାହିଁ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି। ଶନିବାର ସନ୍ଧ୍ୟାରେ ଭୁବନେଶ୍ୱର ସମେତ ବିଭିନ୍ନ ସ୍ଥାନରେ କାଳବୈଶାଖୀ ଯୋଗୁ ବର୍ଷା ହୋଇଯାଇଛି। ଆକାଶରେ କଳାହାଣ୍ଡିଆ ମେଘ ସହ ଚାରିଆଡ଼େ ଝିପି ଝିପି ବର୍ଷା ଆରମ୍ଭ ହୋଇଛି। ରାଜଧାନୀର ବିଭିନ୍ନ ସ୍ଥାନରେ ଘଡ଼ଘଡ଼ି ସହ ନିର୍ଦ୍ଧୁମ ବର୍ଷା ହେଉଥିବାବେଳେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। କିଛି ସ୍ଥାନରେ କୁଆପଥର ବର୍ଷା ମଧ୍ୟ ହୋଇଛି। ସେହିପରି କଟକ ସହରରେ ମଧ୍ୟ ଘଡ଼ଘଡ଼ି ସହ ବର୍ଷା ଲାଗି ରହିଛି। ପାଣିପାଗ ବିଭାଗ ପକ୍ଷରୁ ଟ୍ୱିନ୍ ସିଟିରେ ଆସନ୍ତା ୩ ଘଣ୍ଟା ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଥିଲା। ଭୁବନେଶ୍ୱରର ବିଭିନ୍ନ ରାସ୍ତାଘାଟ ସମେତ ତଳିଆ ଅଞ୍ଚଳରେ ପ୍ରବଳ ପାଣି ଜମି ଯାଇଛି। ପାଣିପାଗ କେନ୍ଦ୍ର ପୂର୍ବାନୁମାନ ଅନୁଯାୟୀ ଶନିବାର ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଅନୁଗୁଳ, ଢେଙ୍କାନାଳ, ରାୟଗଡ଼ା, କୋରାପୁଟ, ମାଲକାନଗିରି, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି ଓ ନବରଙ୍ଗପୁର ଘଡ଼ଘଡ଼ି ସହ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇଥିବା ବେଳେ ମୟୂରଭଞ୍ଜ, ଗଜପତି, ରାୟଗଡ଼ା ଓ କୋରାପୁଟରେ ୩୦ରୁ ୪୦ କିଲୋମିଟର ବେଗରେ ପବନ ସହ ଧୂଳିଝଡ଼ ମଧ୍ୟ ହୋଇଥିଲା। ଅନ୍ୟପକ୍ଷରେ ୧୩, ୧୪, ୧୫ ତାରିଖରେ କାଳବୈଶାଖୀ ପ୍ରକୋପ ଅଧିକ ରହିବ। ୧୬ ଓ ୧୭ରେ କାଳବୈଶାଖୀ ପ୍ରକୋପ କମିଲେ ମଧ୍ୟ କେତେକ ସ୍ଥାନରେ ଜାରି ରହିବ।

## ବିଧାୟକ, ମନ୍ତ୍ରୀ କି ସାଂସଦ ହୋଇଛନ୍ତି ବୋଲି ଗର୍ବ କରନ୍ତୁ ନାହିଁ



ପୁରୀ/ଭୁବନେଶ୍ୱର, ୧୨/୪
ନ୍ୟୁଜ ବ୍ୟୁରୋ

ଶନିବାର ଶ୍ରୀକ୍ଷେତ୍ର ପୁରୀରେ ବିଜେପିର ଦୁଇଦିନିଆ ପ୍ରଶିକ୍ଷଣ ଶିବିରର ଶୁଭାରମ୍ଭ କରିଛନ୍ତି ଦଳର ରାଷ୍ଟ୍ରୀୟ ସଭାପତି ତଥା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେ.ପି. ନଡ୍ଡା। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରଦୀପ ପ୍ରଜ୍ୱଳନ କରି ପ୍ରଶିକ୍ଷଣ ଶିବିରକୁ ଶ୍ରୀ ନଡ୍ଡା ଉଦ୍‌ଘାଟନ କରିଥିବା ବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା, କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ଜୁଏଲ୍ ଓରାମ ଓ ଧର୍ମେନ୍ଦ୍ର ପ୍ରଧାନ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ତେବେ ସ୍ୱାମୀ ନାରାୟଣ ମନ୍ଦିରରେ ଶନିବାର ଠାରୁ ଏହି ଦୁଇ ଦିନିଆ ପ୍ରଶିକ୍ଷଣ ଶିବିର ଚାଲିଥିବା ବେଳେ ବିଜେପିର ସାଂସଦ ଓ ବିଧାୟକଙ୍କୁ ପ୍ରଶିକ୍ଷଣ ଦେଇଛନ୍ତି ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଶ୍ରୀ ନଡ୍ଡା। ସଙ୍ଗଠନ ଓ ସରକାରଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ କେମିତି ରଖାଯାଇପାରିବ, ତୃଣମୂଳ ସ୍ତରରେ ଲୋକଙ୍କ ସହ ଜନପ୍ରତିନିଧି ଓ ନେତାମାନେ କିପରି ମିଶିପାରିବେ ଏବଂ ଜନସାଧାରଣଙ୍କ ସହ ଉତ୍ତମ ସମ୍ପର୍କ ରଖିପାରିବେ ସେନେଇ ଶ୍ରୀ ନଡ୍ଡା ଗୁରୁମନ୍ତ୍ର ଦେଇଛନ୍ତି। ଏପରିକି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା କିପରି ସାଧାରଣ ଲୋକଙ୍କ ପାଖରେ ପହଞ୍ଚିପାରିବ ସେ ଦିଗରେ କାମ କରିବାକୁ ମଧ୍ୟ ଶ୍ରୀ ନଡ୍ଡା ଦିଗ୍‌ଦର୍ଶନ ଦେଇଛନ୍ତି। ରାଜ୍ୟରେ (ପୃଷ୍ଠା ୭ରେ)

### ସୁପ୍ରିମକୋର୍ଟ ରାଷ୍ଟ୍ରପତିଙ୍କ ପାଇଁ ବି ସ୍ଥିର କଲେ ଡେଡଲାଇନ୍

## ୯୦ ଦିନ ଭିତରେ ନେବାକୁ ହେବ ନିଷ୍ପତ୍ତି



ନୂଆଦିଲ୍ଲୀ, ୧୨/୪

ସୁପ୍ରିମକୋର୍ଟରୁ ଏକ ବଡ଼ ଖବର ଏବେ ସାମ୍ନାକୁ ଆସିଛି । ସୁପ୍ରିମକୋର୍ଟ ଏକ ମାମଲାରେ ଦେଶର ରାଷ୍ଟ୍ରପତିଙ୍କ ପାଇଁ ମଧ୍ୟ ସମୟ ସୀମା ସ୍ଥିର କରିଛନ୍ତି । ଏନେଇ ସୁପ୍ରିମକୋର୍ଟ କହିଛନ୍ତି କି, ରାଜ୍ୟପାଳଙ୍କ ତରଫରୁ ରାଷ୍ଟ୍ରପତିଙ୍କୁ ପଠା ଯାଉଥିବା ବିଲ୍ ଉପରେ ରାଷ୍ଟ୍ରପତି ୩ ମାସ ମଧ୍ୟରେ ନିଷ୍ପତ୍ତି ନେବା ବାଧ୍ୟତାମୂଳକ । ଏପ୍ରିଲରେ ସୁପ୍ରିମକୋର୍ଟ ତାମିଲନାଡୁ ସରକାର ଓ ରାଜ୍ୟପାଳଙ୍କ ମଧ୍ୟରେ ଲାଗି ରହିଥିବା ବିବାଦ ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଶୁଣାଇଥିଲେ । ଏଥିରେ କୋର୍ଟ କହିଥିଲେ ବିଧାନସଭା ତରଫରୁ ରାଜ୍ୟପାଳଙ୍କୁ ପଠାଯାଉଥିବା ବିଲ୍ ଉପରେ ରାଜ୍ୟପାଳ ଗୋଟିଏ ମାସ ମଧ୍ୟରେ ନିଷ୍ପତ୍ତି ନେବାକୁ ବାଧ୍ୟ ।

କେବଳ ସେତିକି ନୁହେଁ ଏହି ମାମଲାରେ କୋର୍ଟ କହିଥିଲେ ଆମକୁ ଗୃହ ମନ୍ତ୍ରଣାଳୟ ଦ୍ୱାରା ନିର୍ଦ୍ଧାରିତ ସମୟ ସୀମାକୁ ଗ୍ରହଣ କରିବା ଉଚିତ ଓ ନିଷ୍ପତ୍ତି କରୁଛୁ, ରାଷ୍ଟ୍ରପତିଙ୍କୁ ରାଜ୍ୟପାଳଙ୍କ ଦ୍ୱାରା ବିଚାର ପାଇଁ ପଠା ଯାଉଥିବା ବିଲ୍ ଉପରେ ତିନିମାସ ମଧ୍ୟରେ ନିର୍ଣ୍ଣୟ ନେବାର ଆବଶ୍ୟକତା ରହିଛି । ଯଦି ଏଥିରେ ବ୍ୟତିକ୍ରମ ହୁଏ ତେବେ ରାଷ୍ଟ୍ରପତିଙ୍କୁ କୋର୍ଟଙ୍କ ନିକଟରେ ଏହାର ଉଚିତ କାରଣ ଦର୍ଶାଇବାକୁ ପଡିବ ଏବଂ ଏହାସହ ସମାନ କାରଣ ସଂପୃକ୍ତ ମାମଲା ସହିତ ଜଡିତ ରାଜ୍ୟକୁ ସୂଚାଇବାକୁ ପଡିବ । ସେପଟେ ରାଜ୍ୟ ସରକାର ବି ସକରାତ୍ମକ ସହଯୋଗ କରିବାକୁ କୋର୍ଟ ପରାମର୍ଶ (ପୃଷ୍ଠା ୭ରେ)

## ମହିନ୍ଦ୍ରା ସହ ଚୁକ୍ତି : ଭାରତରେ ନିର୍ମାଣ ହେବ ଏଚ୍-୧୩୦ ହେଲିକପ୍ଟର ଫ୍ୟୁଏଲଏଜ୍



ନୂଆଦିଲ୍ଲୀ, ୧୨/୪

ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମାଣ ହେବ ଏଚ-୧୩୦ ଲାଇଟ୍ ସିଙ୍ଗଲ୍ ଇଞ୍ଜିନ ହେଲିକପ୍ଟର ଫ୍ୟୁଏଲଏଜ୍ । ଏୟାରବସ୍ ଏନେଇ ମହିନ୍ଦ୍ରା ଏୟାରଷ୍ଟ୍ରକ୍‌ଚର୍ସ ଚୟନ କରିଛି । ମେକ୍ ଇନ୍ ଇଣ୍ଡିଆ ଦିଗରେ ଏହା ଏକ ମହତ୍ୱପୂର୍ଣ୍ଣ ଉପଲବ୍ଧି ହେବ ବୋଲି ଆଶା କରାଯାଉଛି । ମାର୍ଚ୍ଚ ୨୦୨୭ ସୁଦ୍ଧା ୟୁରୋପରୁ ଏୟାରବସ୍ ହେଲିକପ୍ଟରର ଆସେମ୍ବିଲ୍ ପାଇଁ ଡେଲିଭରି ଆରମ୍ଭ ହେବ । ଭାରତ ସରକାରଙ୍କ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କେ.ଆର୍ ନାଇଡୁ, ବେସାମରିକ ବିମାନ ଚଳାଚଳ ସଚିବ ଭୁମଲୁନ୍ମାଙ୍ଗ ଭୁଲନମ, ଭାରତ ଓ ଦକ୍ଷିଣ ଏସିଆର ଏୟାରବସ୍ ଅଧ୍ୟକ୍ଷ ଏବଂ ପ୍ରବନ୍ଧ ନିର୍ଦ୍ଦେଶକ ରେମି ମେଲାର୍ଡଙ୍କ ସହିତ ମହିନ୍ଦ୍ରା ସମୂହର ଗ୍ରୁପ ସିଇଓ ଏବଂ ଏମଡି ଡ. ଅନିଶ ଶାହଙ୍କ ଭିତରେ ଚୁକ୍ତି ହୋଇଛି । ୮ ସିଟ୍ ବିଶିଷ୍ଟ ଏଚ-୧୩୦ ଏକ ଲୋକପ୍ରିୟ ହେଲିକପ୍ଟର । ପରିବହନ, ପର୍ଯ୍ୟଟନ, ଚିକିତ୍ସା, ନିରୀକ୍ଷଣ ଓ ଘରୋଇ ବିମାନ ଗତିବିଧିରେ ଏହାକୁ ବ୍ୟବହାର କରାଯାଇଥାଏ । ମହିନ୍ଦ୍ରା ସମୂହର ସହାୟକ କମ୍ପାନୀ ମହିନ୍ଦ୍ରା ଏୟାରଷ୍ଟ୍ରକ୍‌ଚର୍ସ ପ୍ରାଇଭେଟ୍ ଲିମିଟେଡକୁ (ପୃଷ୍ଠା ୭ରେ)


DADLS-11

ସତ୍ୟମେବ ଜୟତେ

ବାର୍ତ୍ତା



୭୭ତମ ରାଜଧାନୀ ପ୍ରତିଷ୍ଠା ଦିବସର ଗୌରବପୂର୍ଣ୍ଣ ଅବସରରେ ମୁଁ ଭୁବନେଶ୍ୱରବାସୀ ତଥା ସମଗ୍ର ରାଜ୍ୟବାସୀଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି । ପୁରାତନ ମୂଲ୍ୟବୋଧ ସହିତ ଏକ ଆଧୁନିକ ନଗରୀର ଲକ୍ଷ୍ୟ ରଖିଥିବା ଭୁବନେଶ୍ୱର ନଗରୀ ବର୍ତ୍ତମାନ ପରମ୍ପରା ଓ ଆଧୁନିକତାର ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ମିଶ୍ରଣର ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ ସାଜିଛି ।

ରାଜଧାନୀ ନଗରୀକୁ ନେଇ ଗର୍ବ ଅନୁଭବ କରିବା ସହିତ ଏହାକୁ ଅଧିକ ସ୍ୱଚ୍ଛ, ସବୁଜ ଓ ପ୍ରାଣବନ୍ତ କରିବା ଯାହା ବିକଶିତ ଓଡ଼ିଶାର ସ୍ୱରୂପକୁ ପ୍ରତିଫଳିତ କରୁଥିବ ସେ ଦିଗରେ ସମସ୍ତେ ଏକନିଷ୍ଠ ଭାବେ କାର୍ଯ୍ୟ କରିବାକୁ ମୁଁ ରାଜଧାନୀବାସୀଙ୍କୁ ଆହ୍ୱାନ ଜଣାଉଛି ।

(ଡ. ହରି ବାବୁ କମ୍ଭମ୍ପାଟି)

ଓଡ଼ିଶା ଶାସନ



୭୭ତମ ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

୭୭ତମ ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ଭୁବନେଶ୍ୱରର ସବୁ ଭାଇ ଓ ଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ ।

କ୍ଷେତ୍ରାଧିପତି ତ୍ରିଭୁବନେଶ୍ୱର ଲିଙ୍ଗରାଜ ମହାପ୍ରଭୁଙ୍କ ନାମାନୁସାରେ ନାମିତ ଭୁବନେଶ୍ୱର କେଉଁ ଅନାଦି କାଳରୁ କଳା, ସଂସ୍କୃତି, ସ୍ଥାପତ୍ୟ, ଧର୍ମ, ଶିକ୍ଷା, ସଭ୍ୟତା ଓ ଶାସନର କେନ୍ଦ୍ରସ୍ଥଳୀ ରୂପେ ପରିଗଣିତ ହୋଇଅଛି । ୧୯୪୮ ମସିହା ଏପ୍ରିଲ ୧୩ ତାରିଖରେ ପବିତ୍ର ମହାବିଷୁବ ସଂକ୍ରାନ୍ତି ଅବସରରେ ପ୍ରତିଷ୍ଠା ଲାଭ କରିଥିବା ଭୁବନେଶ୍ୱର ଆଜି ଦେଶର ଏକ ଅଗ୍ରଣୀ ସହର ଭାବରେ ପ୍ରତିଷ୍ଠା ଅର୍ଜନ କରିଛି । ଭୁବନେଶ୍ୱରକୁ ଏକ ସ୍ୱଚ୍ଛ, ସବୁଜ ତଥା ସମୃଦ୍ଧ ସହର ରୂପେ ବିକଶିତ କରିବା ପାଇଁ ଉଦ୍ୟମ ଜାରି ରହିଛି ।

ଆଜିର ଏହି ଶୁଭ ଅବସରରେ ଆସନ୍ତୁ, ଆମ ରାଜଧାନୀ ଭୁବନେଶ୍ୱରକୁ ଦେଶର ଏକ ଶ୍ରେଷ୍ଠ ତଥା ଆଦର୍ଶ ସହର ରୂପେ ଗଢ଼ି ତୋଳିବା ପାଇଁ ସମସ୍ତେ ମିଳିମିଶି ପ୍ରୟାସ କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ସତ୍ୟମେବ ଜୟତେ



ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ମାନ୍ୟବର ବାଚସ୍ପତିଙ୍କ ବାର୍ତ୍ତା

ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ଭୁବନେଶ୍ୱରବାସୀ ଭାଇଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ।

ଓଡ଼ିଶାର ସାମାଜିକ, ସାଂସ୍କୃତିକ ଓ ଆଧ୍ୟାତ୍ମିକ ପ୍ରାଣକେନ୍ଦ୍ର ମନ୍ଦିରମାଳିନୀ ସହର ଭୁବନେଶ୍ୱର ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଗର୍ବ ଓ ଗୌରବ । ଆମ ରାଜଧାନୀ ଭୁବନେଶ୍ୱରକୁ ଦେଶର ଏକ ସ୍ୱଚ୍ଛ, ଆକର୍ଷଣୀୟ ଓ ପ୍ରଗତିଶୀଳ ସହରରେ ପରିଣତ କରିବା ପାଇଁ ସମସ୍ତ ରାଜ୍ୟବାସୀ ସଂକଳ୍ପବଦ୍ଧ ହୋଇ ସମ୍ମିଳିତ ପ୍ରୟାସ ଜାରି ରଖିବେ ବୋଲି ମୋର ବିଶ୍ୱାସ ।

(ସୁରମା ପାଢ଼ୀ)
ମାନ୍ୟବର ବାଚସ୍ପତି, ଓଡ଼ିଶା

OIPR-15001/13/0502/2526



# ସରକାରୀ ଜମିରୁ ତୁରନ୍ତ ହଟ : ରାଜସ୍ୱ ମନ୍ତ୍ରୀଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଧନୀକ ଓ ସ୍ୱଚ୍ଛଳ ବର୍ଗର ବ୍ୟକ୍ତି ଜବରଦଖଲ କରିଥିଲା ସରକାରୀ ଜମି ଚିହ୍ନଟ କର। ଆଉ ୩ମାସ ଭିତରେ ଉଚ୍ଛେଦ କର । ଢେଙ୍କାନାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତି ସଦଭାବନା ସଭାଗୃହରେ ରାଜସ୍ୱ ବିଭାଗ ସଂକ୍ରାନ୍ତୀୟ କାର୍ଯ୍ୟର ସମୀକ୍ଷା କରି ଏହି ନିର୍ଦ୍ଦେଶ ଦେଇଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୁଜାରୀ । ଜବରଦଖଲ ଉଚ୍ଛେଦ କରି ସରକାରୀ ସମ୍ପତ୍ତିକୁ ସୁରକ୍ଷିତ ରଖିବାକୁ ପ୍ରଶାସନିକ ଅଧିକାରୀଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଖାଲି ସେତିକି ନୁହେଁ ଗରିବ ଓ ଭୂମିହୀନ ବ୍ୟକ୍ତିଙ୍କ ଦଖଲରେ ଥିବା ସରକାରୀ ଜମିକୁ ସେମାନଙ୍କ ନାଁରେ ରେକର୍ଡ କରିବାକୁ କହିଛନ୍ତି ରାଜସ୍ୱ ମନ୍ତ୍ରୀ । ଗସ୍ତ ଅବସରରେ ଢେଙ୍କାନାଳ ଜିଲ୍ଲାରେ ବସୁନ୍ଧରା ଯୋଜନା ଓ



ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟ ସମୀକ୍ଷା କରିଥିଲେ। ବିଭିନ୍ନ ସଂସ୍ଥା ନାମରେ ବିଭିନ୍ନ ପ୍ରକଳ୍ପ ପାଇଁ ମଞ୍ଜୁର ହୋଇ ଅବ୍ୟବହୃତ ହୋଇ ପଡ଼ି ରହିଥିବା ଜମିକୁ ଚିହ୍ନଟ କରି ରିପୋର୍ଟ ଦେବାକୁ ତହସିଲଦାର ମାନଙ୍କୁ କହିଛନ୍ତି । ସରକାରୀ ସଂପତ୍ତିର ସୁରକ୍ଷାରେ ଅବହେଳା କଲେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧୀ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେ଼ତାବନୀ ଦେଇଛନ୍ତି ମନ୍ତ୍ରୀ ସୁରେଶ ପୂଜାରୀ ।

# ହାଇକୋର୍ଟ ବିଚାରପତି ଭାବେ ଶପଥ ଗ୍ରହଣ କଲେ ଜଷ୍ଟିସ୍ ବର୍ମା : ହେଲେ ଦିଆଯାଇ ନାହିଁ କୌଣସି କାର୍ଯ୍ୟଭାର

**ନୂଆଦିଲ୍ଲୀ:**

ସରକାରୀ ବାସଭବନରୁ ବିପୁଳ ପରିମାଣରେ ଟଙ୍କା ମିଳିବା ପରେ ସୁପ୍ରିମକୋର୍ଟ ମନିଟରିଂ ଇନକ୍ୱାରିର ସାମ୍ନା କରୁଥିବା ଜଷ୍ଟିସ ଯଶବନ୍ତ ବର୍ମା ଆହ୍ଲାବାଦ ହାଇକୋର୍ଟର ବିଚାରପତି ଭାବେ ଶପଥ ଗ୍ରହଣ କରିଛନ୍ତି। ଶନିବାର ସେ ନିଜ ବ୍ୟକ୍ତିଗତ କକ୍ଷରେ ଅଳ୍ପଜଣଙ୍କ ଉପସ୍ଥିତିରେ ବିଚାରପତି ଭାବେ ଶପଥ ଗ୍ରହଣ କରିଛନ୍ତି। ତେବେ ସବୁଠୁ ଆଶ୍ଚର୍ଯ୍ୟଜନକ ବିଷୟ ହେଉଛି ଜଷ୍ଟିସ ବର୍ମାଙ୍କୁ ନେଇ ଇନ-ହାଉସ ଇନକ୍ୱାରି ପୁରା ନହେବା ଯାଏ ତାଙ୍କୁ କୌଣସି ନ୍ୟାୟିକ କାମରେ ହସ୍ତକ୍ଷେପ କରିବାକୁ ବାରଣ କରାଯାଇଛି। ସୂଚନା ମୁତାବକ, ଗତ ମାର୍ଚ୍ଚ ୨୮ ତାରିଖରେ କେନ୍ଦ୍ର ତାଙ୍କୁ ଦିଲ୍ଲୀରୁ ଆହ୍ଲାବାଦ ହାଇକୋର୍ଟକୁ ବଦଳି



କରିବାକୁ ବିଜ୍ଞପ୍ତି ଜାରି କରିଥିଲେ। ତେବେ ସୁପ୍ରିମକୋର୍ଟ କଲେଜିୟମର ସୁପାରିଶ କ୍ରମେ ଏହି ବିଜ୍ଞପ୍ତି ଜାରି କରାଯାଇଥିଲା। ଏହାର ବହୁ ପୂର୍ବରୁ ଆହ୍ଲାବାଦ ବାର ଆସୋସିଏସନ ତାଙ୍କ ବଦଳି ନେଇ ବିରୋଧ ପ୍ରଦର୍ଶନ କରି ଆସୁଥିଲା। ଦୁର୍ନିତି ଅଭିଯୋଗରେ ଫଶିଥିବା ବିଚାରପତିମାନଙ୍କୁ କଣ ପାଇଁ ଆହ୍ଲାବାଦ ହାଇକୋର୍ଟକୁ ପଠାଯାଉଛି ଆହ୍ଲାବାଦ ହୋଇକୋର୍ଟ ଡଷ୍ଟବିନ ନୁହେଁ। ଯଦି ସେ ଆହ୍ଲାବାଦ ହାଇକୋର୍ଟରେ କାର୍ଯ୍ୟଭାର ଗ୍ରହଣ କରନ୍ତି ତେବେ ବାର ଆସୋସିଏସନ ତାଙ୍କୁ କୌଣସି କାର୍ଯ୍ୟରେ ସହଯୋଗ କରିବ ନାହିଁ ବୋଲି ଆସୋସିଏସନ ଅଭିଯୋଗ କରିଥିଲା। ତେବେ ଚିଫ୍ ଜଷ୍ଟିସ ସଞ୍ଜିବ ଖନ୍ନା ଆସୋସିଏସନ ସହ ଆଲୋଚନା କରିବା ସହିତ ଏ ଦିଗରେ ଧ୍ୟାନ ଦେବେ ବୋଲି ସେମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଗତ ସପ୍ତାହରେ ସୁପ୍ରିମକୋର୍ଟ ଜଷ୍ଟିସ ବର୍ମାଙ୍କ ବିରୁଦ୍ଧରେ ଦାଏର ହୋଇଥିବା ଏକ ମାମଲାକୁ ଖାରଜ କରିଦେଇଥିଲେ। ଏହି ମାମଲାରେ ରାୟ ଦେଇ କୋର୍ଟ କହିଥିଲେ ଯେ, "ଏହି ମାମଲାରେ ଏକ ତିନି ଜଣିଆ ଖଣ୍ଡପିଠ ଯାଞ୍ଚ କରୁଛି। ତେବେ ଖଣ୍ଡପିଠର ରାୟ ଆସିବା ପରେ ଏହା ଉପରେ ମାମଲା ଦାଏର କରାଯାଇ ପାରିବ।" ଆପଣଙ୍କୁ ଜଣାଇରଖୁ ଯେ, ଗତ ମାର୍ଚ୍ଚ ୧୪ ତାରିଖରେ ଜଷ୍ଟିସ ଯସୱନ୍ତ ବର୍ମାଙ୍କ ସରକାରୀ ବାସଭବନରେ ଭୀଷଣ ନିଆଁ ଲାଗି ଯାଇଥିଲା। ତେବେ ସେହି ସମୟରେ ଜଷ୍ଟିସ ବର୍ମା ସହରରେ ଉପସ୍ଥିତ ନଥିଲେ। ତେବେ ଘଟଣାସ୍ଥଳରେ ଉଭୟ ପୋଲିସ ଓ ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ କରିଥିଲେ। ଏହାପରେ ନିଆଁ ଲାଗିବାର କାରଣ ଯାଞ୍ଚ ସମୟରେ ତାଙ୍କ ଭଣ୍ଡାରଗୃହରୁ ପୁଳାପୁଳା ଅଧାଜଳା ନୋଟ୍ ଜବତ ହୋଇଥିଲା। ଏହି ମାମଲା ସାମ୍ନାକୁ ଆସିବା ପରେ ଦେଶରେ ହଇଚଇ ସୃଷ୍ଟି ହୋଇଯାଇଥିଲା। ତାଙ୍କୁ ଦିଲ୍ଲୀ ହାଇକୋର୍ଟରୁ ଆହ୍ଲାବାଦ ହାଇକୋର୍ଟକୁ ବଦଳି କରାଯାଇଥିଲା। ଏହାସହ ମୁଖ୍ୟ ନ୍ୟାୟାଧିଶ ଏହି ମାମଲାର ଯାଞ୍ଚ କରିବାକୁ ଏକ ତିନିଜଣିଆ ଖଣ୍ଡପିଠର ନିର୍ମାଣ କରିଥିଲେ। ଅନ୍ୟପଟେ ଜଷ୍ଟିସ ବର୍ମା ଏହି ଘଟଣାକୁ ଭିତ୍ତିହିନ କହିବା ସହ ଗଣମାଧ୍ୟମରେ ଭୁଲ ଖବର ପ୍ରସାରଣ କରାଯାଉଛି ବୋଲି କହିଛନ୍ତି।

# ବିଦ୍ୟୁତ ଆଲୁଅରୁ ବଞ୍ଚିତ ବାଢାଯୋଡି ଅଞ୍ଚଳବାସୀ, ଅନ୍ଧକାରରେ ରହୁଛି ଅନେକ ଗାଁ

**ଫିରିଙ୍ଗିଆ, ନ୍ୟୁଜ ବ୍ୟୁରୋ**

ସ୍ୱାଧୀନତା ବହୁତ ବର୍ଷ ବିତିଯାଇଥିଲେ ସୁଦ୍ଧା ଆଜିବି ଅନ୍ଧକାର ଭିତରେ ରହି ଆସୁଛନ୍ତି ଅପହଞ୍ଚ ଇଲାକାର ଜନସାଧାରଣ । ବିଦ୍ୟୁତ ଆଲୁଅ ଦେଖିବା ଏକ ଅଞ୍ଚଳବାସୀଙ୍କ ପାଇଁ ସପ୍ନ। ଡିବିରି ଆଲୁଅରେ ବିତୁଛି ଦିନ ଗୋଟିଏ ଦିନ ନୁହେଁ ମାସ ମାସ ବର୍ଷ ବର୍ଷ । କିନ୍ତୁ କେନ୍ଦ୍ର ଓ ରାଜ୍ୟ ସରକାର ଅଞ୍ଚଳର ବିକାଶ ପାଇଁ ମାଳ ମାଳ ଯୋଜନା ପ୍ରସ୍ତୁତ କରି ଅଞ୍ଚଳ ବିକାଶ ପାଇଁ ଯୋଜନା ପ୍ରସ୍ତୁତ କରନ୍ତି ସତ, କିନ୍ତୁ ଆଜିବି ବିଦ୍ୟୁତ ଆଲୁଅରୁ ବଞ୍ଚିତ । କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ପାଙ୍ଗା ଉପରସାହି ପଞ୍ଚାୟତ ଅନ୍ତର୍ଗତ ବାଢାଯୋଡିରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା । ସୂଚନା ମୁତାବକ, ଫିରିଙ୍ଗିଆ ବ୍ଲକ ପାଙ୍ଗା ଉପରସାହି ପଞ୍ଚାୟତ ଅନ୍ତର୍ଗତ ବାଢାଯୋଡିରେ ୨୦ ଉର୍ଦ୍ଧ୍ୱ ଘର ରହିଥିବା ବେଳେ ମାଦାପାଙ୍ଗା ୭ ରୁ ଉର୍ଦ୍ଧ୍ୱ ପରିବାର ଆଜି ପର୍ଯ୍ୟନ୍ତ ବିଦ୍ୟୁତ ଆଲୁଅରୁ ବଞ୍ଚିତ । ବାରମ୍ବାର ବିଦ୍ୟୁତ ଆଲୁଅ ସଂଯୋଗ ପାଇଁ ଦାବି କରିଥିଲେ ମଧ୍ୟ କେହି ଶୁଣୁନାହାନ୍ତି ବୋଲି ସ୍ଥାନୀୟ ଗ୍ରାମବାସୀ ସମେତ ସ୍ଥାନୀୟ ସରପଞ୍ଚ ରଶ୍ମିତା କହଁର ଅଭିଯୋଗ କରିଛନ୍ତି । କିନ୍ତୁ ଏଠି ପ୍ରଶ୍ନ ଉଠୁଛି ଯେ, ଏହିଭଳି



ଜଙ୍ଗଲ ଘେରା ଦୁର୍ଗମ ଅଞ୍ଚଳକୁ ବିଦ୍ୟୁତ ସଂଯୋଗ ହୋଇ ନଥିବା ଯୋଗୁଁ ଅନ୍ଧକାର ରାତିରେ ଛାତ୍ରଛାତ୍ରୀ ପାଠ ପଢିବା ପାଇଁ କ୍ୟାଣ୍ଡେଲ କିମ୍ବା ଡିବିରି ଆଲୁଅ ହିଁ ସାହା ଭରଷା । ଅନ୍ୟ ପଟେ ଏହିଭଳି ଭୃଙ୍ଗିଯୋଡି ପଞ୍ଚାୟତ ଗାଜୁରିଘାଟି ଗାଁଠାରୁ ମାତ୍ର ଦୁଇ କିଲୋମିଟର ଦୂରରେ ଅବସ୍ଥିତ ଜଙ୍ଗଲ ଘେରା ଗାଁ କୁଜିକେତା ସାହିରେ ୪ ପରିବାର ରହି ଆସୁଛନ୍ତି । ୨୫ ରୁ ଉର୍ଦ୍ଧ୍ୱ ପରିବାର ପାଇଁ ଡିବିରି ଆଲୁଅ ହିଁ ଏକମାତ୍ର ଭରଷା । କିନ୍ତୁ ଏଠି ପ୍ରଶ୍ନ ଉଠୁଛି ଯେ, ଏହି ସ୍ଥାନରେ ରହୁଥିବା ଲୋକ କେବେ ପାଇ ପାରିବେ ବିଦ୍ୟୁତ ଆଲୁଅ । କେବେ ଶୁଣିବ ପ୍ରଶାସନ ତାହା ଦେଖିବା ବାକି ରହିଛି । ଏଠାକାର ଛୋଟ ଛୋଟ କୋମଳ ଶିଶୁ ମାନଙ୍କ ପାଇଁ ପାଠ ପଢିବା କଷ୍ଟ କର ଥିବା ବେଳେ ରାତ୍ରି ଏବଂ ସନ୍ଧ୍ୟା ସମୟରେ ଘର ବାହାରକୁ ଆସିବା ପାଇଁ ଏଠାକାର ଲୋକ ଭୟ କରୁଛନ୍ତି । ଏଠାକାର ଜନସାଧାରଣ ବାରମ୍ବାର ବିଦ୍ୟୁତ ଆଲୁଅ ପାଇଁ ଦାବିପତ୍ର ଦେଇଛନ୍ତି ସତ କିନ୍ତୁ କୌଣସି ପଦକ୍ଷେପ ନେଉନାହାଁନ୍ତି ସରକାର । ନାଳ ପାରି ହୋଇ ଗ୍ରାମବାସୀ ଯାଉଛନ୍ତି । ବର୍ଷା ହେଲେ ଯିବା ଆସିବା ବନ୍ଦ ହୋଇଯାଉଛି । ଆଜିର ଦିନରେ ଗାଁ ଗାଁରେ ଘରେ ଘରେ ବିଦ୍ୟୁତ ଆଲୁଅ ରହିଛି କିନ୍ତୁ ଭୃଙ୍ଗିଯୋଡି ଠାରୁ ୧୦ କିଲୋମିଟର ଦୂରରେ ଅବସ୍ଥିତ ଏହି ଜଙ୍ଗଲ ମଝିରେ ଥିବା ପାହାଡିଆ ଛୋଟ ଗାଁଟି ଅତି ସୁନ୍ଦର । ହେଲେ ସ୍ୱପ୍ନ ବାକି ରହିଛି, ବିଦ୍ୟୁତ ଆଲୁଅ ଅପେକ୍ଷାରେ ଚାହିଁ ବସିଛନ୍ତି ଅଞ୍ଚଳର ନିରିହ ଗରିବ ପରିବାର। ତେଣୁ ଏଠିକାର ଅଞ୍ଚଳବାସୀ ଗୋପିନାଥ କହଁର, କିଙ୍ଗା କହଁର, ଲସିବନ କହଁର, ନନ୍ଦି କହଁର, ବିଦ୍ୟୁତ ଆଲୁଅ ଯୋଗାଇ ଦେବା ପାଇଁ ସରକାରଙ୍କୁ ନିବେଦନ ସହ ଅନୁରୋଧ କରିଛନ୍ତି । ବାଢାଯୋଡି ଗାଁର ଜନସାଧାରଣ ବାରମ୍ବାର ବିଦ୍ୟୁତ ସଂଯୋଗ ପାଇଁ ବିଦ୍ୟୁତ ଅଧିକାରୀଙ୍କୁ ଦାବି କରିଥିଲେ ମଧ୍ୟ କୌଣସି କର୍ତ୍ତୃପକ୍ଷ ଏଥି ପ୍ରତି ଦୃଷ୍ଟି ଦେଉନଥିବା ଅଞ୍ଚଳ ନିରିହ ଜନସାଧାରଣ ଅଭିଯୋଗ କରିଛନ୍ତି । ତେବେ ଏ ବିଷୟରେ କନିଷ୍ଠ ଯନ୍ତ୍ରୀ ଜୟଦେବ ସାହୁଙ୍କୁ ପଚାରିବାରୁ ମୋ ପାଖରେ ସଠିକ୍ ଖବର ନାହିଁ ବୋଲି ସେ କହିଥିଲେ । ଉଚିତ୍ ତଦନ୍ତ କରି ସମସ୍ୟାର ସମାଧାନ କରିବୁ ବୋଲି କହିଥିଲେ। କେତେ ବର୍ଷ ପରେ ବାଢାଯୋଡି, ମାଦାପାଙ୍ଗା, କୁଜିକେତା ବାସୀ ବିଦ୍ୟୁତ ଆଲୁଅ ପାଇ ପାରିବେ ତାହା ଦେଖିବାକୁ ବାକି ରହିଛି । ତେଣୁ ପ୍ରଶାସନ ଅପହଞ୍ଚ ଇଲାକାରେ ରହି ଆସୁଥିବା ଅଞ୍ଚଳବାସୀଙ୍କ ପାଇଁ ବିଦ୍ୟୁତ ଆଲୁଅ ଯୋଗାଇ ଦେବା ପାଇଁ ବାଢାଯୋଡି ଗ୍ରାମବାସୀ ୱାଡମେମ୍ବର ଗବ୍ରି ଦିଗାଲ, କାଳିଦାସ କହଁର, ଦଶନାମ କହଁର, ରଘୁନାଥ କହଁର, ଚକ୍ରଧର କହଁର, ତ୍ରିଲୋଚନ କହଁର, ତ୍ରୁମ୍ବେଶ୍ୱର କହଁର,ଲବ କହଁର, କୁଶ କହଁର, ମାଳତୀ କହଁର ଦାବି କରିଛନ୍ତି।

## ଟିକଟ ବିକ୍ରିରୁ ସର୍ବାଧିକ ରୋଜଗାର କରୁଛି ତାଜମହଲ

# ୫ ବର୍ଷରେ ୨୯୭ କୋଟି ଟଙ୍କା ରାଜସ୍ୱ ଆୟ

**ନୂଆଦିଲ୍ଲୀ:**

ଟିକଟ ବିକ୍ରିରୁ ରାଜମହଲ ସର୍ବାଧିକ ଆୟ କରୁଛି। ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥାର ସଂରକ୍ଷିତ ସ୍ମାରକୀ ସ୍ଥଳ ଭାବେ ବିବେଚିତ ତାଜମହଲରୁ ଟିକଟ ବିକ୍ରି ମାଧ୍ୟମରେ ସର୍ବାଧିକ ରାଜସ୍ୱ ଆୟ ହେଉଛି। ସାରା ଭାରତରେ ଥିବା ସଂରକ୍ଷିତ ଐତିହ୍ୟସ୍ଥଳ ମାନଙ୍କରୁ ଗତ ୫ ବର୍ଷ ମଧ୍ୟରେ ରାଜମହଲ ସର୍ବାଧିକ ରାଜସ୍ୱ ଆୟ କରିଥିବା ସ୍ମାରକୀ ବୋଲି ଜଣାପଡ଼ିଛି। ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ (ଏଏସ୍ଆଇ) ସଂସ୍ଥା ଟିକେଟ୍ ବିକ୍ରୟ ମାଧ୍ୟମରେ ମୋଗଲ ଯୁଗର ସମାଧିସ୍ଥଳ ତଥା ସଂରକ୍ଷିତ ଐତିହ୍ୟ ସ୍ମାରକୀ ତାଜମହଲରୁ ସର୍ବାଧିକ ରୋଜଗାର କରୁଛି। ଏହି ସଂରକ୍ଷିତ ସ୍ମାରକୀରୁ ଏଏସ୍ଆଇ ଗତ ୫ ବର୍ଷରେ ୨୯୭ କୋଟି ଟଙ୍କା ରାଜସ୍ୱ ଆୟ କରିଛି। ଅପରପକ୍ଷରେ ୨୦-୨୧ ଆର୍ଥିକ ବର୍ଷରେ କୋଣାର୍କର ସୂର୍ଯ୍ୟ ମନ୍ଦିର ଦ୍ୱିତୀୟ ସ୍ଥାନରେ ରହିଥିଲା ବୋଲି କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ ଗୁରୁବାର ରାଜ୍ୟସଭାରେ



**୨୦-୨୧ ଆର୍ଥିକ ବର୍ଷରେ କୋଣାର୍କର ସୂର୍ଯ୍ୟ ମନ୍ଦିର ତୃତୀୟ**

ଏକ ପ୍ରଶ୍ନର ଲିଖିତ ଉତ୍ତରରେ ଏହି ତଥ୍ୟ ପ୍ରଦାନ କରିଛନ୍ତି। ଆର୍ଥିକ ବର୍ଷ ୨୩-୨୪ରେ ଟିକଟ ବିକ୍ରିରୁ ରାଜସ୍ୱ ଆୟ ତାଲିକାରେ ଦିଲ୍ଲୀର କୁତୁବ ମିନାର ଏବଂ ଲାଲକିଲ୍ଲା ଯଥାକ୍ରମେ ଦ୍ୱିତୀୟ ଏବଂ ତୃତୀୟ ସ୍ଥାନରେ ରହିଥିଲା; ଯାହା ଯଥାକ୍ରମେ ୨୩, ୮୦, ୧୬, ୯୮୩ ଟଙ୍କା ଏବଂ ୧୮, ୦୮, ୯୦, ୮୨୫ ଟଙ୍କା ରାଜସ୍ୱ ଆୟ କରିଥିଲା। ଶେଖାୱତଙ୍କୁ ଗତ ପାଞ୍ଚ ବର୍ଷରେ ବିଭିନ୍ନ ସ୍ମାରକୀକୁ ପ୍ରବେଶ ଟିକେଟ୍ ବିକ୍ରୟ କରି ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ (ଏଏସ୍ଆଇ) କେତେ ପରିମାଣ ଅର୍ଥ ପାଇଛି, ବର୍ଷୱାରୀ ଏବଂ ସ୍ମାରକୀ-ୱାରୀ ତଥ୍ୟ ସହିତ ପ୍ରଶ୍ନ ପଚରାଯାଇଥିଲା। ଏହାର ଉତ୍ତର ଦେବା ସହିତ ଟିକଟ ବିକ୍ରୟ ମାଧ୍ୟମରେ ସର୍ବାଧିକ ଆୟ କରିଥିବା ସ୍ମାରକୀଗୁଡ଼ିକର ତାଲିକା ମଧ୍ୟ ଦେଇଥିଲେ। ଆର୍ଥିକ ବର୍ଷ ୧୯-୨୦ ରୁ ୨୩-୨୪ ପର୍ଯ୍ୟନ୍ତ ଆର୍ଥିକ ବର୍ଷରେ ଟିକଟ ବିକ୍ରିରୁ ଏଏସ୍ଆଇ କରିଥିବା ରୋଜଗାର ଏବଂ ରାଜସ୍ୱ ଆୟ ସମ୍ପର୍କିତ ତଥ୍ୟ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ ଏକ ସାରଣୀ ଆକାରରେ ପ୍ରଦାନ କରିଛନ୍ତି। ତଥ୍ୟ ଅନୁସାରେ ଅର୍ଥିକ ବର୍ଷର ସମସ୍ତ ୫ ବର୍ଷରେ ସର୍ବାଧିକ ରୋଜଗାରକାରୀ ସଂରକ୍ଷିତ ଐତିହ୍ୟ ସ୍ମାରକୀ ଭାବରେ ତାଜମହଲ ସ୍ଥାନ ପାଇଛି ଓ ଲଗାତାର ୫ ବର୍ଷ ଧରି ପ୍ରଥମ ସ୍ଥାନ ହାସଲ କରିଛି। ୧୭ ଶତାବ୍ଦୀରେ ସମ୍ରାଟ ଶାହଜାହାନଙ୍କ ଦ୍ୱାରା ନିର୍ମିତ ତାଜମହଲକୁ ବିଶ୍ୱର ସବୁଠାରୁ ସୁନ୍ଦର କୋଠା ମଧ୍ୟରୁ ଗୋଟିଏ ବୋଲି ବିବେଚନା କରାଯାଏ। ୧୯-୨୦ ଆର୍ଥିକ ବର୍ଷରେ ଆଗ୍ରାର ଆଗ୍ରା ଦୁର୍ଗ ଏବଂ ଦିଲ୍ଲୀର କୁତୁବ ମିନାର ଦ୍ୱିତୀୟ ଏବଂ ତୃତୀୟ ସ୍ଥାନରେ ରହିଥିଲା। ଅପରପକ୍ଷରେ ୨୦-୨୧ ଆର୍ଥିକ ବର୍ଷରେ ତାମିଲନାଡୁର ମାମଲ୍ଲାପୁରମରେ ଥିବା ସ୍ମାରକୀ ଗୋଷ୍ଠୀ ଏବଂ କୋଣାର୍କର ସୂର୍ଯ୍ୟ ମନ୍ଦିର ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ହାସଲ କରିଥିଲେ। ୨୦୨୩-୨୪ ଆର୍ଥିକ ବର୍ଷରେ ଦିଲ୍ଲୀର କୁତୁବ ମିନାର ଏବଂ ଲାଲକିଲ୍ଲା ପୁଣି ଥରେ ସର୍ବାଧିକ ରୋଜଗାରକାରୀ ସ୍ମାରକୀ ଭାବରେ ଦ୍ୱିତୀୟ ଏବଂ ତୃତୀୟ ସ୍ଥାନରେ ରହିଥିଲେ।

## ହଜ ପୂର୍ବରୁ ସାଉଦି ଆରବ ଲଗାଇଲା କଟକଣା

# ଭାରତ ସହ ୧୪ ଦେଶର ଭିସା ଉପରେ ଲଗାଇଲା ରୋକ

**ନୂଆଦିଲ୍ଲୀ,**

ଭାରତ ସମେତ ୧୪ଟି ଦେଶ ପାଇଁ ସାଉଦି ଆରବରୁ ଆସିଲା ବଡ଼ ଖବର। ଏହି ଦେଶର ଲୋକଙ୍କୁ ଉମରାହ, ବିଜନେସ୍ ଏବଂ ଫ୍ୟାମିଲି ଭିଜିଟ ଭିସା ଉପରେ ଲଗାଇଲା ଅସ୍ଥାୟୀ କଟକଣା। ୨୦୨୫ ଜୁନ୍ ମଧ୍ୟଭାଗ ପର୍ଯ୍ୟନ୍ତ ଅର୍ଥାତ୍ ହଜ୍ ସିଜିନ୍ ପର୍ଯ୍ୟନ୍ତ ଏହି କଟକଣା ଲାଗୁ ରହିବ। ରିପୋର୍ଟରେ କୁହାଯାଇଛି ଯେ ହଜ୍ ସମୟରେ ଲୋକଙ୍କ ସୁରକ୍ଷା ଏବଂ ଅତ୍ୟଧିକ ଭିଡ଼କୁ ଧ୍ୟାନରେ ରଖି ଏହି ନିଷ୍ପତ୍ତି ନିଆଯାଇଛି। ସାଉଦି ଆରବ ଅନିର୍ଦ୍ଦିଷ୍ଟ କାଳ ପାଇଁ ଏକ ବର୍ଷର ମଲ୍ଟିପଲ୍ ଭିସାକୁ ଅନିଶ୍ଚିତ କାଳ ପାଇଁ ସସପେଣ୍ଡ କରିବା ଓ ଏହି ୧୪ ଦେଶର ଯାତ୍ରାକୁ ଫେବୃଆରୀ ୨୦୨୫ ପର୍ଯ୍ୟନ୍ତ ୩୦ ଦିନ ପାଇଁ ଭ୍ୟାଲିଡ୍? ସିଙ୍ଗିଲ ଏଣ୍ଟ୍ରି ଭିସା ପର୍ଯ୍ୟନ୍ତ ସୀମିତ କରିବା ପରେ ଆସିଛି। ସାଉଦି କର୍ତ୍ତୃପକ୍ଷ ଉମରାହ ଭିସା ଜାରି କରିବାର ଅନ୍ତିମ ତିଥି ୧୩ ଅପ୍ରେଲ ୨୦୨୫ ପର୍ଯ୍ୟନ୍ତ ଧାର୍ଯ୍ୟ କରିଚନ୍ତି। ଅର୍ଥାତ ୧୩ ଅପ୍ରେଲ ପର୍ଯ୍ୟନ୍ତ ହଜ୍ ଯାଉଥିବା ଲୋକଙ୍କ ରେଜିଷ୍ଟ୍ରେସନ୍ କରୁଥିବା ଲୋକଙ୍କୁ ସୁଯୋଗ ଦିଆଯାଇଛି। ଏହାପରେ ହଜ୍ ଯାତ୍ରା ଶେଷ ହେବା ପର୍ଯ୍ୟନ୍ତ ଏହି ୧୪ ଦେଶର ନାଗରିକଙ୍କୁ ଏଭଳି କେ ?ଣସି ନୂଆ ଭିସା ଦିଆଯିବନି। ଏହି ଭିସା ନିଲମ୍ବନ ଦ୍ୱାରା ମୋଟ ୧୪ଟି ଦେଶ ପ୍ରଭାବିତ ହୋଇଛନ୍ତି, ଯେଉଁଥିରେ ଆଲଜେରିଆ, ଇଜିପ୍ଟ,



ବାଂଲାଦେଶ, ଇଥିଓପିଆ, ଇଣ୍ଡୋନେସିଆ, ଇରାକ, ଭାରତ, ଜୋର୍ଡାନ, ମରକ୍କୋ, ନାଇଜେରିଆ, ପାକିସ୍ତାନ, ସୁଡାନ, ଟ୍ୟୁନିସିଆ ଏବଂ ୟେମେନ ଅନ୍ତର୍ଭୁକ୍ତ। ରିପୋର୍ଟରେ ଆହୁରି କୁହାଯାଇଛି ଯେ ଭାରତ ସମେତ ଏହି ତାଲିକାଭୁକ୍ତ ଦେଶଗୁଡ଼ିକର କିଛି ଲୋକ ଉମରାହ କିମ୍ବା ଭିଜିଟ୍ ଭିସାରେ ସାଉଦି ଆରବରେ ପହଞ୍ଚିଛନ୍ତି। ସରକାରୀ ଚ୍ୟାନେଲ ମାଧ୍ୟମରେ ପଞ୍ଜୀକରଣ ନକରି ହଜ୍ କରିବା ପାଇଁ ନିର୍ଦ୍ଧାରିତ ସମୟ ଅତିକ୍ରମ କରୁଛନ୍ତି, ଯାହା କାରଣରୁ ସାଉଦି ଆରବ ଏହି ନିଷ୍ପତ୍ତି ନେଇଛି। ସାଉଦି ଆରବ କର୍ତ୍ତୃପକ୍ଷ ଏପରି ଲୋକଙ୍କୁ ଚେତାବନୀ ମଧ୍ୟ ଦେଇଛନ୍ତି ଯେ ଯେଉଁମାନେ ଅନୁମତି ବିନା ହଜ୍ କରନ୍ତି କିମ୍ବା ଅନୁମତି ପ୍ରାପ୍ତ ସମୟଠାରୁ ଅଧିକ ସମୟ ପାଇଁ ହଜ୍ କରନ୍ତି, ସେମାନଙ୍କୁ ୫ ବର୍ଷ ପର୍ଯ୍ୟନ୍ତ ନିଷେଧ କରାଯାଇପାରେ। ଉଲ୍ଲେଖନୀୟ ଯେ,ସାଉଦି ଆରବ ୨୦୨୪ ମସିହାରେ ହଜ୍ ସମୟରେ ୧୨୦୦ ରୁ ଅଧିକ ଲୋକଙ୍କ ମୃତ୍ୟୁ ପାଇଁ ଅଣପଞ୍ଜିକୃତ ଲୋକଙ୍କ ଭିଡ଼ ଏବଂ ପ୍ରଚଣ୍ଡ ଗରମକୁ ଦାୟୀ କରିଥିଲା। କୁହାଯାଇଥିଲା ଯେ ଏହି ଅଣପଞ୍ଜିକୃତ ତୀର୍ଥଯାତ୍ରୀମାନେ ପ୍ରାୟତଃ ରହିବା, ପରିବହନ ଏବଂ ସ୍ୱାସ୍ଥ୍ୟସେବା ଭଳି ଅତ୍ୟାବଶ୍ୟକୀୟ ସୁବିଧା ପାଇ ନାହାଁନ୍ତି।

# ପୃଥିବୀ ଛାଡିବେ ମା' ଗଙ୍ଗା ! ଆସିଗଲା ବିଲୁପ୍ତ ହେବାର ସମୟ

**ହରିଦ୍ୱାର,**

ଗଙ୍ଗା ନଦୀକୁ ନେଇ ଏ ପର୍ଯ୍ୟନ୍ତ ଅନେକ ଭବିଷ୍ୟବାଣୀ ହେଲାଣି। ଏବେ ଆଧାତ୍ମ୍ ଓ ବିଜ୍ଞାନ ମିଳିତ ଦାବି କରୁଛନ୍ତି ଯେ ପୃଥିବୀରୁ ଗଙ୍ଗାଙ୍କ ଫେରିବା ସମୟ ନିକଟତର ହେଲାଣି। ଯେଉଁ ଗୋମୁଖ ଗ୍ଲେସିୟରରୁ ଗଙ୍ଗାଙ୍କ ଅବିରତ ଧାରା ବହୁଛି ସେ ସମ୍ପର୍କରେ ବୈଜ୍ଞାନିକ ମାନେ ଚେତାବନୀ ଦେଇସାରିଲେଣି। ଏହି ଧାରା ଖୁବ୍ ଶୀଘ୍ର ବନ୍ଦ ହୋଇଯିବ ବୋଲି ବୈଜ୍ଞାନିକ କହିସାରିଲେଣି। ଏଥିରେ ପୁରାଣକୁ ସ୍ୱୀକାର କଲେ ଏବେ ପୃଥିବୀରୁ ମା'ଗଙ୍ଗାଙ୍କ ବିଦାୟ ନେବାର ସମୟ ଆସି ସାରିଲାଣି। ଭବିଷ୍ୟତବାଣୀକୁ ସ୍ୱୀକାର କଲେ ଏହି ଘଟଣାରୁ ପୃଥିବୀରୁ ଗଙ୍ଗା ବିଲୁପ୍ତ ହେବାର ସୂଚକ ମନେ କରାଯାଉଛି। ଏମିତିରେ ଏହି କଥାର ବର୍ଣ୍ଣନା ଶ୍ରୀମଦଦେବୀ ଭାଗବତ ପୁରାଣରେ କରାଯାଇଛି। ଏଥିରେ ଭଗବାନ ବିଷ୍ଣୁ ନାରଦଙ୍କୁ ଗଙ୍ଗା ପୁଣି କେବେ ସ୍ୱର୍ଗକୁ ଫେରିବେ ତାର ବିସ୍ତୃତ ବ୍ୟାଖ୍ୟା କରିଛନ୍ତି। ଭଗବାନ ବିଷ୍ଣୁ ନାରଦଙ୍କୁ କହିଛନ୍ତି ଯେ 'କଳିଯୁଗରେ ଯେବେ ୫ହଜାର ବର୍ଷ ବିତିଯିବ ଓ ପାପ ବଢିଯିବ ସେବେ ଧର୍ମ ଲୁପ୍ତ ହେବାରେ ଲାଗିବ। ସେତେବେଳେ ମା ଗଙ୍ଗା ପୃଥିବୀବାସୀଙ୍କ ଉପରେ ଅସନ୍ତୁଷ୍ଟ ହୋଇ ସ୍ୱର୍ଗକୁ ଫେରିଯିବେ'। ଏହା ପରେ ଗଙ୍ଗାରେ ପାପ ଧୋଇବା ପାଇଁ ମନୁଷ୍ୟ ଆଉ ବଞ୍ଚି ନଥିବେ। ଏହା ପୂର୍ବରୁ କଳିଯୁଗର ପ୍ରଭାବ ବଢିବା ସହିତ ସରସ୍ୱତୀ ଓ ପଦ୍ମାନଦୀ ପୃଥିବୀ ଛାଡିସାରିଛନ୍ତି। ସେମାନେ ପୃଥିବୀରୁ ବିଲୁପ୍ତ ହୋଇ ସ୍ୱର୍ଗକୁ ଫେରିଯାଇଛନ୍ତି। ଏବେ କଳିଯୁଗର ୫୦୧୩ ବର୍ଷ ବିତିଗଲାଣି ଓ ସରସ୍ୱତୀ ଏବଂ ପଦ୍ମାନଦୀ ପୂର୍ବରୁ ବିଲୁପ୍ତ ହୋଇସାରିଛନ୍ତି, ଏବେ ଗଙ୍ଗାଙ୍କ ପାଳି। କେବଳ ଏହି ୩ ଦେବୀ ନୁହନ୍ତି କଳି ଯୁଗରେ କେବଳ ବୃନ୍ଦାବନ ଓ କାଶୀକୁ ଛାଡି ସବୁ ତୀର୍ଥ ମଧ୍ୟ ଉଭେଇଯିବେ। କଳିଯୁଗର ୧୦,୦୦୦ ବର୍ଷ ପୂରଣ ହେଲେ ତୀର୍ଥ ବିଲୁପ୍ତି ପ୍ରକ୍ରିୟା ଆରମ୍ଭ ହେବ। ସେତେବେଳେ ଶାଳଗ୍ରାମ, ଶିବ ଶକ୍ତି ଓ ଜଗନ୍ନାଥ ମଧ୍ୟ ପୃଥିବୀ ଛାଡି ନିଜ ଲୋକକୁ ଫେରିଯିବେ। ଏହା ସହିତ ପୃଥିବୀରୁ ଶଙ୍ଖ, ସାଧୁ, ଶ୍ରାଦ୍ଧକର୍ମ, ଧାର୍ମିକ ଅନୁଷ୍ଠାନ, ଦେବୀ ଦେବତାଙ୍କ ପୂଜା ଓ କିର୍ତ୍ତନ ମଧ୍ୟ ପୃଥିବୀରୁ ବିଲୁପ୍ତ ହୋଇଯିବ। ଏଣୁ ଏବେ ପୃଥିବୀରୁ ଗଙ୍ଗା ଫେରିଯିବାର ସମୟ ହୋଇ ଗଲାଣି। ଗଙ୍ଗାର ଜଳଧାର କ୍ରମଶଃ ଶୁଷ୍କ ହେବା ସହ ଧିରେ ଧିରେ ବିଲୁପ୍ତ ହୋଇଯିବ ବୋଲି କୁହାଯାଉଛି।

## ନରସିଂହପୁରରେ ମାଈ ହାତୀର ମୃତ୍ୟୁ

# ୩ ମାସରେ ଗଲାଣି ୬ ହାତୀଙ୍କ ଜୀବନ

**ଆଠଗଡ଼, ନ୍ୟୁଜ ବ୍ୟୁରୋ**

ପୁଣି ନରସିଂହପୁରରେ ହାତୀ ମୃତ୍ୟୁ । ଏହାକୁ ମିଶାଇ ଗତ ୩ ମାସ ମଧ୍ୟରେ ନରସିଂହପୁରରେ ୬ରୁ ଅଧିକ ହାତୀଙ୍କ ମୃତ୍ୟୁ ହୋଇଛି ।

ସୂଚନାଯୋଗ୍ୟ ଯେ, ଆଠଗଡ଼ ବନଖଣ୍ଡ ନରସିଂହପୁର ପୂର୍ବାଞ୍ଚଳ ରେଞ୍ଜ ଅନ୍ତର୍ଗତ ଦେବଭୂଇଁ ସଂରକ୍ଷିତ ଜଙ୍ଗଲ କମ୍ପାନମେଣ୍ଟ ୧ ନୂଆଗଡ ସେକ୍ସନ ନୂଆଗଡ ବିଟ୍‌ରେ ହାତୀର ମୃତ୍ୟୁ ହୋଇଛି । ଗୋଟିଏ ୪୦ ବର୍ଷର ମାଈ ହାତୀର ମୃତ୍ୟୁ ଘଟିଛି । ହାତୀ ମୃତ୍ୟୁର କାରଣ ଅସ୍ପଷ୍ଟ ଥିବାବେଳେ ବୟସ ଅଧିକ ଯୋଗୁଁ ବାର୍ଦ୍ଧକ୍ୟ ରୋଗରେ ପୀଡିତ ଥିବା ଆଠଗଡ଼ ଏସିଏଫ୍ ମନୋଜ ପାତ୍ର ସୂଚନା ଦେଇଛନ୍ତି । ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ।



# ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ରୋଜଗାର ଯେତିକି, ଖର୍ଚ୍ଚ ସେତିକି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ନନ୍ଦନକାନନ ପ୍ରାଣୀ ଉଦ୍ୟାନରୁ ଲାଭ ମିଳୁନାହିଁ। ବିଭିନ୍ନ ସୂତ୍ରରୁ ଯେତିକି ଟଙ୍କା ଆୟ ହେଉଛି ପାଖାପାଖି ସେତିକି ଖର୍ଚ୍ଚ ହେଉଛି। କର୍ମଚାରୀଙ୍କ ଦରମା ସମେତ ଅନ୍ୟାନ୍ୟ ବାବଦରେ ମାସକୁ ୨ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ ହେଉଛି। ବିଭିନ୍ନ ପ୍ରକାର ସେବା ଓ କାର୍ଯ୍ୟକଳାପ ଦ୍ୱାରା ମାସିକ ହାରାହାରି ୧.୭୭ କୋଟି ଟଙ୍କା ରାଜସ୍ୱ ଆଦାୟ ହେଉଛି। ଉଦ୍ୟାନରେ 'କ' ବର୍ଗରେ ୬ଜଣ, 'ଖ' ବର୍ଗରେ ୫ଜଣ, 'ଗ' ବର୍ଗରେ ୩୫ଜଣ ଓ 'ଘ' ବର୍ଗରେ ୧୦୬ଜଣ ନିଯୁକ୍ତି ପାଇଛନ୍ତି। ଏହି କର୍ମଚାରୀମାନଙ୍କ ଦରମା ବାବଦରେ ମାସକୁ ୬୪.୧୭ ଲକ୍ଷ ଟଙ୍କା ପ୍ରଦାନ କରାଯାଉଛି। ଏହାବ୍ୟତୀତ ନନ୍ଦନକାନନ ପ୍ରାଣୀ ଉଦ୍ୟାନ ଓ ରାଜ୍ୟ ଉଦ୍ଭିଦ ଉଦ୍ୟାନରେ ବାହ୍ୟ ଏଜେନ୍ସିରୁ ୩୯୯ଜଣ, ଓଡ଼ିଶା ଶିଳ୍ପ ସୁରକ୍ଷା ବାହିନୀରୁ ୩୫ ଜଣ, ଅବସରପ୍ରାପ୍ତ ସେନା କର୍ମଚାରୀ ୧୫ଜଣ ଓ ଭୂମି ସମ୍ପଦ ବିଭାଗର ୪୦ଜଣ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ସେମାନଙ୍କ ଦରମା ବାବଦରେ ମାସିକ ପ୍ରାୟ ଏକ କୋଟି ଟଙ୍କା ଖର୍ଚ୍ଚ ହେଉଥିବା ସମ୍ପର୍କରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶରାମ ସିଂଖୁଣ୍ଟିଆ ବିଧାନସଭାରେ ସୂଚନା ଦେଇଥିଲେ। ମୋଟାମୋଟି ଭାବେ କେବଳ ଦରମା ବାବଦରେ ୧ କୋଟି ୬୫ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି। ଏହାବ୍ୟତୀତ ଜୀବଜନ୍ତୁଙ୍କ ଖାଦ୍ୟ, ରକ୍ଷଣାବେକ୍ଷଣ ବାବଦରେ ମଧ୍ୟ ଅର୍ଥ




ଖର୍ଚ୍ଚ ହେଉଥିବା ଜଣାପଡ଼ିଛି। ପ୍ରାଣୀ ଉଦ୍ୟାନକୁ ପର୍ଯ୍ୟଟକଙ୍କ ପ୍ରବେଶ ଟିକେଟ୍, ସଫାରି, ବ୍ୟାଟେରି ଚାଳିତ ଯାନବାହନ, ରୋପୱେ, ପିଲାଙ୍କ ପାଇଁ ଟ୍ରେନ୍, ଡଙ୍ଗା ଯାତ୍ରା, ଯାନବାହନ ରହଣି ସ୍ଥଳ, ରେସ୍ତୋରାଁ, ସ୍ମାରକୀ ଦୋକାନ ଓ ଏଟିଏମ୍ କାଉଣ୍ଟର ଫି' ବିକ୍ରୟ ସମେତ ଅନ୍ୟାନ୍ୟ ଉତ୍ସରୁ ମାସିକ ୧.୭୭ କୋଟି ଟଙ୍କା ରାଜସ୍ୱ ସଂଗ୍ରହ ହେଉଛି। ପ୍ରାଣୀ ଉଦ୍ୟାନରେ ଏବେ ୩,୯୮୦ଟି ବନ୍ୟପ୍ରାଣୀ ଅଛନ୍ତି। ସେଥିମଧ୍ୟରୁ ୮୦ ପ୍ରଜାତିର ୧୮୭୨ଟି ବନ୍ୟପ୍ରାଣୀ ରହିଛନ୍ତି। ୫୭ ପ୍ରଜାତିର ୧୭୧୪ଟି ପକ୍ଷୀ ରହିଥିବା ବେଳେ ୩୦ ପ୍ରଜାତିର ୩୭୩ଟି ସରୀସୃପ ଓ ୬ ପ୍ରଜାତିର ୨୧ଟି ଉଭୟଚର ପ୍ରାଣୀ ଅଛନ୍ତି। ସେମାନଙ୍କ ପାଇଁ ମାସିକ ଖାଦ୍ୟ ବାବଦକୁ ୬୬ଲକ୍ଷ ୨୧ହଜାର ୪୧୭ ଟଙ୍କା ଏବଂ ଅନ୍ୟାନ୍ୟ ଖର୍ଚ୍ଚ ବାବଦରେ ୩ଲକ୍ଷ ୨୫ ହଜାର ଟଙ୍କା ଖର୍ଚ୍ଚ ହେଉଛି। ୨୦୨୩-୨୪ରେ ୨୧କୋଟି ୬୧ ଲକ୍ଷ ୪୬ ହଜାର ୩୮୪ ଟଙ୍କା ଆଦାୟ ହୋଇଥିଲା। ଏଥର ଆୟ ବଢ଼ିଥିବା ପ୍ରାଣୀ ଉଦ୍ୟାନ କର୍ତ୍ତୃପକ୍ଷ କହିଛନ୍ତି। ୨୦୨୪-୨୫ ଆର୍ଥିକ ବର୍ଷରେ ପ୍ରାଣୀ ଉଦ୍ୟାନକୁ ୩୯ଲକ୍ଷ ୫୨ହଜାର ୯୭ଜଣ ପର୍ଯ୍ୟଟକ ବୁଲି ଆସିଥିଲେ। ସମସ୍ତ ଉତ୍ସରୁ ସେମାନଙ୍କଠାରୁ ୨୫.୩୭ କୋଟି ଟଙ୍କା ଆଦାୟ ହୋଇଛି, ଯାହାକି ନନ୍ଦନକାନନ ଇତିହାସରେ ସର୍ବାଧିକ। ମୋଟ ପର୍ଯ୍ୟଟକଙ୍କ ମଧ୍ୟରୁ ନନ୍ଦନକାନନ ପ୍ରାଣୀ ଉଦ୍ୟାନକୁ ୩୭ଲକ୍ଷ ୭୧ହଜାର ୯୮୦ଜଣ ଓ ଉଦ୍ଭିଦ ଉଦ୍ୟାନକୁ ୧ଲକ୍ଷ ୮୦ହଜାର ୧୧୭ ପର୍ଯ୍ୟଟକ ପରିଦର୍ଶନ କରିଛନ୍ତି। ପର୍ଯ୍ୟଟକଙ୍କ ମଧ୍ୟରେ ବୟସ୍କଙ୍କ ସଂଖ୍ୟା ୩୨ ଲକ୍ଷ, ଶିଶୁଙ୍କ ସଂଖ୍ୟା ୭ ଲକ୍ଷ ଓ ୭୯୩ ଜଣ ବିଦେଶୀ ପର୍ଯ୍ୟଟକ ରହିଥିଲେ। ପ୍ରବେଶ ଶୁଳ୍କ, କ୍ୟାମେରା ଓ ପାର୍କିଂ ବାବଦରୁ ୧୬.୩୫ କୋଟି, ଆଉଟ୍‌ସୋର୍ସିଂ ସୁବିଧାରୁ ୫.୮୭ କୋଟି ଟଙ୍କା ଆଦାୟ ହୋଇଥିବା ସୂଚନା ମିଳିଛି। ଜୀବଜନ୍ତୁ ପୋଷ୍ୟ ବାବଦକୁ ୩.୧୫ କୋଟି ଟଙ୍କା ଆଦାୟ ହୋଇଥିବା ନନ୍ଦନକାନନ କର୍ତ୍ତୃପକ୍ଷ ଜଣାଇଛନ୍ତି।










# ୭ ଅନ୍ତଃଜିଲ୍ଲା ଡକାୟତ ଗିରଫ:ଅଳଙ୍କାର ଓ ଟଙ୍କା ଜବତ

**ସାଲେପୁର, ନ୍ୟୁଜ୍**

କଟକ ଜିଲ୍ଲା ନେମାଳ ଥାନା ଅଞ୍ଚଳରେ ବିଭିନ୍ନ ଚୋରି ଘଟଣା ଘଟିବା ପରେ ପୋଲିସ ସକ୍ରିୟ ହୋଇଥିଲା ଏବଂ ସାତ ଜଣ ଲୁଟେରାଙ୍କୁ ଧରିବାରେ ସକ୍ଷମ ହୋଇଥିଲା । ତେବେ ଧରାପଡିଥିବା ଅଭିଯୁକ୍ତମାନଙ୍କ ପାଖରୁ ଗୋଟିଏ ବାଇକ୍ ୮୨ ହଜାର ଟଙ୍କା, ୫୦ ଗ୍ରାମ୍ ସୁନା, ୯୦୦ ଗ୍ରାମ୍ ରୁପା ଅଳଙ୍କାର, ମୋବାଇଲ୍ ଫୋନ୍ ଏଲ୍.ଆଇ.ସି ବଣ୍ଡ, ଜମି ପଟ୍ଟା ଆଦି ପୋଲିସ ଜବତ କରିଛି । ଏମାଙ୍କ ନାମରେ ପୂର୍ବରୁ ଆଳି, ପଟାମୁଣ୍ଡାଇ, କଟକ ସହରର ବିଭିନ୍ନ ଥାନା ସମେତ, ମାହାଙ୍ଗା, ନିଶ୍ଚିନ୍ତକୋଇଲି, ସାଲେପୁର ଓ ଭଦ୍ରକ ଜଗତସିଂପୁର, ଯାଜପୁର, ଜିଲ୍ଲାର ବହୁ ଥାନାରେ ଏକାଧିକ ମାମଲା ଥିବା କଟକ ଗ୍ରାମାଞ୍ଚଳ ଏସ୍‌ପି ସାଲେପୁର ଥାନାରେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ଏମାନେ ଆଳି, ପଟ୍ଟାମୁଣ୍ଡାଇ ବାସିନ୍ଦା ଦିନରେ କୋଚିଆ ଧରନ୍ତି ଏବଂ ଗାଁ ଗାଁ ବୁଲି ଘର ଚିହ୍ନଟ କରନ୍ତି ରାତିରେ ଚୋରି କରନ୍ତି । ଏମାନଙ୍କର ମୁଖ୍ୟ ସର୍ଦ୍ଦାର ସାଜନ ଦାସ ବୋଲି ଜଣାପଡିଛି । ଏମାନଙ୍କ ବୟସ ୨୧ ରୁ ୨୮ ଭିତରେ । ଏମାନଙ୍କ ମଧ୍ୟରୁ ରିସିଭର୍ ପଦ୍ମବନ ସାହୁ ମଧ୍ୟ କୋର୍ଟ ଚାଲାଣ ହୋଇଛି । ଅନ୍ୟ ରିସିଭର୍ ଫେରାର୍ ଅଛନ୍ତି ଓ ପୋଲିସ ସେମାନଙ୍କୁ ଖୋଜୁଛି । ଖୁବ୍ ଶୀଘ୍ର ସେମାନଙ୍କୁ ଧରାଯିବ ବୋଲି ଏସ୍‌ପି ପ୍ରତୀକ ସିଂ ସୂଚନା ଦେଇଛନ୍ତି ।

## ୱାକଫ ଆଇନ୍ ବିରୋଧରେ ଆନ୍ଦୋଳନ:ଗୁଳିମାଡ଼ରେ ୩ ମୃତ

**ନୂଆଦିଲ୍ଲୀ, ନ୍ୟୁଜ୍ ବ୍ୟୁରୋ**

ନୂଆ ୱାକଫ ଆଇନ୍‌କୁ ବିରୋଧ କରି କୋଲକାତାରେ ବିକ୍ଷୋଭ ପ୍ରଦର୍ଶନ ଜାରି ରହିଛି । ଆଲିହା ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଏହା ବିରୋଧରେ ରାଜରାସ୍ତାକୁ ଓହ୍ଲାଇଛନ୍ତି । କୋଲକାତା ବ୍ୟତୀତ ମୁର୍ଶିଦାବାଦରେ ବିକ୍ଷୋଭ ପ୍ରଦର୍ଶନ ଉଗ୍ର ରୂପ ଧାରଣ କରିଛି । ବିକ୍ଷୋଭକାରୀ ବସ୍ ଜାଳି ଦେଇଛନ୍ତି । ପଥରମାଡ଼ କରିଛନ୍ତି । ଏହି ସମୟରେ ଗୁଳି ବାଜିବାରୁ ତିନି ଜଣଙ୍କ ମୃତ୍ୟୁ ହୋଇଛି । ସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ବିଏସ୍‌ଏଫ୍ ମୁତୟନ କରାଯାଇଛି । ଏବେ ସଡ଼କ, ରେଳ ଚଳାଚଳ ଏବଂ ଇଣ୍ଟରନେଟ୍ ବନ୍ଦ କରିଦିଆଯାଇଛି । ସମସେର୍‌ଗଞ୍ଜର ସୁତିର ସାଜୁର ମୋଡରେ ଏନ୍‌ଏଚ୍-୧୨ ଜାମ୍ କରାଯାଇଛି । ପୋଲିସ ଭିଡ଼କୁ ହଟାଇବା ପାଇଁ ଲୁହବୁହା ଗୋଳା ମାଡ଼ କରିଛି । ସେହିପରି ଡାଏମଣ୍ଡ ହାର୍ବର ଅମତଲା ଚାରିଛକରେ ବିକ୍ଷୋଭକାରୀ ଦିନ ଦ୍ୱିପହରେ ପୋଲିସ ଗାଡ଼ି ଭଙ୍ଗାରୁଜା କରିଛନ୍ତି । ଏଥିରେ ୧୦ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି । ଫଳରେ ୨ଟି ଟ୍ରେନ୍ ବାତିଲ୍ କରାଯିବା ସହ ୫ଟିର ଗତିପଥ ବଦଳା ଯାଇଥିଲା ବୋଲି ରେଳବାଇ କହିଛି । ଅନ୍ୟପକ୍ଷରେ ଶ୍ରୀନଗରରେ ପିଡିପି କର୍ମୀ ଶୁକ୍ରବାର ସକାଳୁ ଏହି ଆଇନ୍ ବିରୋଧରେ ବିକ୍ଷୋଭ ଆରମ୍ଭ କରିଛନ୍ତି । ସେହିପରି ଅଲ୍ ଇଣ୍ଡିଆ ମୁସ୍‌ଲିମ ପର୍ସନାଲ୍ ଲ' ବୋର୍ଡ (ଏଆଇଏମ୍‌ପିଏଲ୍‌ବି) 'ୱାକଫ ବଚାଓ ଅଭିଯାନ ଆରମ୍ଭ କରିଛି । ପ୍ରଥମ ପର୍ଯ୍ୟାୟରେ ଏହା ଜୁଲାଇ ୭ ଅର୍ଥାତ୍ ୮୭ ଦିନ ପର୍ଯ୍ୟନ୍ତ ଚାଲିବ ବୋଲି କୁହାଯାଇଛି ।

# ୮୦ ଲକ୍ଷ ଟଙ୍କାର ହେରୋଇନ୍ ଜବତ:୨ ଗିରଫ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଅବକାରୀ ବିଭାଗ ଉତ୍କଳ ବିଶ୍ୱବିଦ୍ୟାଳୟ ପଛଗେଟ୍ ନିକଟ ଶିବ ମନ୍ଦିର ପାଖରୁ ୮୦ ଲକ୍ଷର ହେରୋଇନ୍ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ, ସୌରଭ କୁମାର ଟୁଡୁ ଏବଂ ଭବାନୀ ଶଙ୍କର ଗୋଚ୍ଛାୟତ । ଅବକାରୀ ବିଭାଗ ସେମାନଙ୍କୁ ଅଟକ ରଖି ପଚରାଉଚରା କରୁଛି । କେଉଁଠୁ ସେମାନେ ଏହି ନିଶାଦ୍ରବ୍ୟ ଆଣିଥିଲେ ଏବଂ କାହାକୁ ଦେଇଥାନ୍ତେ, ସେନେଇ ବିଭାଗ ଖୋଳତାଡ଼ କରୁଛି । ଅବକାରୀ ବିଭାଗ ସୂତ୍ରରୁ ଜଣାଯାଇଛି ଯେ ଅଭିଯୁକ୍ତଦ୍ୱୟ ବ୍ରାଉନ୍‌ସୁଗାର ବେପାରୀ । ସେମାନେ ବାଲେଶ୍ୱରରୁ ବ୍ରାଉନ୍‌ସୁଗାର ଆଣି ବିଶ୍ୱବିଦ୍ୟାଳୟ ଛାତ୍ର ଓ ଅନ୍ୟ ଯୁବକମାନଙ୍କୁ ବିକ୍ରି କରିଥା'ନ୍ତି । କିଛି ଛାତ୍ରଙ୍କ ଜରିଆରେ ସେମାନେ ପୂରା ନିଶା କାରବାର ରାକେଟ୍ ମଧ୍ୟ ଚଳାଇଥାନ୍ତି । ମାଗଣା ବ୍ରାଉନ୍‌ସୁଗାର ଦେଇ ସେମାନଙ୍କ ଜରିଆରେ ବେପାର କରିଥାନ୍ତି । ତେବେ ବ୍ରାଉନ୍‌ସୁଗାର ପରେ ହେରୋଇନ୍ ପାଇଁ ସେମାନଙ୍କ ପାଖକୁ ଡିମାଣ୍ଡ ଆସିବାରୁ ସେମାନେ ଏ କାରବାର ବି ଆରମ୍ଭ କରିଦେଇଥିଲେ । କିନ୍ତୁ, କିଛି ମାସ ତଳୁ ସେମାନେ ଅବକାରୀ ବିଭାଗର ସ୍କାନର୍‌କୁ ଆସି ଯାଇଥିଲେ । ସେବେଠାରୁ ବିଭାଗ ସେମାନଙ୍କ ଉପରେ ତୀକ୍ଷ୍ଣ ନଜର ରଖିଥିଲା । ଅପରାହ୍ଣରେ ଦୁଇଜଣ ଯାକ ପାଖାପାଖି ୮୦ ଲକ୍ଷ ଟଙ୍କାର ହେରୋଇନ୍ ସହ ଭୁବନେଶ୍ୱର ପହଞ୍ଚିଥିଲେ । ବିଶ୍ୱସ୍ତ ସୂତ୍ରରୁ ଏ ଖବର ମିଳିବା ପରେ ଅବକାରୀ ବିଭାଗ ସେମାନଙ୍କୁ ଧରିବାକୁ ବାଣୀବିହାର କ୍ୟାମ୍ପସ୍ ଭିତରେ ଡେରା ପକାଇଥିଲା । ସେମାନେ ଏକ ବାଇକ୍‌ରେ ବାଣୀବିହାର ପଛ ଗେଟ୍ ଶିବ ମନ୍ଦିର ନିକଟରେ ହେରୋଇନ୍ ପାଇଁ ଡିଲ୍ କରୁଥିବା ବେଳେ ଅବକାରୀ କର୍ମଚାରୀମାନେ ସେଠାରେ ଅତର୍କିତ ଚଢ଼ଉ କରି ଦୁଇ ବେପାରୀଙ୍କୁ ମାଡ଼ି ବସିଥିଲେ ।





# ଟ୍ରକ୍‌ରୁ ୧୦୦୫ କେଜି ଗଞ୍ଜେଇ ଜବତ:ଡ୍ରାଇଭର୍ ଅଟକ

**ନନ୍ଦପୁର, ନ୍ୟୁଜ୍ ବ୍ୟୁରୋ**

ନନ୍ଦପୁର ବ୍ଲକ ପାଡୁଆ ଥାନା ଅନ୍ତର୍ଗତ ସ୍ଥାନୀୟ ଆର୍‌ଏଏସ୍‌ଏସ୍ ଅଫିସ୍ ନିକଟରେ ଏକ ଆଇଚର ଟ୍ରକ୍‌କୁ ଜେରା କରି ସେଥିରୁ ୧୦୦୫ କେଜି ଗଞ୍ଜେଇ ଜବତ କରାଯାଇଛି । ସୂଚନା ଅନୁସାରେ କୌଣସି ସୂତ୍ରରୁ ଖବରପାଇ ନନ୍ଦପୁର ଏସ୍‌ଡିପିଓ ଦେବେନ୍ଦ୍ର କୁମାର ମଲ୍ଲିକଙ୍କ ନିର୍ଦ୍ଦେଶକ୍ରମେ ପାଡୁଆ ପୋଲିସ ଦିନ ପ୍ରାୟ ୧୦.୫୦ ମି ସମୟରେ ଏସ୍.ଆଇ ହିମାଂଶୁ ଶେଖର ବେନିୟା ନିଜ ସହକର୍ମୀଙ୍କ ସହ ଉକ୍ତ ଗାଡିଟିକୁ ଯାଞ୍ଚ କରିବା ବେଳେ ସେହି ଟ୍ରକ୍‌ର ଡାଲା ଭିତରୁ ୧୦୦୫ କେଜି ଗଞ୍ଜେଇ ସହ ଗାଡିଟିକୁ ଜବତ କରିଥିଲେ । ଉକ୍ତ ଜେରାରେ ରାଜସ୍ଥାନ ଭିଲୱାରା ଜିଲ୍ଲା ବଦନାର୍ ଥାନା ଅଧୀନସ୍ଥ ଦେବି ସିଂ ନାମକ ଜଣେ ଟ୍ରକ୍ ଡ୍ରାଇଭର୍‌କୁ ଅଟକ ରଖାଯାଇଥିବା ବେଳେ ଅନ୍ୟ ଜଣେ ଅଭିଯୁକ୍ତ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଛି । ଅଭିଯୁକ୍ତମାନେ ଏହି ଗଞ୍ଜେଇ ସ୍ଥାନୀୟ ବୁଡିଙ୍ଗ୍ ଠାରୁ ରାଜସ୍ଥାନକୁ ବିକ୍ରି ଉଦ୍ଦେଶ୍ୟରେ ଚାଲାଣ କରୁଥିବା ପୋଲିସ୍ ସୂତ୍ରରୁ ଖବର ମିଳିଛି । ଏନେଇ ପାଡୁଆ ଥାନାରେ ଏନ୍.ଡି.ପି.ଏସ୍ ଧାରା ୟୁ/ଏସ୍ ୨୦(ବି) (ସସ) (ଉ)/୨୯ ଅନୁଯାୟୀ କେସ୍ ନଂ ୪୬ ରୁଜୁ କରି ଘଟଣାର ଅଧିକ ତଦନ୍ତ ଜାରି ରଖିଛି ।

# ବ୍ୟବସାୟିକ ବିବାଦରୁ ଠିକାଦାରଙ୍କୁ ପିଟି ପିଟି ହତ୍ୟା

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଏୟାରଫିଲ୍ଡ ଥାନା ଅନ୍ତର୍ଗତ ଜାମୁକୋଳି କାଜୁ ଜଙ୍ଗଲରେ ଜଣେ ଯୁବକଙ୍କୁ ବୀଭତ୍ସ ଭାବେ ହତ୍ୟା କରାଯାଇଛି । ସଂଘବଦ୍ଧ ଆକ୍ରମଣର ଶିକାର ହୋଇଥିବା ମୃତକ ହେଲେ ଭୁବନେଶ୍ୱର ୟୁନିଟ୍-୬ ଅଞ୍ଚଳରେ ରହୁଥିବା ଜଣାଶୁଣା ବିଲ୍ଡର ସସ୍ମିତ ବିଶ୍ୱାଳ ଓରଫ ଚିନୁ (୪୨) । ତାଙ୍କୁ ଦୁର୍ବୃତ୍ତମାନେ ରଡ୍ ଓ ଲାଠିରେ ପିଟିପିଟି ହତ୍ୟା କରିଥିବା ପାରିପାର୍ଶ୍ୱିକ ସ୍ଥିତିରୁ ସ୍ପଷ୍ଟ ହୋଇଛି । ଏୟାର୍‌ଫିଲ୍ଡ ଥାନା ପୋଲିସ ମୃତଦେହ ଜବତ କରିବା ପରେ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ୍ ହସ୍ପିଟାଲ୍‌କୁ ପଠାଇଛି । ଏହି ହତ୍ୟା ଘଟଣାରେ ସ୍ଥାନୀୟ ପ୍ରଧାନସାହି ଅଞ୍ଚଳର କିଛି ଯୁବକଙ୍କ ହାତ ଥିବା ସନ୍ଦେହ କରାଯାଉଛି । ଜମିବାଡ଼ି କିଣାବିକା ଓ ଦଖଲ ନେବା ଭଳି ସମସ୍ୟାକୁ ନେଇ ଚିନୁଙ୍କ ସହ କିଛି ଯୁବକଙ୍କ ବିବାଦ ଲାଗି ରହିଥିଲା ଏବଂ ମାମଲା ଥାନା ପର୍ଯ୍ୟନ୍ତ ଯାଇଥିଲା । ତେଣୁ ସେହି ଯୁବକମାନେ ଯୋଜନାବଦ୍ଧ ଭାବେ ତାଙ୍କୁ କାଜୁ ଜଙ୍ଗଲକୁ ଡାକି ନେଇ ହତ୍ୟା କରିଥିବା ଆଲୋଚନା ଜୋର୍ ଧରିଛି । ରିପୋର୍ଟ ପ୍ରସ୍ତୁତ ହେବା ବେଳକୁ ପୋଲିସ ୩ ସନ୍ଦିଗ୍ଧଙ୍କୁ ଅଟକ ରଖିଛି ଏବଂ ଅନ୍ୟ ୪ ଜଣ ଫେରାର୍ ଥିବା ଜଣାପଡ଼ିଛି । ଏକଦା ଜମିବାଡ଼ି କାରବାରରେ ଚିନୁଙ୍କ ପାର୍ଟନେର୍ ଥିବା ପ୍ରଧାନସାହିର ଟୁଲୁ ମହାନ୍ତି ଏହି ହତ୍ୟାକାଣ୍ଡର ମାଷ୍ଟର୍‌ମାଇଣ୍ଡ ବୋଲି ପୋଲିସ ସନ୍ଦେହ କରିଛି । ପରିବାର ସୂତ୍ରରୁ ମିଳିଥିବା ସୂଚନାନୁସାରେ ସକାଳେ ଚିନୁ ନିଜ ସ୍କୁଟି ଯୋଗେ ଜାମୁକୋଳି ଯାଇଥିଲେ । ସେଠାରେ ଥିବା ନିଜ ଜମି ପାଖକୁ ଯାଉଥିବା କହି ସେ ଘରୁ ବାହାରି ଯାଇଥିଲେ । କିନ୍ତୁ ସବୁଦିନ ଭଳି ଦିପହରେ ଖାଇବା ପାଇଁ ଘରକୁ ଫେରି ନଥିଲେ । ବିଳମ୍ବ ହେବାରୁ ପରିବାର ଲୋକେ ଫୋନ୍ କରିଥିଲେ । ମାତ୍ର ଚିନୁ ଫୋନ୍ ଉଠାଇ ନଥିଲେ କି ପରେ କଲ୍ ବ୍ୟାକ୍ କରିନଥିଲେ । ସେହିଭଳି ତାଙ୍କର ନିକଟତମ ସାଙ୍ଗମାନେ ବି କେହି କିଛି କହିପାରିନଥିଲେ । ଏମିତିରେ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରୁଥିଲେ । ସେପଟେ ଅପରାହ୍ଣ ପାଖାପାଖି ସାଢ଼େ ୪ଟା ବେଳେ ଜାମୁକୋଳିର କିଛି ପିଲା ଖେଳପଡ଼ିଆ ପଛପଟ କାଜୁ ଜଙ୍ଗଲକୁ ଯାଇଥିବା ବେଳେ ଜଣେ ଯୁବକଙ୍କ କ୍ଷତବିକ୍ଷତ ମୃତଦେହ ପଡ଼ିଥିବା ଦେଖିଥିଲେ । ମୃତକଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ଥିଲା ଏବଂ ଗୋଡ଼ରୁ ପ୍ରଚୁର ରକ୍ତସ୍ରାବ ହୋଇଥିବା ଦେଖିବାକୁ ମିଳିଥିଲା । ମୁହଁମାଡ଼ି ହୋଇ ପଡ଼ି ରହିଥିବା ମୃତକଙ୍କ ପାଖରେ ତାଙ୍କ ଚପଲ ଓ ପାଣି ବୋତଲ ପଡ଼ିଥିଲା । କାଜୁ ଜଙ୍ଗଲରେ ହତ୍ୟାକାଣ୍ଡ ଘଟିଛି ବୋଲି ଖବର ବିଜୁଳି ବେଗରେ ଖେଳିଯାଇଥିଲା । ଖବରପାଇ ଏୟାର୍‌ଫିଲ୍ଡ ଥାନା ପୋଲିସ ସେଠାରେ ପହଞ୍ଚି ମୃତଦେହ ଜବତ କରି କ୍ୟାପିଟାଲ୍ ହସ୍ପିଟାଲ୍ ପଠାଇଥିଲା । ଘଟଣାସ୍ଥଳ ଯାଞ୍ଚ ବେଳେ ପୋଲିସ ସେଠାରୁ ମୋବାଇଲ୍ ଓ କିଛି ଦୂରରୁ ସ୍କୁଟି ପାଇଥିଲା ।



ମୋବାଇଲ୍‌ରୁ ଚିନୁଙ୍କ ପରିଚୟ ଜଣାପଡ଼ିବା ପରେ ସ୍ଥାନୀୟ ଅଞ୍ଚଳରେ ହଇଚଇ ସୃଷ୍ଟି ହୋଇଥିଲା । ଚିନୁଙ୍କୁ ହତ୍ୟା କରିଥିବା ବ୍ୟକ୍ତିମାନଙ୍କ ନାଁକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଆରମ୍ଭ ହୋଇଯାଇଥିଲା । ଦୀର୍ଘ କାଳ ଧରି ଚିନୁ ଏହି ଅଞ୍ଚଳରେ ଜମି ବ୍ୟବସାୟ କରୁଥିଲେ । ପ୍ରଧାନସାହି ଓ ଜାମୁକୋଳିରେ ପ୍ଲଟିଂ ବ୍ୟବସାୟକୁ ନେଇ କିଛି ସ୍ଥାନୀୟ ଲୋକଙ୍କ ସହ ତାଙ୍କର ବିବାଦ ଲାଗି ରହିଥିଲା । ଏକଦା ସେମାନେ ଚିନୁଙ୍କୁ ଆକ୍ରମଣ କରି ଗିରଫ ହୋଇଥିଲେ । ଜାମିନ୍‌ରେ ଆସିବା ପରେ ପୁଣି ସେମାନେ ଚିନୁଙ୍କୁ ଧମକ ଦେଇଥିଲେ । ୨ଦିନ ପୂର୍ବେ ସେମାନେ ଚିନୁଙ୍କୁ ଖୋଲାଖୋଲି ଧମକ ଦେଇଥିଲେ । ସ୍ଥାନୀୟ ଲୋକଙ୍କ ଚର୍ଚ୍ଚା ଅନୁସାରେ ପୂର୍ବାହ୍ଣ ପାଖାପାଖି ସାଢ଼େ ୧୧ଟାରେ ଚିନୁଙ୍କୁ ସେମାନେ ତାଙ୍କ ପ୍ଲଟ୍ ନିକଟରୁ ଜାମୁକୋଳି କାଜୁ ଜଙ୍ଗଲକୁ ଉଠାଇ ନେଇଥିଲେ । ସେଠାରେ ତାଙ୍କୁ ଲାଠି, ରଡ୍ ଓ ଶାବଳରେ ନିସ୍ଠୁକ ପିଟିଥିଲେ । ପ୍ରବଳ ମାଡ଼ରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା ।

## ପତ୍ନୀଙ୍କୁ ହତ୍ୟା କରି ଡ୍ରେନ୍‌କୁ ଫିଙ୍ଗିଦେଲା:ପତି ସମେତ ୨ ଗିରଫ

**ନୂଆଦିଲ୍ଲୀ, ନ୍ୟୁଜ୍ ବ୍ୟୁରୋ**

ପତ୍ନୀକୁ ତଣ୍ଟି ଚିପି ହତ୍ୟା କରିଥିଲେ । ପରେ ମୃତ ଦେହକୁ ଗୁଡାଇ ଏକ ସିମେଣ୍ଟ ବସ୍ତାରେ ବେଡ୍‌ସିଟ୍‌ରେ ବାନ୍ଧି ଡ୍ରେନ୍‌ରେ ପକାଇଥିଲେ । ମୃତଦେହ ଉଦ୍ଧାର ହେବା ପରେ ଏହାକୁ ଚିହ୍ନଟ କରିବାକୁ ପତି ମନା କରି ଦେଇଥିଲେ । ନିଜ ପତ୍ନୀ ବିଷୟରେ ପଚାରିବାରୁ ବୃନ୍ଦାବନ ଯାଇଥିବା କହିଥିଲେ । କିନ୍ତୁ ଫୋନ୍ ନମ୍ବର ମାଗିବା ବେଳକୁ ପତ୍ନୀ ମୋବାଇଲ୍ ନ ନେଇ ଯାଇଥିବା କହିଥିଲେ । ଏହା ସନ୍ଦେହକୁ ଅଧିକ ଘନୀଭୂତ କରିଥିଲା, ମାତ୍ର ପତ୍ନୀଙ୍କ ନାକରେ ଥିବା ନାକଫୁଲ ହତ୍ୟାର ଗୁମର ଖୋଲି ଦେଇଛି । ଶେଷରେ ପୋଲିସ ହତ୍ୟାକାରୀ ପତି (ବ୍ୟବସାୟୀ) ଅନିଲ କୁମାର ଏବଂ ତାଙ୍କର ସହଯୋଗୀ ଗାର୍ଡକୁ ଗିରଫ କରିଛି । ଗତ ମାର୍ଚ୍ଚ ୧୫ରେ ଦିଲ୍ଲୀର ଦ୍ୱାରକା ଅଞ୍ଚଳର ଏକ ଡ୍ରେନ୍‌ରୁ ମୃତଦେହ ପର୍ଦ୍ଦାଫାସ କରି ପୋଲିସ ଏହି ସୂଚନା ଦେଇଛି । ପୋଲିସ ସୂଚନା ଅନୁଯାୟୀ ସୀମା ସିଂହ (୪୭)ଙ୍କ ନାକ ଫୁଲ ଦକ୍ଷିଣ ଦିଲ୍ଲୀର ଏକ ଅଳଙ୍କାର ଦୋକାନରୁ କିଣା ଯାଇଥିଲା । ଏହାକୁ ଗୁରୁଗ୍ରାମର ଏକ ଫାର୍ମ ହାଉସ୍‌ରେ ରହୁଥିବା ପ୍ରପର୍ଟି ଡିଲର ତଥା ତାଙ୍କ ସ୍ୱାମୀ ଅନିଲ କୁମାର କିଣିଥିବା ରେକର୍ଡରୁ ଜଣା ପଡ଼ିଥିଲା । ଏହା ପରେ ପୋଲିସ କୁମାରଙ୍କ ଅଫିସରେ ପହଞ୍ଚି ଥିଲା । ଏଥିରୁ ମହିଳାଙ୍କ ପରିବାର ସଦସ୍ୟଙ୍କ ନମ୍ବର ମିଳିଥିଲା । ସୀମାଙ୍କ ଭଉଣୀ ବବିତାଙ୍କୁ ଫୋନ୍ କରାଯାଇଥିଲା । ମାତ୍ର ସେ ମାର୍ଚ୍ଚ ୧୧ ପରଠାରୁ ଭଉଣୀ ସହ କଥା ହୋଇନଥିବା କହିଥିଲେ । ଏହା ପରେ ସେ କୁମାରଙ୍କୁ ଫୋନ୍ କରି ପଚାରିବାରୁ ସୀମା ଜୟପୁରରେ ଅଛନ୍ତି ଏବଂ ଅସୁସ୍ଥ ଥିବାରୁ କଥା ହୋଇପାରିବନି ବୋଲି କହିଥିଲେ । ମାତ୍ର ଏପ୍ରିଲ ୧ରେ ପୀଡ଼ିତାଙ୍କ ପରିବାର ଏବଂ ବଡ଼ ପୁଅ ମୃତଦେହକୁ ଚିହ୍ନଟ କରିଥିଲେ । ଉକ୍ତ ଫାର୍ମ ହାଉସ୍‌ର ଚାବି କେବଳ କୁମାର ଏବଂ ସୀମାଙ୍କ ପାଖରେ ଥିବା କହିଥିଲେ । ଏହା ପରେ ପୋଲିସ କୁମାର ଓ ତାଙ୍କ ଗାର୍ଡକୁ ଗିରଫ କରିଥିଲା ।

## ଦନ୍ତା ଆକ୍ରମଣରେ ମହିଳା ମୃତ

**ଖୋର୍ଦ୍ଧା, ନ୍ୟୁଜ୍ ବ୍ୟୁରୋ**

ମହିଳାଙ୍କୁ ଦଳିଦେଲା ହାତୀ । ଖୋର୍ଦ୍ଧା ବନାଞ୍ଚଳ ବେଗୁନିଆ ବ୍ଲକ ଦେଉଳି ପଞ୍ଚାୟତର ଗୋପୀନାଥପୁର ଗ୍ରାମରେ ଏଭଳି ଏକ ଅଘଟଣ ଘଟିଛି । ମୃତକ ହେଲେ, ଗ୍ରାମର ମୀନକେତନ ରାଉତରାୟଙ୍କ ପତ୍ନୀ ବାସନ୍ତୀ ରାଉତରାୟ (୬୦) । ଭୋର୍‌ରେ ସେ ଶୌଚ ହେବାକୁ ଗାଁ ନିକଟ ଜଙ୍ଗଲକୁ ଯାଇଥିବା ବେଳେ ଏକ ଦନ୍ତା ହାତୀ ହାବୁଡ଼ରେ ପଡ଼ିଯାଇଥିଲେ । ପ୍ରାଣ ବିକଳରେ ଜୀବନ ବଞ୍ଚାଇବାକୁ ଦୌଡ଼ିବା ବେଳେ ହାତୀଟି ତାଙ୍କୁ ଶୁଣ୍ଢରେ ଟେକି କଚାଡ଼ି ଦେବା ସହ ପାଦରେ ଦଳି ଦେଇଥିଲା । ଘଟଣାସ୍ଥଳରେ ହିଁ ବାସନ୍ତୀଙ୍କ ମୃତ୍ୟୁ ଘଟିଥିଲା । ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା ବେଳେ ବନ ବିଭାଗର ଅପାରଗତାକୁ ଗ୍ରାମବାସୀ ଦାୟୀ କରିଥିଲେ । ବେଗୁନିଆ ଥାନା ଅଧିକାରୀ ଜ୍ୟୋତିପ୍ରକାଶ ପଣ୍ଡା, ଖୋର୍ଦ୍ଧା ଜିଲ୍ଲା ରେଞ୍ଜର ଜୟକୃଷ୍ଣ ପଣ୍ଡା ଓ ବନ ବିଭାଗ କର୍ମଚାରୀ ସାଧୁ ମହାପାତ୍ର ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇତିଲେ । ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ରେଞ୍ଜର ପ୍ରତିଶ୍ରୁତି ଦେଇଛନ୍ତି ।

## ନୂତନ ଶିକ୍ଷା ବର୍ଷ ଆରମ୍ଭରେ ମୁରବୀଶୂନ୍ୟ ଜିଲ୍ଲା ଶିକ୍ଷା ବିଭାଗ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ନୂତନ ଶିକ୍ଷାନୀତି ଚଳିତ ବର୍ଷରୁ ଲାଗୁ କରାଯାଉଛି । ଏନେଇ ବ୍ୟାପକ କାର୍ଯ୍ୟକ୍ରମ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ଗ୍ରହଣ କରାଯାଉଛି । ଖୋଦ୍ ଜିଲ୍ଲାପାଳ ଅଭିଭାବକଙ୍କୁ ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବ ସକାଶେ ଆମନ୍ତ୍ରଣ କରିବା ସହ ଗତ ୨ ତାରିଖରେ ଜିଲ୍ଲାବ୍ୟାପୀ ଖଡ଼ିଛୁଆଁ ଦିବସ ହୋଇଯାଇଛି । ଏଭଳି ସ୍ଥିତିରେ ଜିଲ୍ଲାରେ ଏହାର ଯିଏ ମଙ୍ଗ ଧରିବା କଥା ଅର୍ଥାତ୍ ଜିଲ୍ଲା ଶିକ୍ଷାଧିକାରୀ ପଦବୀ ଗତ ୨ ମାସରୁ ଅଧିକ ସମୟ ହେବ ଖାଲି ପଡ଼ିଛି । ଏବେ ନୂଆ ଶିକ୍ଷା ବର୍ଷ ଆରମ୍ଭ ହେଲାଣି । ନିକଟରେ ମାଟ୍ରିକ୍ ଓ ଯୁକ୍ତ ଦୁଇ ପରୀକ୍ଷା ସରିଛି । ଖାତା ମୂଲ୍ୟାୟନ ଚାଲିଛି । ଶୀଘ୍ର ଫଳ ପ୍ରକାଶ ପାଇବ । ବିଭିନ୍ନ ସ୍କୁଲରେ ଭିନ୍ନ ଭିନ୍ନ ଶ୍ରେଣୀର ବାର୍ଷିକ ପରୀକ୍ଷା ଫଳ ପ୍ରକାଶନ ସହ ଉଚ୍ଚ ଶ୍ରେଣୀରେ ନାମଲେଖା ଆଦି ପ୍ରକ୍ରିୟା ଚାଲିଛି । ଅଥଚ ଏହାକୁ ତଦାରଖ କରୁଥିବା ଜିଲ୍ଲା ଶିକ୍ଷା ମୁରବୀଶୂନ୍ୟ ହୋଇ ରହିଛି । ଫଳରେ କାର୍ଯ୍ୟ ଗୁରୁତର ପ୍ରଭାବିତ ହେଉଛି । ଏଥିସହ ନୂତନ ଜାତୀୟ ଶିକ୍ଷା ନୀତି କିଭଳି ଆରମ୍ଭରୁ ସଫଳ କାର୍ଯ୍ୟକାରୀ ହେବ ତାହା ପ୍ରଶ୍ନବାଚୀ ହେଲାଣି । ଗଞ୍ଜାମ ଡ଼ିଇଓଙ୍କ ବଦଳି ସହ ବାଲେଶ୍ୱର ଜିଲ୍ଲାରୁ ଜଣେ ମହିଳା ଅଧିକାରୀଙ୍କୁ ଏଠି ନିଯୁକ୍ତି ଦେଇଥିଲା ଶିକ୍ଷା ବିଭାଗ । ସମ୍ପୃକ୍ତ ଅଧିକାରୀ ତ ଆସିଲେ ନାହିଁ, ଓଲଟି ପୂର୍ବର ଡ଼ିଇଓ ଅମିତା ପଟ୍ଟନାୟକଙ୍କୁ ମାଟ୍ରିକ୍ ପରୀକ୍ଷା ପୂର୍ବରୁ ରିଲିଭ୍ କରିଦିଆଗଲା । ସେହିଦିନରୁ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଡ଼ିଇଓ, ଜିଲ୍ଲା ସମଗ୍ର ଶିକ୍ଷା ଅଭିଯାନ ପ୍ରକଳ୍ପ ସଂଯୋଜକ ଅତିରିକ୍ତ ଦାୟିତ୍ୱ ତୁଲାଉଛନ୍ତି । ନିଜ ମୂଳ କାମ ସହ ଆଉ ଦୁଇଟି ଜିଲ୍ଲାସ୍ତରୀୟ ପ୍ରମୁଖ ଦାୟିତ୍ୱ ସେ ଜଣେ ତୁଲାଉଥିବାରୁ ବିଭାଗୀୟ କାର୍ଯ୍ୟ କିଭଳି ହେଉଥିବ ତାହା ସହଜରେ ଅନୁମେୟ । ଜିଲ୍ଲାରେ ରହିଛି ୩୦୮୧ଟି ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ, ୬୪୯ଟି ମାଧ୍ୟମିକ ବିଦ୍ୟାଳୟ । ଗତ ଶିକ୍ଷା ବର୍ଷରେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍କୁଲରେ ୩,୧୧,୯୭୭ ଛାତ୍ରଛାତ୍ରୀ ପଢୁଥିବା ବେଳେ ମାଧ୍ୟମିକ ଶିକ୍ଷାରେ ପଢୁଥିଲେ ୧ ଲକ୍ଷ ୯୦ ହଜାର ୮୪୦ ବିଦ୍ୟାର୍ଥୀ । ଚଳିତ ଶିକ୍ଷା ବର୍ଷ ଆଡ୍‌ମିସନ୍ ଚାଲୁ ରହିଛି । ଏସବୁ ପରିସ୍ଥିତି ମଧ୍ୟରେ ନୂତନ ଜାତୀୟ ଶିକ୍ଷା ନୀତିର ସଫଳ କାର୍ଯ୍ୟକାରିତା ନେଇ ପ୍ରଶ୍ନ ଉଠୁଛି । ଏସବୁ ପ୍ରକ୍ରିୟା ସୂଚାରୁ ରୂପେ ସମ୍ପାଦନ କରିବା ପାଇଁ ଜିଲ୍ଲାରେ ଡ଼ିଇଓ ନାହାନ୍ତି । ଉଭୟ ଭୌଗୋଳିକ ଦୃଷ୍ଟିକୋଣ ଓ ଜନସଂଖ୍ୟା ଦୃଷ୍ଟିରୁ ଏକ ବୃହତ୍ ଜିଲ୍ଲା ଗଞ୍ଜାମ । ବହୁ ସଂଖ୍ୟକ ସ୍କୁଲ୍, ବିଭାଗୀୟ କର୍ମଚାରୀ, ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କୁ ସମ୍ଭାଳିବା ପାଇଁ ମୁଖିଆ ନଥିବା ବୁଦ୍ଧିଜୀବୀ ମହଲରେ କ୍ଷୋଭର କାରଣ ହୋଇଛି । ଆଗକୁ ଗ୍ରୀଷ୍ମଛୁଟି ପରେ ତଥା ସ୍କୁଲ୍ ଖୋଲିବା ପୂର୍ବରୁ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ବଦଳି ଏବଂ ଅନ୍ୟାନ୍ୟ ବିଭାଗୀୟ କାର୍ଯ୍ୟ ରହିଛି । ଜିଲ୍ଲାରେ ବିଭାଗୀୟ ମୁଖିଆ ନଥିବାରୁ ଏ ସବୁ କିଭଳି ପରିଚାଳିତ ହେବ ତାହାକୁ ସରକାର ଦୃଷ୍ଟିରେ ରଖି ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ମତ ପ୍ରକାଶ ପାଉଛି । ଏ ସମ୍ପର୍କରେ ଜିଲ୍ଲାପାଳ ଦିବ୍ୟାଜ୍ୟୋତି ପରିଡ଼ା କହିଛନ୍ତି ଜିଲ୍ଲା ଶିକ୍ଷାଧିକାରୀ ନିଯୁକ୍ତି ଦିଆଯିବା ନେଇ ସରକାରଙ୍କୁ ଅବଗତ କରାଯାଇଛି । ନୂଆ ଅଧିକାରୀ ଆସିବା ପର୍ଯ୍ୟନ୍ତ ଭାରପ୍ରାପ୍ତ ଅଧିକାରୀ ଏହି କାର୍ଯ୍ୟ କରିବେ ।

## ବର୍ଷାରେ ଭିଜି ରାତି କାଟିଲେ ଶିଶୁ ଓ ମହିଳା:ଶୁଣୁନି ପ୍ରଶାସନ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ରାଜନଗର ତହସିଲ ଅନ୍ତର୍ଗତ ସାତଭାୟା ବଗପାଟିଆର ୪୦ ଦଳିତ ପରିବାରଙ୍କର ଜିଲ୍ଲା କାର୍ଯ୍ୟାଳୟ ଆଗାରେ ଅନଶନ ଓ ଧାରଣା ଜାରି ରହିଛି । ନିଜର ଅଧିକାର ଦାବିରେ ଶିଶୁ, ମହିଳା ଓ ବୃଦ୍ଧ ପାଲ ତଳେ ରାତି କାଟୁଛନ୍ତି । ଗତକାଲି ଲଘୁଚାପ ବର୍ଷା ଓ ପ୍ରବଳ ପବନରେ ପାଲ ଛିଣ୍ଡି ଯାଇଥିବା ବେଳେ ବର୍ଷାରେ ଶିଶୁ ଓ ମହିଳା ଭିଜିଭିଜି ରାତିସାରା ଛିଡାହୋଇ ରାତି କାଟିଛନ୍ତି । ଜିଲ୍ଲା ପ୍ରଶାସନ ଏମାନଙ୍କୁ ଥଇଥାନ କରିବା ପାଇଁ ଜାଗା ଚିହ୍ନଟ କରାଇଥିବା ବେଳେ ଜାଗାର ପଟା (ପାର୍ଚ୍ଚା) ଏମାନଙ୍କୁ ଦିଆଯାଉନାହିଁ । ଦୀର୍ଘ ବର୍ଷ ହେଲା ଏହି ୪୦ ଦଳିତ ପରିବାର ରାଜନଗର ତହସିଲ, ଜିଲ୍ଲା ପ୍ରଶାସନ, ଉଚ୍ଚ ନ୍ୟାୟାଳୟ ଠାରୁ ଆରମ୍ଭ କରି ବିଧାୟକ, ମନ୍ତ୍ରୀଙ୍କ ପାଖକୁ ଦୌଡି ଦୌଡି ନିରାଶ ହୋଇଛନ୍ତି । ଏହି ଦଳିତ ପରିବାର ପାର୍ଚ୍ଚା ଦାବିରେ ମହିଳା, ଶିଶୁ ଓ ବୃଦ୍ଧଙ୍କୁ ନେଇ ଧାରଣା ଜାରି ରଖିଥିବା ବେଳେ ଏମାନଙ୍କ ମଧ୍ୟରୁ ୨ଜଣ ଶିଶୁ ଓ ମହିଳା ଅସୁସ୍ଥ ହୋଇ ଚିକିତ୍ସିତ ହେଉଛନ୍ତି । ଜିଲ୍ଲା ପ୍ରଶାସନ ତୁରନ୍ତ ଏମାନଙ୍କର ସମସ୍ୟା ସମାଧାନ କରିବା ପାଇଁ ସାଧାରଣରେ ଦାବି ହେଉଛି ।

# ଭିଜିଲାନ୍ସ ଜାଲରେ ଚିତ୍ରକୋଣ୍ଡା ସହକାରୀ ଯନ୍ତ୍ରୀ

**ମାଲକାନଗିରି, ନ୍ୟୁଜ୍ ବ୍ୟୁରୋ**

ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକର ସହକାରୀ ଯନ୍ତ୍ରୀ ପବିତ୍ର ମୋହନ ପାଣିଗ୍ରାହୀ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି । ସନ୍ଧ୍ୟାରେ ନିଜର ୱାଗନର୍ କାରରେ ନଗଦ ଟଙ୍କା ନେଇ ଯାଉଥିବା ବେଳେ ଭିଜିଲାନ୍ସ ମାଡ଼ି ବସିଥିଲା । ମାଲକାନଗିରି ଦୁର୍ନୀତି ନିବାରଣ ବିଭାଗର ଡିଏସ୍‌ପି ସଦାନନ୍ଦ ପାଣିଗ୍ରାହୀଙ୍କ ନେତୃତ୍ୱରେ କୋରାପୁଟ ଡିଭିଜନ୍ ଏବଂ ମାଲକାନଗିରି ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ଏହି ଚଢ଼ଉ କରାଯାଇଥିଲା । ବିଶେଷ ସୂତ୍ରରୁ ଭିଜିଲାନ୍ସ ଡିଏସ୍‌ପି ଖବର ପାଇଥିଲେ ଯେ ନଗଦ ଟଙ୍କା ନେଇ ସହକାରୀ ଯନ୍ତ୍ରୀ ଶ୍ରୀ ପାଣିଗ୍ରାହୀ ନିଜ କାରରେ ଯାଉଛନ୍ତି । ଗୋବିନ୍ଦପାଲ୍ଲୀ ଛକ ନିକଟରେ ଭିଜିଲାନ୍ସ କର୍ମକର୍ତ୍ତା ଶ୍ରୀ ପାଣିଗ୍ରାହୀଙ୍କ କାର୍‌କୁ ଅଟକାଇ ଯାଞ୍ଚ କରିବା ପରେ କାର୍‌ରୁ ନଗଦ ୫ ଲକ୍ଷ ୭ ହଜାର ଟଙ୍କା ଜବତ ହୋଇଛି ।



ଏହି ଟଙ୍କା ଶ୍ରୀ ପାଣିଗ୍ରାହୀ କେଉଁଠାରୁ ଆଣିଲେ ଠିକ୍ ରୂପେ କହିପାରୁନଥିବା ଡ଼ିଏସ୍‌ପି କହିଛନ୍ତି । ଶ୍ରୀ ପାଣିଗ୍ରାହୀଙ୍କୁ ଜୟପୁର ଏସ୍‌ପିଙ୍କ କାର୍ଯ୍ୟାଳୟକୁ ନିଆଯାଇ ଅଧିକା ତଦନ୍ତ କରାଯାଉଛି । ଶ୍ରୀ ପାଣିଗ୍ରାହୀଙ୍କ ଅନ୍ୟ ଜାଗାରେ ମଧ୍ୟ ତଦନ୍ତ ଚାଲିଥିବା ଜଣାପଡ଼ିଛି । ତଦନ୍ତ ପରେ ସବିଶେଷ ବିବରଣୀ ପ୍ରଦାନ କରାଯିବ ବୋଲି ଜଣାପଡ଼ିଛି । ଭୁବନେଶ୍ୱର ସ୍ଥିତ ଘରୁ ୧୦ ଲକ୍ଷ ଟଙ୍କା ଜବତ ହୋଇଛି ।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ

(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)

ମୋବାଇଲ୍-୯୩୩୭୬୯୩୦୨୨

csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**

| | | |
|---|---|---|
| ୪ / ଶୁକ୍ର | ୨ | ସୂର୍ଯ୍ୟ/ଶନି/ରାହୁ/ବୁଧ / ୧୨ |
| ୫ ମଙ୍ଗଳ | ୧୪ / ୬ | ୧୧ |
| ୬ / ୭ କେତୁ | ୮ | ୧୦ / ୯ |

**କଳିକା ପଞ୍ଜିକା :** ଉତ୍କଳୀୟ ସନ –୧୪୩୨ ସାଲ, ଶକାବ୍ଦ –୧୯୪୩, ସମ୍ବତ୍ – ୨୦୮୧, ହିଜରୀ – ୧୪୪୬, କଳିଯୁଗାବ୍ଦ – ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ – ଅ୬୮ଙ୍କ

**ତା୧୩।୪।୨୦୨୫, ଚୈତ୍ର ଦି୩୧ନ, ରବିବାର**

**ସୂର୍ଯ୍ୟୋଦୟ- ଘ୫।୩୧।୨୪** **ଚନ୍ଦ୍ରୋଦୟ- ସଂଘ ୬।୨୫।୧୩**

**ପୂର୍ଣ୍ଣିମା ମଳ-** ପ୍ରାଘ ୫।୫୩ ପର୍ଯ୍ୟନ୍ତ । **ଚିତ୍ରା ନକ୍ଷତ୍ର-** ରାଘ ୯।୧୧ ପର୍ଯ୍ୟନ୍ତ । **କନ୍ୟା ଚନ୍ଦ୍ର-** ଦିଘ ୭।୩୮ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, କର୍କଟ, ସିଂହ, କନ୍ୟା, ବିଛା, ଧନୁ, ମକର ଓ ମୀନ ରାଶିର । ଦିଘ ୭।୩୮ ଗତେ ମେଷ, ବୃଷ, କର୍କଟ, ସିଂହ, ତୁଳା, ବିଛା, ଧନୁ ଓ ମକର ରାଶିର । **ଘାତ ଚନ୍ଦ୍ର-** ଦିଘ ୭।୩୮ ମଧ୍ୟେ ବୃଷ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ପ୍ରତିପଦର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଆମିଷ ପ୍ରାଘ ୫।୫୩ ପରେ ବୋଇତି କଖାରୁ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୩୪ ଗତେ ଘ ୯।୪୩ ମଧ୍ୟେ । ଦିଘ ୧।୨୧ ଗତେ ଘ ୧।୫୨ ମଧ୍ୟେ । **ପର୍ବୋତ୍ସବ-** ମାସାନ୍ତ, ବୈଶାଖ ବ୍ରତାରମ୍ଭ, ରାଜଧାନୀ ଭୁବନେଶ୍ୱର ପ୍ରତିଷ୍ଠା ଦିବସ, ଉତ୍କଳୀୟ ବର୍ଷ ଶେଷ ।



**ମେଷ:** ବେଶ୍ ପ୍ରଶଂସା ଲାଭ କରିବେ । ମନରେ ଅଦମ୍ୟ ଉତ୍ସାହ ଆସିବ । ଦୁଃସାହସିକ ହେବେ । ଶାରୀରିକ ସୁସ୍ଥତା ଅନୁଭବ କରିବେ । ଗୃହେ ଆନନ୍ଦ । ଆୟ ଓ ବ୍ୟୟ ସମାନ ରହିବାର ସୂଚନା ।



**ବୃଷ:** ଆଜି ଆପଣଙ୍କର ଘାତଚନ୍ଦ୍ର । ଏଣୁ ସାବଧାନତା ଅବଲମ୍ବନୀୟ । ରୋଜଗାର ମଧ୍ୟମ ଧରଣର ହେବ । ସୁସମ୍ବାଦ ଲାଭ କରିବେ । ପରିବାରରେ ବାଦ ବିବାଦର ଆଶଙ୍କା । ଯାହା କିଛି କରିବେ ଆଗରୁ ଚିନ୍ତା କଲେ ଭଲ ।



**ମିଥୁନ:** ରୋଜଗାରରେ ବାଧା ସୃଷ୍ଟି ହେବ । କର୍ମକ୍ଷେତ୍ରରେ ଅସହଯୋଗ ବିରକ୍ତିର ସୂତ୍ରପାତ କରାଇବ । ଅଶାନ୍ତି ବୋଧ ହେବ । ଏଣୁ କଳି ତକରାଳ ସୃଷ୍ଟିର ସମ୍ଭାବନା । ନୂତନ ବନ୍ଧୁ ଜୁଟିବାର ସମ୍ଭାବନା ।



**କର୍କଟ:** ମନରେ ଶତ ସିଂହର ବଳ ନେଇ ପ୍ରତ୍ୟେକ କାର୍ଯ୍ୟରେ ଜୟଯୁକ୍ତ ହେବେ । ଉଚ୍ଚ ଆଶା ଫଳବତୀ ହେବ । ଆୟ ଓ ବ୍ୟୟ ସମାନ ରହିବ । ପରିବାରରେ ପ୍ରାଧାନ୍ୟ ବୃଦ୍ଧି । ମାନସିକ ଶାନ୍ତି ଲାଭ ହେବ ।



**ସିଂହ:** କର୍ମହାନୀ, ମନରେ ଦୁର୍ବଳତା ଆସିବ । ନାନା ଦୁର୍ଭାବନା ମନକୁ ଅଚଳ କରିବ । ଆଳସ୍ୟତା ଆସିବ । ରୋଜଗାର ମଧ୍ୟମ ହେବ । ଦୂରଯାତ୍ରା ସ୍ଥଗିତ ରହିପାରେ । ପାରିବାରିକ ଶାନ୍ତି ବଜାୟ ରହିବ ।



**କନ୍ୟା:** ଆଜି ଦିନଟି ବେଶ୍ ସୁଖ ସ୍ୱାଚ୍ଛନ୍ଦ୍ୟରେ କଟିବ । ବାକିଥିବା କାର୍ଯ୍ୟ ନିର୍ବାହ ହେବ । ରୋଜଗାରରେ ସମସ୍ୟା ଦେଖାଦେବ । ଭୋଜନେ ତୃପ୍ତି ଲାଭ । ପାରିବାରିକ ଆଦର ବୃଦ୍ଧି । କର୍ମକ୍ଷେତ୍ରରେ ଉଜ୍ଜ୍ୱଳମୟ ହେବ ।



**ତୁଳା:** ବିଭିନ୍ନ ଦିଗରୁ ସହକର୍ମୀ ମାନଙ୍କ ଅସହଯୋଗ ବଢ଼ିବ । କର୍ମହାନୀର ସୂଚନା । ପଥରୋଧର ଆଶଙ୍କା । ଆୟରେ ବାଧା ଜାତ ହେବ । ପରିବାରରେ ବାଦବିବାଦ ଦେଖାଦେବ । ଶତ୍ରୁ ପ୍ରତି ସତର୍କ ରହିବେ ।



**ବିଛା:** କର୍ମକ୍ଷେତ୍ରରେ ସାହାଯ୍ୟ ସହଯୋଗ ପାଇ ଅଗ୍ରଗତି କରିଚାଲିବେ । ଅଳ୍ପ ଆୟରେ ସନ୍ତୁଷ୍ଟ ହେବାକୁ ପଡ଼ିବ । ଦୟାଳୁ ହେବେ । ଆର୍ଥିକ ଆଶା ନିରର୍ଥକ ହେବ । ଦେହ ଓ ମନ ଭଲ ରହିବାର ସୂଚନା ।



**ଧନୁ:** ଆଜି ଦିନଟି ବେଶ୍ ଭଲରେ ବିତିବ । ଦୂରଯାତ୍ରା କରି ଆନନ୍ଦିତ ହେବେ । କାର୍ଯ୍ୟ ସିଦ୍ଧି ହେବ । ଆର୍ଥିକ ସ୍ଥିତି ଭଲ ରହିବ । ବନ୍ଧୁ ସହଯୋଗ ପାଇବେ । ପାରିବାରିକ ସହଯୋଗ ଲାଭ କରିବେ ।



**ମକର:** କର୍ମଚ୍ୟୁତିର ଆଶଙ୍କା । ଶରୀର ସୁସ୍ଥ ରହିବ । କର୍ମକ୍ଷେତ୍ରରେ ସହଯୋଗ ମିଳିବନାହିଁ । ରୋଜଗାରରେ ବାଧା ଦେଖାଦେଇପାରେ । ଅଳସୁଆ ହେବେ । ପରିବାରରେ ଅଶାନ୍ତି ଦେଖାଦେବ । ମହିଳାମାନେ ଗର୍ବୀ ହେବେ ।



**କୁମ୍ଭ:** କର୍ମକ୍ଳାନ୍ତି ଅନୁଭବ କରିବେ । କର୍ମକ୍ଷେତ୍ରରେ ନିଜକୁ ଏକୁଟିଆ ଭାବିବେ । ଶାରୀରିକ ଅସୁସ୍ଥତା ପାଇଁ ଅର୍ଥରେ ବାଧା ସୃଷ୍ଟି ହେବ । ପରିବାରରେ ସହଯୋଗ ପାଇବେ । ଶୁଭ ଖବର ପାଇବାର ସୂଚନା ।



**ମୀନ:** ଦୂରଯାତ୍ରା ସାଫଲ୍ୟ ମଣ୍ଡିତ ହେବ । ବନ୍ଧୁ ମିଳନର ସୁଯୋଗ ଆସିବ । ସାହାଯ୍ୟ ସହଯୋଗ ପାଇପାରିବେ । ଆୟ ଓ ବ୍ୟୟ ସମାନ ରହିବ । ପରିବାରରେ ଆନନ୍ଦ ଉଲ୍ଲାସ ଲାଗି ରହିବ ।

## ସୁନା ଚେନ୍ ଲୁଟ୍ ମାମଲାରେ ମହିଳା ଗିରଫ

**ପୁରୀ, ନ୍ୟୁଜ୍ ବ୍ୟୁରୋ**

ରାସ୍ତାରେ ଅଟକାଇ ସୁନା ଚେନ୍ ଲୁଟ୍ କରିବା ଅଭିଯୋଗରେ ଚନ୍ଦନପୁର ଥାନା ପୋଲିସ ଜଣେ ମହିଳାଙ୍କୁ ଗିରଫ କରିଛି । ପୂର୍ବରୁ ତାଙ୍କ ସ୍ୱାମୀକୁ ପୋଲିସ ଗିରଫ କରି ଅଦାଲତ ଚାଲାଣ କରିଥିଲା । ପୋଲିସ ସୂଚନା ଅନୁସାରେ, ଦିବାକର ବିଶ୍ୱାଳ ଜଗନ୍ନାଥ ସଡ଼କରେ ଶୁକଳରୁ ପୁରୀକୁ ବାଇକ୍ ଯୋଗେ ଯାଉଥିବା ବେଳେ ବେଦରପଡ଼ା ଛକରେ ସୁନିଲ ମୁଦୁଲି (୩୪) ଓ ତାଙ୍କ ପତ୍ନୀ ଅଟକାଇଥିଲେ । କାରଣ ପଚାରିବା ସମୟରେ ପତି ପତ୍ନୀ ତାଙ୍କ ବେକରୁ ସୁନା ଚେନ୍ ଝାମ୍ପି ନେଇ ଯାଇଥିବା ଅଭିଯୋଗ ହୋଇଥିଲା । ଚନ୍ଦନପୁର ଥାନା ପୋଲିସ ଏନେଇ ମାମଲା ରୁଜୁ କରି ପୂର୍ବରୁ ସୁନିଲକୁ ଗିରଫ କରି ଅଦାଲତ ଚାଲାଣ କରିଥିଲା ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ –୧୪୩୨ ସାଲ, ଶକାବ୍ଦ –୧୯୪୩, ସମ୍ବତ୍ – ୨୦୮୧, ହିଜରୀ – ୧୪୪୬, କଳିଯୁଗାବ୍ଦ – ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ – ଅ୬୮ଙ୍କ

**ତା୧୪।୪।୨୦୨୫, ବୈଶାଖ ଦି୧ନ, ସୋମବାର**

**ସୂର୍ଯ୍ୟୋଦୟ- ଘ୫।୩୦।୩୬** **ଚନ୍ଦ୍ରୋଦୟ- ସଂଘ ୭।୧୫।୦୮**

**ପ୍ରତିପଦ-** ଦିଘ ୮।୨୫ ପର୍ଯ୍ୟନ୍ତ । **ସ୍ୱାତୀ ନକ୍ଷତ୍ର-** ରାଘ ୧୨।୧୩ ପର୍ଯ୍ୟନ୍ତ । **ତୁଳା ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, କର୍କଟ, ସିଂହ, ତୁଳା, ବିଛା, ଧନୁ ଓ ମକର ରାଶିର । **ଘାତ ଚନ୍ଦ୍ର-** ନାସ୍ତି । **ଶ୍ରାଦ୍ଧନିର୍ଣ୍ଣୟ-** ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପାଣି କଖାରୁ ଦିଘ ୮।୨୫ ପରେ ବୋଇତି କଖାରୁ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୩୩ ଗତେ ଘ ୭।୦୬ ମଧ୍ୟେ । ଦିଘ ୧୦।୩୧ ଗତେ ଘ ୧।୦୨ ମଧ୍ୟେ । **ପର୍ବୋତ୍ସବ-** ମହାବିଷୁବ ପଣା ସଂକ୍ରାନ୍ତି, ହନୁମାନ ଜୟନ୍ତୀ, ଉତ୍କଳୀୟ ନବ ବର୍ଷାରମ୍ଭ, ଡ଼ଃ. ଆମ୍ବେଦକର ଜୟନ୍ତୀ, ମେରୁ ଯାତ୍ରା ।

31 YEARS
ସମ୍ବାଦ କଳିକା

# ୧୨ଟି ଦେଶରେ ୧୦୦ରୁ ଅଧିକ ଭାରତୀୟ ଜେଲ୍‌ରେ ଅଛନ୍ତି ବନ୍ଦୀ

ସାରା ଦୁନିଆର ବିଦେଶୀ ଜେଲ୍‌ରେ ମୋଟ ୧୦ ହଜାର ୧୫୨ ଜଣ ଭାରତୀୟ ନାଗରିକ ବନ୍ଦୀ ଅଛନ୍ତି । ସଂସଦୀୟ କମିଟିର ଏକ ରିପୋର୍ଟରେ ଏହି ତଥ୍ୟ ସାମନାକୁ ଆସିଛି । ଏମାନଙ୍କ ମଧ୍ୟରୁ ଅନେକ ଅଣ୍ଡର୍ ଟ୍ରାୟଲ୍ ଅଛନ୍ତି ଓ ଅନେକ ଦଣ୍ଡ ଭୋଗୁଛନ୍ତି । ଏପରି କଏଦୀଙ୍କ ଟ୍ରାନ୍ସଫର୍ ପାଇଁ ଭାରତ ସରକାର ଏବେ ସୁଦ୍ଧା ୩୧ ଦେଶଙ୍କ ସହ ଦ୍ୱିପାକ୍ଷିକ ଚୁକ୍ତି କରିଛନ୍ତି । ଏହି ଚୁକ୍ତି ଅନୁସାରେ ବିଦେଶୀ ଜେଲ୍‌ରେ ଦଣ୍ଡ ଭୋଗୁଥିବା ଭାରତୀୟଙ୍କୁ ଭାରତ ଆଣି ଏଠାରେ ବାକି ଥିବା ଦଣ୍ଡ ଭୋଗିବା ପାଇଁ ଅନୁମତି ମିଳୁଛି । କିନ୍ତୁ ଗତ ତିନି ବର୍ଷରେ ମାତ୍ର ୮ ଭାରତୀୟ କଏଦୀ ହିଁ ବିଦେଶୀ ଜେଲରୁ ଭାରତ ଟ୍ରାନ୍ସଫର୍ ହୋଇଛନ୍ତି ।

ଟ୍ରାନ୍ସଫର୍ ଅଫ୍ ସେଣ୍ଟେଷ୍ଟଡ୍ ପର୍ସନ ଚୁକ୍ତି ଅନୁସାରେ ୨୦୨୩ ମସିହାରେ ପାଞ୍ଚ ଜଣଙ୍କୁ ଭାରତ ଅଣାଯାଇଥିଲା । ଏଥିରୁ ତିନି ଜଣ ଇରାନ, ଜଣେ କମ୍ବୋଡିଆ ଓ ଅନ୍ୟ ଜଣେ ବ୍ରିଟେନ୍ ଜେଲରେ ବନ୍ଦୀ ଥିଲେ । ସେହିପରି ୨୦୨୪ରେ ବ୍ରିଟେନରୁ ୨ ଜଣ ଓ ରୁଷରୁ ଜଣେ ବନ୍ଦୀ ଭାରତ ଆସିଛନ୍ତି । ଭାରତ ଏହି ଦ୍ୱିପାକ୍ଷିକ ବୁଝାମଣା ବ୍ୟତୀତ ଦୁଇଟି ଅନ୍ତରାଷ୍ଟ୍ରୀୟ ରାଜିନାମା ଉପରେ ମଧ୍ୟ ହସ୍ତାକ୍ଷର କରିଛି । ଇଣ୍ଟର ଆମେରିକନ୍ କନ୍‌ଭେନ୍‌ସନ୍ ଅନ୍ ସର୍ଭିଙ୍ଗ କ୍ରିମିନାଲ୍ ସେଣ୍ଟେନ୍ସ ଓ କାଉନ୍‌ସିଲ୍ ଅଫ୍ ୟୁରୋପ କନ୍‌ଭେନ୍‌ସନ୍ ଅନ୍ ଟ୍ରାନ୍ସଫର୍ ଅଫ୍ ସେଣ୍ଟେଷ୍ଟଡ୍ ପର୍ସନ୍ସ । ଏହା ଜରିଆରେ ୟୁରୋପ ଓ ଆମେରିକାର ଅଧିକାଂଶ ଆସନ୍ତି, କିନ୍ତୁ ଏସିଆ, ଆଫ୍ରିକା ଓ ପୂର୍ବ ୟୁରୋପର ଅନେକ ଦେଶ ସହ ଏବେ ବି ଏପରି ଚୁକ୍ତି ହୋଇପାରି ନାହିଁ । ରିପୋର୍ଟରେ କୁହାଯାଇଛି ଯେ ୧୨ଟି ଦେଶରେ ୧୦୦ରୁ ଅଧିକ ଭାରତୀୟ ଜେଲରେ ବନ୍ଦୀ ଅଛନ୍ତି । ଏମାନଙ୍କ ମଧ୍ୟରେ ସାଉଦି ଆରବ (୨୬୪୭) ୟୁଏଇ (୨୪୭୯), ନେପାଳ (୧୧୮୭), ମାଲେସିଆ (୩୭୧) ଓ ବାହାରିନ୍ (୨୭୨) ପ୍ରମୁଖ ଅଛନ୍ତି । ଏହି ୧୨ରୁ ୯ ଦେଶ ସହ ଟ୍ରାନ୍ସଫର୍ ରାଜିନାମା ସ୍ୱାକ୍ଷର ଅଛି । ଭାରତ ସହ ୫୨ଟ ସ୍ୱାକ୍ଷର କରିଥିବା ଦେଶଗୁଡ଼ିକ ହେଲେ- ଅଷ୍ଟ୍ରେଲିଆ, ବାହାରିନ, ବାଂଲାଦେଶ, ବୋସନିଆ, ବ୍ରାଜିଲ, କାମ୍ବୋଡିଆ, ଇଜିପ୍ଟ, ଏଷ୍ଟୋନିଆ, ଫ୍ରାନ୍ସ, ହଂକଂ, ଇରାନ, ଇସ୍ରାଏଲ, ଇଟାଲୀ, କାଜାଖସ୍ତାନ, କୋରିଆ, କୁଏତ, ମାଳଦ୍ୱୀପ, ମଙ୍ଗୋଲିଆ, କତାର, ରୁଷ, ସାଉଦି ଆରବ, ସୋମାଲିଆ, ସ୍ପେନ, ଶ୍ରୀଲଙ୍କା, ଥାଇଲ୍ୟାଣ୍ଡ, ତୁର୍କୀ, ୟୁଏଇ, ୟୁକେ ଏବଂ ଭିଏତନାମ ।

# ରାଜଧାନୀ ପ୍ରତିଷ୍ଠା ଦିବସ ପରିପ୍ରେକ୍ଷୀରେ (୧)



ଶ୍ରୀ ବୁଦ୍ଧରାମ ସାହୁ
ଖାରବେଳନଗର
ମୋ – ୯୪୩୭୧୭୯୦୪୭

ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହର ଲାଲ ନେହେରୁ ୧୯୪୮ ମସିହା ଏପ୍ରିଲ ୧୩ ତାରିଖ ମହାବିଷୁବ ସଂକ୍ରାନ୍ତି ଦିନ ଓଡ଼ିଶାର ନୂତନ ରାଜଧାନୀର ଭିତ୍ତିପ୍ରସ୍ତର ସ୍ଥାପନ କଲେ । ସେତେବେଳେ ଓଡ଼ିଶା ରାଜ୍ୟ ସମ୍ବନ୍ଧରେ ବାହାର ରାଜ୍ୟମାନଙ୍କ ଲୋକଙ୍କୁ ଅଜଣା ଥିଲା । ବାହାର ରାଜ୍ୟ ବାସିନ୍ଦାମାନେ ନିଜର ଜୀବିକା ନିର୍ବାହ କରିବା ପାଇଁ ରେଳଯୋଗେ ଆସିବା ଆରମ୍ଭ କଲେ । ସେତେବେଳେ ନୂଆ ରାଜଧାନୀକୁ ସଂଯୋଗ କରିବା ପାଇଁ ତିନୋଟି ରେଳ, ଯଥା ପୁରୀ ହାଓଡ଼ା ଏକ୍ସପ୍ରେସ୍, ଆଶାନସୋଲ ପୁରୀ ପାସେଞ୍ଜର ଏବଂ ତାଳଚେର ପୁରୀ ପାସେଞ୍ଜର ଚାଲିଥିଲା । ବିହାର ରାଜ୍ୟର ପାଟନା ଠାରେ ଅବିଭକ୍ତ ଓଡ଼ିଶାର ରାଜଧାନୀ ଥିଲା ତେଣୁ ଅଧିକାଂଶ ଅଣଓଡ଼ିଆ କର୍ମଚାରୀ ବିହାର, ପଶ୍ଚିମବଙ୍ଗ ରାଜ୍ୟରୁ ଆସି ଏଠାରେ କର୍ମଚାରୀ ଭାବେ ବସବାସ କରୁଥିଲେ । ଏଥିସହିତ ବହୁ ଅଣଓଡ଼ିଆ ବ୍ୟକ୍ତି ବ୍ୟବସାୟ କରିବା ଉଦ୍ଦେଶ୍ୟରେ ନୂଆ ରାଜଧାନୀରେ ପହଞ୍ଚିଲେ ନିଜର ଭବିଷ୍ୟତ ନିର୍ମାଣ ଆଶାରେ ।

ଓଡ଼ିଶା ସରକାରଙ୍କ ଯୋଜନାବୋର୍ଡ଼ ଉପଦେଷ୍ଟାଙ୍କ ପ୍ରସ୍ତାବକ୍ରମେ ପୁରୁଣା ଭୁବନେଶ୍ୱର ଓ ମଞ୍ଚେଶ୍ୱରର ମଧ୍ୟବର୍ତ୍ତୀ ସ୍ଥାନରେ ରାଜଧାନୀ ନିର୍ମାଣ ପାଇଁ ସ୍ଥାନ ସ୍ଥିର କରାଗଲା । ଡ. ହରେକୃଷ୍ଣ ମହତାବ ଓଡ଼ିଶାର ପ୍ରଧାନମନ୍ତ୍ରୀ ଥିଲାବେଳେ ତାଙ୍କ ମନ୍ତ୍ରୀମଣ୍ଡଳ ଓ ବିଧାନସଭାରେ ସର୍ବସମ୍ମତିକ୍ରମେ ରାଜଧାନୀ ନିର୍ମାଣ ପ୍ରସ୍ତାବ ଗୃହୀତ କରାଗଲା ଏବଂ ଓଡ଼ିଶାର ତତ୍‌କାଳୀନ ରାଜ୍ୟପାଳ ଶ୍ରୀଯୁକ୍ତ କୈଳାସନାଥ କାଟଜୁ ଭବିଷ୍ୟତରେ ହାଇଦ୍ରାବାଦ ଓ ସିକନ୍ଦରାବାଦ ସହର ପରି ଭୁବନେଶ୍ୱର ଓ କଟକ ସହର ଦିନେ ଦ୍ୱୈତ ସହରରେ ପରିଣତ ହେବ ଦୃଢ଼ ଆଶା ପ୍ରକଟ କରିଥିଲେ ।

ରାଜଧାନୀ ନିର୍ମାଣ ପାଇଁ ସ୍ୱାସ୍ଥ୍ୟକର ପ୍ରତିବେଶ ଓ ଜଳବାୟୁ ଐତିହାସିକ କୀର୍ତ୍ତିରାଜ, କଳା ସ୍ଥାପତ୍ୟ, ପର୍ଯ୍ୟଟନସ୍ଥଳୀ ଓ ଗମନାଗମନ ସୁବିଧା ଏବଂ ଭବିଷ୍ୟତରେ ସମ୍ପ୍ରସାରଣ ନିମନ୍ତେ ଯଥେଷ୍ଟ ସ୍ଥାନ ରହିଥିବା ଦୃଷ୍ଟିରୁ ଏହାକୁ ଉପଯୁକ୍ତ ବୋଲି ମନୋନୀତ କରାଗଲା ଏବଂ ସେହି କୋଠାବାଡ଼ି ନିର୍ମାଣ ପାଇଁ ୧୨ ବର୍ଗ କି.ମି. ଅଞ୍ଚଳକୁ ନେଇ ମାଷ୍ଟର ପ୍ଲାନ୍ ନିର୍ମାଣ କରାଗଲା । ସର୍ବପ୍ରଥମେ ୧୫୦୦ ସରକାରୀ ଗୃହ ସହିତ, ରାଜଭବନ, ଓଡ଼ିଶା ବିଧାନ ସଭା ଗୃହ, ରାଜ୍ୟ ସଚିବାଳୟ, ବିଭାଗୀୟ ମୁଖ୍ୟ ଦପ୍ତ ରାଜ୍ୟ ସଂଗ୍ରହାଳୟ, ଡାକଘର, ମୁଖ୍ୟ ହସ୍‌ପିଟାଲ, ପୋଲିସ ଷ୍ଟେସନ, ବସଷ୍ଟାଣ୍ଡ, ସ୍କୁଲଗୃହ, ମନ୍ତ୍ରୀମଣ୍ଡଳ ସଦସ୍ୟ ଓ ବିଧାନସଭା ସଦସ୍ୟଙ୍କ ବାସଗୃହ । ଅନ୍ୟାନ୍ୟ କାର୍ଯ୍ୟାଳୟ ସମେତ ଦୋକାନଗୃହ, ହାଟବଜାର ପାଇଁ ମଧ୍ୟ ଗୃହ ନିର୍ମାଣ କରାଯିବା ପାଇଁ ବ୍ୟବସ୍ଥା କରାଯାଇଥିଲା । ୧୯୫୧ ଜନଗଣନା ଅନୁଯାୟୀ ଭୁବନେଶ୍ୱରର ଲୋକସଂଖ୍ୟା ଥିଲା ପ୍ରାୟ ୧୬ ହଜାର । ପ୍ରଥମେ ମାଷ୍ଟରପ୍ଲାନ୍ ଅନୁସାରେ ନିଉକ୍ୟାପିଟାଲର ପ୍ରଥମେ ୟୁନିଟ୍-୧ (ବାପୁଜୀନଗର), ୟୁନିଟ-୨ (ଅଶୋକନଗର), ୟୁନିଟ-୩ (ଖାରବେଳ ନଗର), ୟୁନିଟ- ୪ (ଭୌମନଗର), ୟୁନିଟ୍-୫ (କେଶରୀନଗର) ଏବଂ ୟୁନିଟ୍-୬ (ଗଙ୍ଗନଗର) ଭାବେ ନାମିତ କରାଯାଇ ବିଭିନ୍ନ ଟାଇପ୍‌ର ଘର ସରକାରୀ କର୍ମଚାରୀମାନଙ୍କ ପାଇଁ ନିର୍ମାଣ କରାଗଲା । ଏଥିସହିତ ବାସିନ୍ଦାମାନଙ୍କ ପାଇଁ ଜଳଯୋଗାଣ ପାଇଁ ପଳାସୁଣୀ ଠାରେ ଟାୱାର ନିର୍ମାଣ କରାଯାଇ କୁଆଖାଇଠାରୁ ପାଣି ଆଣି ତାହାକୁ ବିଶୋଧନ କରି ୫ ନମ୍ବରରେ ନିର୍ମିତ ହୋଇଥିବା ହାଇଲେବଲ୍ ଟାଙ୍କିରୁ ପ୍ରତ୍ୟେକ ୟୁନିଟ୍‌କୁ ପାଣି ଯୋଗାଇ ଦିଆଗଲା । ନୂତନ ରାଜଧାନୀର ଭିତ୍ତି ପ୍ରସ୍ତର ସ୍ଥାପନ କରିବା ସହିତ ଓଡ଼ିଶାର ପରମ୍ପରାଗତ ସଂସ୍କୃତି ଓ ଐତିହ୍ୟ ପ୍ରତି ଦୃଷ୍ଟି ଆକର୍ଷଣ କରାଯିବାର ଲକ୍ଷ୍ୟ ରଖି ବର୍ଦ୍ଧିତ ଭୁବନେଶ୍ୱରଠାରେ ନୂତନ ରାଜଧାନୀ ପାଇଁ ପ୍ରସ୍ତୁତ ହୋଇଥିବା ନକ୍ସାରେ ପ୍ରତି ୟୁନିଟ୍‌ରେ ଛୋଟ ପିଲାଙ୍କ ପାଇଁ ସ୍କୁଲ ଗୃହ, ପ୍ରମୋଦ ଉଦ୍ୟାନ, ଖେଳ ପଡ଼ିଆ, ମହିଳାମାନଙ୍କ ହାଟବଜାର କରିବା ପାଇଁ ଦୋକାନଗୃହ, ସ୍ୱଳ୍ପବେତନଭୋଗୀ କର୍ମଚାରୀଙ୍କ ବାସଗୃହ ଇତ୍ୟାଦିର ବ୍ୟବସ୍ଥା କରି ସୀମିତ ବ୍ୟୟ ଅଟକଳରେ ଭୁବନେଶ୍ୱରକୁ ସାରା ଭାରତରେ ଏକ ଆଦର୍ଶ ନଗରୀଭାବେ ଉପସ୍ଥାପିତ କରାଯିବାକୁ ନିଷ୍ପତ୍ତି କରାଯାଇଥିଲା । ବିଭିନ୍ନ ସରକାରୀ ଗୃହ ନିର୍ମାଣ କରାଯିବା ପରେ ଯେଉଁ ବ୍ୟବସାୟୀମାନେ ଅସ୍ଥାୟୀ ଭାବେ ବ୍ୟବସାୟ କରୁଥିଲେ ସେମାନଙ୍କୁ ଉକ୍ତ ଅସ୍ଥାୟୀ ସ୍ଥାନ ନଚେତ ସେମାନଙ୍କୁ ଶିଶୁଭବନଠାରୁ ୟୁନିଟ୍-୩ ସ୍ଥିତ କନଭେଣ୍ଟ ଛକ ପର୍ଯ୍ୟନ୍ତ ଜନପଥ ଡାହାଣ ପଟେ ଥିବା ସ୍ଥାନ ଦେବା ପାଇଁ ନିଷ୍ପତ୍ତି କରାଗଲା । ନୂତନ ଗୃହ ନିର୍ମାଣ ଯୋଗୁଁ କାଠର ଆବଶ୍ୟକତା ଥିବା ହେତୁ ସେ ସମୟର ଚୌଧୁରୀ କମ୍ପାନୀ, ଶ୍ରୀରାମ ସାମିଲ ଏବଂ ଭାଗସିଂହ ଏଣ୍ଡ ବ୍ରଦର୍ସଙ୍କୁ ଜାଗା ଦେବା ସହିତ ପରମିଟ୍ ଯୋଗାଇ ଦିଆଯାଇଥିଲା ।

ନୂଆ ରାଜଧାନୀ ଗଢ଼ା ହେଲାପରେ ଅଧିକାଂଶ କଟକରେ ଥିବା ଅଫିସଗୁଡ଼ିକ ନୂଆ ଭୁବନେଶ୍ୱରକୁ ସ୍ଥାନାନ୍ତରିତ ହେଲା ଏବଂ ସେଇ କର୍ମଚାରୀଙ୍କୁ ସୁବିଧା ପାଇ ମାର୍କେଟ ସାମ୍ନାରେ ଏକ ବସଷ୍ଟାଣ୍ଡ ନିର୍ମାଣ କରାଯାଇଥିଲା, ଯାହା ସମୟକ୍ରମେ କୃଷି ବିଭାଗର ଚାରା ବିକ୍ରୟ କେନ୍ଦ୍ର ଓ ପରେ ପରେ ତାହା ରାଜଧାନୀର ବହୁତାଲା ବିଶିଷ୍ଟ ପାର୍କିଂ ସ୍ଥଳ ଭାବେ ବ୍ୟବହୃତ ହେଉଛି । ସେ ସମୟରେ ସେହି ବସ୍‌ଷ୍ଟାଣ୍ଡରୁ କଟକକୁ ଓଆରଟିଏସ୍ ବସ୍ ଠିକ୍ ସମୟରେ ଛାଡୁଥିଲା ଏବଂ କଟକସ୍ଥିତ ଚାନ୍ଦିନିଚୌକରୁ ସକାଳେ ପ୍ରତ୍ୟାବର୍ତ୍ତନ କରୁଥିଲା । ପୁରୁଣା ବସ୍‌ଷ୍ଟାଣ୍ଡରେ ଦାସବାବୁଙ୍କ କ୍ୟାଣ୍ଟିନ୍ ଉପମା ପାଇଁ ପ୍ରସିଦ୍ଧି ଲାଭ କରିଥିଲା । ନୂଆ ରାଜଧାନୀର ପୁରୁଣା ବସ୍‌ଷ୍ଟାଣ୍ଡ କଡ଼କୁ ଏକ ଦୁର୍ଗାମଣ୍ଡପ ଥିଲା ଯାହା ରାଜଧାନୀର ପ୍ରଥମ ଦୁର୍ଗାମଣ୍ଡପ । ସେ ସମୟରେ ବଙ୍ଗଳାବାସୀଙ୍କ ପାଇଁ ଅନ୍ୟ ଏକ ଦୁର୍ଗାପୂଜା ରାଜମହଲ ନିକଟ ଦୁଇ ନମ୍ବର ୟୁନିଟ୍‌ରେ ଥିଲା, ତାହା ସମୟକ୍ରମେ ଦୁଇଭାଗ ହୋଇ ୪ ନମ୍ବର ୟୁନିଟ୍ ଏ.ଜି. କଲୋନୀ ଓ ଅଶୋକନଗର ସ୍ଥିତ ଷ୍ଟେସନ ନିକଟକୁ ସ୍ଥାନାନ୍ତରିତ ହେଲା । ସେତେବେଳେ ମାର୍କେଟ ବିଲଡିଂ ପୂର୍ବ ପଶ୍ଚିମ ଦୁଇ ଭାଗରେ ବିଭାଜନ ଥିଲା । ପୂର୍ବପଟ ବିଲଡିଂରେ ରାଜଧାନୀର ପ୍ରଥମ ପୋଷ୍ଟଅଫିସ କାର୍ଯ୍ୟ କରୁଥିଲା ଏବଂ ବିଲ୍‌ଡିଂର ପଶ୍ଚିମପଟେ ରାଜ୍ୟ ସରକାର ସୂଚନା କେନ୍ଦ୍ର, ଖଦୀବୋର୍ଡ଼ ସଂଗଠନ ପ୍ରଭୃତି ଥିବା ସ୍ଥଳେ ଅନ୍ୟପଟେ ବିଲଡିଂରେ ବର୍ମା ଫେରନ୍ତା ଏକ ପଞ୍ଜାବୀ ପରିବାରକୁ ବର୍ମା ଜେନେରାଲ ଷ୍ଟୋର କରିବା ପାଇଁ ଯୋଗାଇ ଦିଆଯାଇଥିଲା, ଯାହା ପରବର୍ତ୍ତୀ ସମୟରେ କଳାମନ୍ଦିରରେ ପରିଣତ ହେଲା । ୧୯୪୮ ମସିହାରୁ ୧୯୬୩ ମସିହା ଭିତରେ ଡ. ହରେକୃଷ୍ଣ ମହତାବ, ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀ ଏବଂ ଶ୍ରୀ ବିଜୁ ପଟ୍ଟନାୟକ ପ୍ରମୁଖ ନିଉ କ୍ୟାପିଟାଲକୁ ପ୍ରତିଷ୍ଠିତ କରି ଉନ୍ନୟନମୂଳକ କାର୍ଯ୍ୟକ୍ରମର ସମସ୍ତ ପ୍ରକାର ଆନ୍ଦୋଳନ କରିଥିଲେ ଓ ନୂଆ ରାଜଧାନୀକୁ ଜୀବନ୍ତ କରିବାରେ ସେମାନଙ୍କ ଉଦ୍ୟମ ଅତ୍ୟନ୍ତ ଉପଯୋଗୀ ଓ ଉତ୍ସାହଜନକ ଥିଲା । ୧୯୫୬ ମସିହାରେ ନୂଆ ରାଜଧାନୀ ଭୁବନେଶ୍ୱରକୁ ଏନ୍.ଏ.ସି. ମାନ୍ୟତା ମିଳିଲା ଏବଂ ବିନ୍ଦୁସାଗରର ଉତ୍ତରପଟେ ଥିବା ହନୁମାନ ମନ୍ଦିର ଠାରେ ଏହାର ଅଫିସ ପ୍ରଥମେ ଖୋଲିଥିଲା । ତାପରେ ତାହାଙ୍କୁ ଖାରବେଳନଗର ସ୍ଥିତ (ହେଲଥ ଅଫିସ୍ ସାମ୍‌ନା)କୁ ସ୍ଥାନାନ୍ତରିତ କରାଗଲା । ପୁନଶ୍ଚ ୧୯୭୦ ମସିହା ପରେ ପରେ ଏନ୍.ଏ.ସି କାର୍ଯ୍ୟାଳୟ ରାଜ୍ୟ ସଂଗ୍ରହାଳୟର ସାମ୍ନା ଗୃହକୁ ତା'ର ନିଜସ୍ୱ ନୂତନ ଗୃହ ନିର୍ମାଣ କରି ଅବସ୍ଥାପିତ ହେଲା । ଏପରିକି ମ୍ୟୁନିସିପାଲିଟି କର୍ମରରୀମାନଙ୍କୁ ସୁଲଭ ମୂଲ୍ୟରେ ଘର ଯୋଗାଇବା ପାଇଁ ୟୁନିଟ- ୩ ସ୍ଥିତ ମାଳିସାହିରେ ଆଜବେଷ୍ଟସ୍ ଘର ନିର୍ମାଣ କରାଯାଇ ଯୋଗାଇ ଦିଆଯାଇଥିଲା ।

ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଭୁବନେଶ୍ୱରରେ ଯେଉଁ ମଧ୍ୟସ୍ଥାନରେ ଭିତ୍ତିପ୍ରସ୍ତର କଲେ ତାହା ମହାତ୍ମା ଗାନ୍ଧୀଙ୍କ ନାମାନୁସାରେ 'ଗାନ୍ଧୀ ପାର୍କ' ଦିଆଯାଇଥିଲା । ଏହାହିଁ ନୂଆ ରାଜଧାନୀର ପ୍ରଥମ ପାର୍କ । ନୂଆ ରାଜଧାନୀ ନିର୍ମାଣ ହେବାର ବହୁ ପୂର୍ବରୁ ବ୍ରିଟିଶ୍ ଅମଳରେ ଉଡାଜାହାଜ ପଡ଼ିଆ ନିର୍ମାଣ ହୋଇସାରିଥିଲା । ନୂଆ ରାଜଧାନୀର ୬ଟି ୟୁନିଟ୍ ଏବଂ ଉଡାଜାହାଜ ପଡ଼ିଆ ମଧ୍ୟସ୍ଥଳ ଘନ ଜଙ୍ଗଲରେ ପରିପୂର୍ଣ୍ଣ ଥିବାରୁ ଏହାକୁ ଫରେଷ୍ଟପାର୍କ କୁହାଯାଉଥିଲା ।

(କ୍ରମଶଃ)

# ରାଜଧାନୀ ପ୍ରତିଷ୍ଠା ଦିବସର ଅନୁଚିନ୍ତା



ଚିତ୍ତରଞ୍ଜନ ପୃଷ୍ଟି
ନିମାପଡା, ପୁରୀ
ମୋ-୯୭୭୮୧୭୭୫୦୧

୧୯୪୮ ମସିହା ଏପ୍ରିଲ ୧୩ ତାରିଖ ଓଡ଼ିଶା ଇତିହାସରେ ଏକ ସ୍ୱର୍ଣ୍ଣିମ ଦିବସ । ଏହିଦିନ ମନ୍ଦିର ମାଳିନୀ ସହର ଭୁବନେଶ୍ୱରକୁ ମିଳିଥିଲା ରାଜଧାନୀର ସ୍ୱୀକୃତି । ହଜାର ବର୍ଷର ଐତିହ୍ୟ ନଗର କଟକର କଳ୍ପିତ କଳେବର ବୃଦ୍ଧି ସମ୍ଭବ ନ ହେବାରୁ ଏକାମ୍ର କ୍ଷେତ୍ର ଭୁବନେଶ୍ୱରକୁ ନୂତନ ରାଜଧାନୀ କରିବାର ପ୍ରସ୍ତାବ ରଖାଯାଇ ୧୯୪୮ ଏପ୍ରିଲ ୧୩ ତାରିଖ ଦିନ ଶିଳାନ୍ୟାସ କାର୍ଯ୍ୟ ସମ୍ପନ୍ନ କରାଗଲା । ତତ୍‌କାଳୀନ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହରୁ ଓଡ଼ିଶାର ନୂଆ ରାଜଧାନୀ ଭୁବନେଶ୍ୱରଠାରେ ନିର୍ମାଣର ଶୁଭାରମ୍ଭ କରିଥିଲେ । ଆଜକୁ ଠିକ ୭୭ ବର୍ଷ ତଳେ ଜନ୍ମ ହୋଇଥିଲା ସ୍ୱପ୍ନର ସହର ଭୁବନେଶ୍ୱର । ପୁରୁଣା ଭୁବନେଶ୍ୱର, କପିଳ ପ୍ରସାଦ, କପିଳେଶ୍ୱର ଓ ସାମନ୍ତରାପୁର ଭଳି ଅଳ୍ପ ଅଞ୍ଚଳକୁ ନେଇ ଗଢି ଉଠିଥିଲା ରାଜଧାନୀ ଭୁବନେଶ୍ୱର । ପରେ ପରେ ନୂଆ ଅଞ୍ଚଳ ମିଶିବା ସହ ସହର ବଢି ଚାଲିଥିଲା । ୧୯୪୬ ମସିହାରେ ଭୁବନେଶ୍ୱରକୁ ଏକ ମନୋହର ନଗରୀରେ ଗଢ଼ି ତୋଳିବା ପାଇଁ ନକ୍ସା ପ୍ରସ୍ତୁତ କରିଥିଲେ ଜର୍ମାନୀ ସ୍ଥପତି ଓ ପ୍ଲାନର 'ଅଟୋ କଏନ୍ସବର୍ଗର' । ମନ୍ଦିର ମାଳିନୀରୁ ସ୍ମାର୍ଟ ସିଟି । ଏକାମ୍ର କ୍ଷେତ୍ରରୁ ରାଜ୍ୟର ରାଜଧାନୀ ମାନ୍ୟତା ପାଇଲା ଭୁବନେଶ୍ୱର । ୧୯୪୮ ମସିହାରେ ଓଡ଼ିଶାର ରାଜଧାନୀ ଭାବେ ଗଠିତ ହୋଇଥିବା ଏହି ମାୟାନଗରୀ ଆଜି ୭୭ ବର୍ଷରେ ପାଦ ଥାପିଛି ।

ଭୁବନେଶ୍ୱର ଶବ୍ଦ ସଂସ୍କୃତ ଶବ୍ଦ ତ୍ରିଭୁବନେଶ୍ୱରରୁ ଆସିଛି । ଏହା ଶିବଙ୍କର ଅନ୍ୟନାମ ଅଟେ । ସହରର କୀର୍ତ୍ତିରାଜି ୭ଶହ ଖ୍ରୀଷ୍ଟାବ୍ଦର ବୋଲି କୁହାଯାଏ । ସହରରେ ୭୦୦ରୁ ଅଧିକ ମନ୍ଦିର ରହିଛି । ଯେଉଁଥିପାଇଁକି ଭୁବନେଶ୍ୱରକୁ ମନ୍ଦିର ମାଳିନୀ ସହର କୁହାଯାଏ । ଲିଙ୍ଗରାଜ ମନ୍ଦିର, ରାଜାରାଣୀ ମନ୍ଦିର, ମୁକ୍ତେଶ୍ୱର ମନ୍ଦିର ରାମ ମନ୍ଦିର ଆଦି ପ୍ରମୁଖ । ଧଉଳିଗିରିରେ ଅଶୋକଙ୍କ ଶିଳାଲେଖ, ଉଦୟଗିରି ଓ ଖଣ୍ଡଗିରିର ରାଣୀଗୁମ୍ଫା ଭୁବନେଶ୍ୱରକୁ ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଦେଇଅଛି । ଭୁବନେଶ୍ୱର ଅନେକ କ୍ଷେତ୍ର ପାଇଁ ସ୍ୱତନ୍ତ୍ର ପରିଚୟ ପାଇଛି । ଏବେ ଆଉ ଏକ ଫର୍ଦ୍ଦ ଏଥିରେ ଯୋଡି ହୋଇଛି । ଆଉ ତାହା ହେଉଛି ସ୍ପୋର୍ଟସ୍ କ୍ୟାପିଟାଲ୍ ଅଫ୍ ଇଣ୍ଡିଆ । ଅର୍ଥାତ୍ ଭୁବନେଶ୍ୱର ଏବେ ଦେଶର କ୍ରୀଡା ରାଜଧାନୀ ମାନ୍ୟତା ପାଇଛି । କଳିଙ୍ଗ ଷ୍ଟାଡିୟମ ହକି ମହାକୁମ୍ଭର ମୁକସାକ୍ଷୀ ପାଲଟିଛି । ବୌଦ୍ଧ, ଜୈନ, ଶୈବ , ମହିମା, ଶାକ୍ତ, ବୈଷ୍ଣବ ଭଳି ବିଭିନ୍ନ ଧର୍ମାବଲମ୍ବୀଙ୍କ ପିଠସ୍ଥଳୀ ହେଉଛି ଭୁବନେଶ୍ୱର ।

ପୁରାଣ ଯୁଗରୁ ଏକାମ୍ର କ୍ଷେତ୍ର ଶିକ୍ଷା, ସଂସ୍କୃତି, ଐତିହ୍ୟ, ପ୍ରତ୍ନତାତ୍ତ୍ୱିକ, ଐତିହାସିକ ଅନୁଭବ ଦୃଷ୍ଟିରୁ ନିଜର ସ୍ୱତନ୍ତ୍ରତା ବଜାୟ ରଖି ଆସିଛି । ପଦ୍ମ ପୁରାଣ, ଏକାମ୍ର ପୁରାଣ, ଶିବ ପୁରାଣ, କପିଳ ସଂହିତା, ଶିବ ସଂହିତା, ପ୍ରାଚୀ ମାହାତ୍ମ୍ୟ ଆଦି ଗ୍ରନ୍ଥରେ ଏକାମ୍ର କ୍ଷେତ୍ରର ମାହାତ୍ମ୍ୟ ବିସ୍ତୃତ ଭାବେ ବର୍ଣ୍ଣିତ । ଏକାମ୍ର କ୍ଷେତ୍ର ଭୁବନେଶ୍ୱର କଳିଙ୍ଗ ସାମ୍ରାଜ୍ୟର ଶାସନ, ପ୍ରଶାସନ, ଶିକ୍ଷା, ସଂସ୍କୃତି ଓ ସଭ୍ୟତାର କେନ୍ଦ୍ରବିନ୍ଦୁ ଥିଲା । ପ୍ରାକୃତିକ ପରିବେଶ ଦୃଷ୍ଟିରୁ ଏକାମ୍ର କ୍ଷେତ୍ରର ଏକ ସ୍ୱତନ୍ତ୍ରତା ଥିଲା ।

ସମୟ ସହିତ ତାଳ ଦେଇ ବୃଦ୍ଧି ପାଇଛି ଭୁବନେଶ୍ୱରର କଳେବର । ବିକାଶ ଧାରାରେ ସାମିଲ ହୋଇ ଦେଶର ୧ନମ୍ବର ସ୍ମାର୍ଟସିଟିର ମାନ୍ୟତା ହାସଲ କରିଛି । ସହରର ଆକାର ବଢିବା ସହ ଚିତ୍ର ଚରିତ୍ରରେ ପରିବର୍ତ୍ତନ ହୋଇ ଜନସଂଖ୍ୟା ୧୫ ହଜାରରୁ ୧୫ ଲକ୍ଷରେ ପହଞ୍ଚିଛି । ଶିକ୍ଷା, ସ୍ୱାସ୍ଥ୍ୟ, କ୍ରୀଡା, ସବୁ କ୍ଷେତ୍ରରେ ଜାରି ରହିଛି ବିକାଶ । ଦେଶର ନମ୍ବର ୱାନ୍ ସ୍ମାର୍ଟସିଟିର ମାନ୍ୟତା ହାସଲ କରିସାରିଛି ଭୁବନେଶ୍ୱର । ଯାତ୍ରା ଭିତରେ ବଢିଛି ସହରର କାୟା, ବଦଳିଛି ପରିବେଶ । ସବୁଜ ବଳୟରୁ କଂକ୍ରିଟ ଜଙ୍ଗଲରେ ପରିଣତ ହୋଇଛି ରାଜଧାନୀ । ରାସ୍ତାଘାଟଠୁ ନେଇ ଆଲୋକୀକରଣ, ଲୋକଙ୍କ ଜୀବନଶୈଳୀ ସବୁକିଛି ବଦଳିଛି ଏହି ୭୭ ବର୍ଷ ମଧ୍ୟରେ । ଏ ୭୭ ବର୍ଷ ମଧ୍ୟରେ ଐତିହ୍ୟ ସହର ଭାବେ ପରିଚିତ ଭୁବନେଶ୍ୱର, ଏବେ ଅତ୍ୟାଧୁନିକ ସ୍ୱାସ୍ଥ୍ୟସେବା, ଶିକ୍ଷା ଏବଂ ସ୍ପୋର୍ଟସର ହବ୍ ଭାବେ ବି ବେଶ ପରିଚିତ । ରୋଜଗାର ପାଇଁ ଅନେକ ଲୋକ ଭୁବନେଶ୍ୱରକୁ ବି ବାଛିଛନ୍ତି ।

ଭୁବନେଶ୍ୱର ସହରର ଉଭୟ ପୁରାତନ ଏବଂ ଆଧୁନିକ ଇତିହାସ ରହିଛି । ପୁରାତନ ଇତିହାସ ୩ ହଜାର ବର୍ଷ ତଳର ଏବଂ ଆଧୁନିକ ସହର ୧୯୪୮ରୁ ଆରମ୍ଭ ହୋଇଛି । ଦେଶର ପ୍ରଥମ ୪ଟି ଯୋଜନାବଦ୍ଧ ସହର ଭିତରେ ଭୁବନେଶ୍ୱର ଥିଲା ଅନ୍ୟତମ । ସେତେବେଳେ ପ୍ରଥମ ଦଶ ବର୍ଷ ମଧ୍ୟରେ ଭୁବନେଶ୍ୱର ଜନସଂଖ୍ୟା ପନ୍ଦର ହଜାରରୁ ବଢ଼ି ଚାଳିଶ ହଜାର ଓ ସହରର କ୍ଷେତ୍ରଫଳ ଶହେ ବତିଶ ବର୍ଗ କିଲୋମିଟର ହେବ ବୋଲି ଆକଳନ କରାଯାଇଥିଲା । ଭୁବନେଶ୍ୱରରେ ଛଅଟି ୟୁନିଟ ଓ ପୁରୁଣା ଭୁବନେଶ୍ୱର ଅଞ୍ଚଳରେ ଏକ ବିଜ୍ଞାପିତ ଅଞ୍ଚଳ ହେବା ମଧ୍ୟ ନକ୍ସାରେ ଥିଲା । ଏହି ଯୋଜନାକୁ 'ଓଡ଼ିଶା ସହର ଯୋଜନା ଆଇନ' ୧୯୫୬ ଅନୁସାରେ କାର୍ଯ୍ୟକାରୀ କରାଗଲା । ଭୁବନେଶ୍ୱର ପାଇଁ ଜଣେ 'ବିଶେଷ ଯୋଜନା ଅଧିକାରୀ'ଙ୍କୁ ନିଯୁକ୍ତ କରାଗଲା । ଜନସଂଖ୍ୟା ବୃଦ୍ଧି ସହ ପରବର୍ତ୍ତୀ ସମୟରେ, ଭୁବନେଶ୍ୱରରେ ମ୍ୟୁନିସିପାଲିଟି ଗଠନ କରାଗଲା । ପରେ ଭୁବନେଶ୍ୱର ମୁନିସିପାଲିଟି ସହ ଖୋର୍ଦ୍ଧା, ଜଟଣୀ ବିଜ୍ଞାପିତ ଅଞ୍ଚଳକୁ ନେଇ 'ଭୁବନେଶ୍ୱର ଆଞ୍ଚଳିକ ଉନ୍ନୟନ ସଂସ୍ଥା (ବ୍ରିଟ)' ଗଠନ କରାଗଲା । ପରବର୍ତ୍ତୀ ସମୟରେ, ଭୁବନେଶ୍ୱରରେ ମ୍ୟୁନିସିପାଲ କର୍ପୋରେସନ ଓ ସନ୍ନିକଟ ଗାଁଗୁଡିକୁ ନେଇ ବିଡିଏ ଗଠନ କରାଗଲା ।

ରାଜଧାନୀ ଭୁବନେଶ୍ୱରର କଳେବର ବଢିଛି, ନୂଆ ଭୁବନେଶ୍ୱରର ବିକାଶ ହୋଇଛି । ହେଲେ ଏବେ ବି ଅନେକ ସମସ୍ୟା ରହିଛି । ଜଳ ନିଷ୍କାସନ ସମସ୍ୟାଠୁ ଆରମ୍ଭ କରି ରାସ୍ତାଘାଟ, ଅନଧିକାର ଭାବେ ଜବରଦଖଲ ଆଦି ସମସ୍ୟାର ଏବେ ବି ସମାଧାନ ହେବାର ଅଛି । ଭୁବନେଶ୍ୱର କେତେବେଳେ ଶାନ୍ତ ସରଳ ସହର ପୁଣି କେତେବେଳେ ପାଲଟିଯାଏ ଅପରାଧ ପ୍ରବଣ । କେତେବେଳେ ପାଲଟିଯାଏ ଦୁର୍ଘଟଣାର ମୃତ୍ୟୁଯନ୍ତା ପୁଣି କେତେବେଳେ ନାରୀ ଉତ୍ପୀଡ଼ନର ପେଣ୍ଠସ୍ଥଳ । ଏହା ଉପରେ ଦୃଷ୍ଟି ଦେବା ସହିତ ସେ ଦିଗରେ ଯତ୍ନବାନ ହେବାର ଆବଶ୍ୟକତା ରହିଛି । ତେଣୁ ଆଜି ଦିନରେ ଯୋଜନାବଦ୍ଧ ଭାବେ ସହରର ବିକାଶ ଓ ସୌନ୍ଦର୍ଯ୍ୟ ଦିଗରେ ସରକାର ସଂକଳ୍ପବଦ୍ଧ ଭାବେ ପ୍ରୟାସ କରିବା ଉଚିତ । ଓଡିଶାର ରାଜଧାନୀକୁ ଏକନମ୍ବର କରିବା ପାଇଁ ଆମେ ସମସ୍ତେ ମିଳିମିଶି କାମ କରିବା । ଭୁବନେଶ୍ୱର ହେଉଛି ଆମର ଅସ୍ମିତା । ଏହାକୁ 'ଆଦର୍ଶ ସହର'ରେ ପରିଣତ କରିବା ପାଇଁ ସମସ୍ତେ ଉଦ୍ୟମ କରିବାର ଆବଶ୍ୟକତା ରହିଛି । ବିକାଶ ପାଇଁ ଆବଶ୍ୟକ ଜବରଦଖଲ ଉଚ୍ଛେଦ ସହ ବସ୍ତି ବାସିନ୍ଦାଙ୍କୁ ଥଇଥାନ କରାଯିବା ଦରକାର । ଆଜିର ଦିନରେ ରାଜଧାନୀର ବିକାଶ ସହ ସହରକୁ ସରସ ସୁନ୍ଦର କରିବା ପାଇଁ ପ୍ରତିଟି ନାଗରିକ ଶପଥ ନେବା । ଭୁବନେଶ୍ୱରକୁ ଆହୁରି ପ୍ରାଣବନ୍ତ କରିବା ତଥା ବିକାଶର ଶୀର୍ଷରେ ପହଞ୍ଚାଇବା ପାଇଁ ସମସ୍ତ ସଚେତନ ନାଗରିକ, ଲୋକପ୍ରତିନିଧି ଓ ସରକାର ଚେଷ୍ଟା କରିବା ଉଚିତ ।

# କାଣି ଗାଈର ଭିନ୍ନେ ଗୋଠ



ହିତାଂଶୁ ଶେଖର ମହାନ୍ତ
ଯଶିପୁର, ମୟୂରଭଞ୍ଜ,
ମୋ-୯୪୩୭୮୭୨୯୦୪

ଆମ ଦେଶରେ ସୁଯୋଗ ମିଳିଲେ କେତେପର୍ଯ୍ୟନ୍ତ ସ୍ୱେଚ୍ଛାଚାର କରିବାକୁ ରାଜ୍ୟଗୁଡ଼ିକ ଆଗେଇ ଆସନ୍ତି, ତାମିଲନାଡୁ ତାହାର ଏକ ଉଦାହରଣ । ସାରା ଦେଶରେ ଏନ୍‌ଇଇଟି ବା 'ନିଟ୍' (ଜାତୀୟ ଯୋଗ୍ୟତା ସହ ପ୍ରବେଶ ପରୀକ୍ଷା) ପରୀକ୍ଷା ଫଳକୁ ଆଧାର କରି ବିଭିନ୍ନ ସରକାରୀ ଓ ବେସରକାରୀ ମେଡିକାଲ କଲେଜଗୁଡ଼ିକରେ ଏମବିବିଏସ୍, ବିଡିଏସ୍, ଆୟୁଷ ବା ତତ୍ ସମ୍ପର୍କିତ ଅନ୍ୟାନ୍ୟ ପାଠ୍ୟକ୍ରମରେ ଛାତ୍ରଛାତ୍ରୀମାନେ ନାମ ଲେଖାଇଥା'ନ୍ତି । କିନ୍ତୁ ତାମିଲନାଡୁ ସରକାରଙ୍କର ଏକା ଜିଦ୍ ରାଜ୍ୟ ସରକାରୀ କୋଟାର ମେଡିକାଲ୍ ସିଟ୍ ଗୁଡ଼ିକରେ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷା ଫଳ ଆଧାରରେ ହିଁ ଛାତ୍ରଛାତ୍ରୀଙ୍କ ନାମ ଲେଖାଯିବ । ଏଥିପାଇଁ ସେଠାକାର ଏମ୍. କେ. ଷ୍ଟାଲିନ ସରକାର ନ୍ୟାୟପାଳିକା ଓ ବିଧାନପାଳିକା ଭଳି ଗଣତନ୍ତ୍ରର ଦୁଇଟି ସ୍ତମ୍ଭ ସହ ଲଢ଼ିଯିବାକୁ ବି ତୟାର । ଏଥିରେ ତାଙ୍କର କି ସ୍ୱାର୍ଥ ସାଧିତ ହେବ କିଏ ଜାଣେ ? ଏପରିକି ଗତ ସପ୍ତାହରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ବିଧେୟକ (ତାମିଲନାଡୁ ସ୍ନାତକ ମେଡିକାଲ ଡିଗ୍ରୀ ପାଠ୍ୟକ୍ରମରେ ନାମଲେଖା ଆଇନ- ୨୦୨୧)କୁ ଅନୁମତି ଦେବାକୁ ନାସ୍ତିବାଣୀ ଶୁଣାଇ ଦେଇଛନ୍ତି । ଖୋଦ୍ ଷ୍ଟାଲିନ୍ ଏକଥା ରାଜ୍ୟର ବିଧାୟକମାନଙ୍କୁ ବିଧାନସଭାରେ ସୂଚନା ଦେବା ସହ ଏଥିପ୍ରତି ତାଙ୍କ ସରକାରଙ୍କ ପରିବର୍ତ୍ତୀ ଆଭିମୁଖ୍ୟ କ'ଣ ରହିବ, ତାହା ନିର୍ଦ୍ଧାରଣ କରିବାକୁ ଏପ୍ରିଲ ନଅ ତାରିଖ ବିଧାୟକ ଦଳ ବୈଠକ ମଧ୍ୟ ଡକାଇଥିଲେ । ତେବେ ସେଥିରେ ମଧ୍ୟ କିଛି ଖାସ୍ ନିଷ୍କର୍ଷ ବାହାରିଲା ନାହିଁ । କ'ଣଟା ବା ନିଷ୍କର୍ଷ ବାହାରିଥା'ନ୍ତା ?'କାଣି ଗାଈର ଭିନ୍ନେ ଗୋଠ' ଭଳି ସାରା ଦେଶର ମେଧାବୀ ପିଲା ଗୋଟାଏ ଦିଗରେ ଯାଉଥିବା ବେଳେ ରାଜନୈତିକ ରୋଟି ସେକିବାକୁ ଯାଇ ନିଜର ସ୍ୱାତନ୍ତ୍ର୍ୟ ଦେଖେଇହେବା ଦ୍ୱାରା ଷ୍ଟାଲିନ୍ କ'ଣ ପ୍ରମାଣିତ କରିବାକୁ ଚାହାଁନ୍ତି କେଜାଣି । ବର୍ତ୍ତମାନ ନାମଲେଖା ରତୁ ଛାତ୍ରଛାତ୍ରୀଙ୍କ ଦୁଆର ବାଡ଼େଇଲାଣି । ଏଭଳି ସମୟରେ ଏ ହଟଚମଟ ନିଶ୍ଚିତ ଭାବରେ ଆଶାୟୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆଶଙ୍କା ବଢ଼ାଇବ ।

> ଗୋଟିଏ ଦଶନ୍ଧି ଧରି ତାମିଲନାଡୁ 'ନିଟ୍'ରୁ ତାକୁ ଅଲଗା ରଖିବାକୁ ଦାବି କରି ଆସୁଛି । ଗୋଟିଏ ସର୍ବମାନ୍ୟ କେନ୍ଦ୍ରୀୟ ଅଧ୍ୟାଦେଶ ବିରୋଧରେ କୌଣସି ଅନ୍ୟ ରାଜ୍ୟ ଏଭଳି ଦୀର୍ଘଦିନ ଧରି ସ୍ୱର ଉତ୍ତୋଳନ କରି ଆସିଥିବାର ଦୃଷ୍ଟାନ୍ତ ନାହିଁ । ୨୦୧୭ରେ ମଧ୍ୟ ଉପରାଷ୍ଟ୍ରପତିଙ୍କ ଜରିଆରେ ତତ୍କାଳୀନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କ ନିକଟକୁ ତାମିଲନାଡୁ ସରକାର ପଠାଇଥିବା ନିଟ୍ ବିରୋଧୀ ବିଲକୁ ରାଷ୍ଟ୍ରପତି ଅନୁମୋଦନ କରି ନ ଥିଲେ । ଏହାର ଚାରିବର୍ଷ ପରେ 'ନିଟ୍'ରୁ ରାଜ୍ୟକୁ ବାଦ୍ ଦେବାକୁ ନିର୍ବାଚନୀ ପ୍ରସଙ୍ଗ କରିଥିବା କ୍ଷମତାସୀନ ଡିଏମକେ, ଜଷ୍ଟିସ୍ ଏ. କେ. ରଞ୍ଜନ କମିଟିଙ୍କ ସୁପାରିସ ଆଧାରରେ ତାମିଲନାଡୁ ବିଧାନସଭାରେ ବିଲ୍ ପାରିତ କଲା । ତେବେ ତାଙ୍କୁ ରାଜ୍ୟପାଳ ଆର.ଏନ୍. ରବିଙ୍କଠାରୁ ପ୍ରାରମ୍ଭିକ ଝଟକା ମିଳିଥିଲା । ପାଞ୍ଚମାସ ପରେ ବିଲଟିକୁ ରାଷ୍ଟ୍ରପତିଙ୍କ ଅନୁମୋଦନ ପାଇଁ ନ ପଠାଇ ରାଜ୍ୟପାଳ ଏହାକୁ ପୁଣି ଗୃହକୁ ଫେରାଇ ଦେଲେ । ହେଲେ ଜିଦିଆ ତାମିଲନାଡୁ ସରକାର ଇତିହାସରେ ବୋଧହୁଏ ପ୍ରଥମଥର ପାଇଁ ଆଉଥରେ ବିଲଟିକୁ ସର୍ବସମ୍ମତିକ୍ରମେ ପାରିତ କରି ପୁନର୍ବାର ରାଜ୍ୟପାଳଙ୍କ ପାଖକୁ ପଠାଇଲେ । ଏହାପରେ ରାଜ୍ୟପାଳ ଏହାକୁ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କ ପାଖକୁ ପଠାଇଥିଲେ ।

ତେବେ ଗତ ପ୍ରାୟ ଗୋଟିଏ ଦଶନ୍ଧି ଧରି ତାମିଲନାଡୁ 'ନିଟ୍'ରୁ ତାକୁ ଅଲଗା ରଖିବାକୁ ଦାବି କରି ଆସୁଛି । ଗୋଟିଏ ସର୍ବମାନ୍ୟ କେନ୍ଦ୍ରୀୟ ଅଧ୍ୟାଦେଶ ବିରୋଧରେ କୌଣସି ଅନ୍ୟ ରାଜ୍ୟ ଏଭଳି ଦୀର୍ଘଦିନ ଧରି ସ୍ୱର ଉତ୍ତୋଳନ କରି ଆସିଥିବାର ଦୃଷ୍ଟାନ୍ତ ନାହିଁ । ୨୦୧୭ରେ ମଧ୍ୟ ଉପରାଷ୍ଟ୍ରପତିଙ୍କ ଜରିଆରେ ତତ୍କାଳୀନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କ ନିକଟକୁ ତାମିଲନାଡୁ ସରକାର ପଠାଇଥିବା ନିଟ୍ ବିରୋଧୀ ବିଲକୁ ରାଷ୍ଟ୍ରପତି ଅନୁମୋଦନ କରି ନ ଥିଲେ । ଏହାର ଚାରିବର୍ଷ ପରେ 'ନିଟ୍'ରୁ ରାଜ୍ୟକୁ ବାଦ୍ ଦେବାକୁ ନିର୍ବାଚନୀ ପ୍ରସଙ୍ଗ କରିଥିବା କ୍ଷମତାସୀନ ଡିଏମକେ, ଜଷ୍ଟିସ୍ ଏ. କେ. ରଞ୍ଜନ କମିଟିଙ୍କ ସୁପାରିସ ଆଧାରରେ ତାମିଲନାଡୁ ବିଧାନସଭାରେ ବିଲ୍ ପାରିତ କଲା । ତେବେ ତାଙ୍କୁ ରାଜ୍ୟପାଳ ଆର.ଏନ୍. ରବିଙ୍କଠାରୁ ପ୍ରାରମ୍ଭିକ ଝଟକା ମିଳିଥିଲା । ପାଞ୍ଚମାସ ପରେ ବିଲଟିକୁ ରାଷ୍ଟ୍ରପତିଙ୍କ ଅନୁମୋଦନ ପାଇଁ ନ ପଠାଇ ରାଜ୍ୟପାଳ ଏହାକୁ ପୁଣି ଗୃହକୁ ଫେରାଇ ଦେଲେ । ହେଲେ ଜିଦିଆ ତାମିଲନାଡୁ ସରକାର ଇତିହାସରେ ବୋଧହୁଏ ପ୍ରଥମଥର ପାଇଁ ଆଉଥରେ ବିଲଟିକୁ ସର୍ବସମ୍ମତିକ୍ରମେ ପାରିତ କରି ପୁନର୍ବାର ରାଜ୍ୟପାଳଙ୍କ ପାଖକୁ ପଠାଇଲେ । ଏହାପରେ ରାଜ୍ୟପାଳ ଏହାକୁ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କ ପାଖକୁ ପଠାଇଥିଲେ ।

ଏଭଳି ଭାବରେ ମାମଲା କୌଣସି ଚୂଡ଼ାନ୍ତ ନିଷ୍ପତ୍ତିରେ ପହଞ୍ଚି ପାରୁ ନ ଥିବାରୁ ତାମିଲନାଡୁ ରାଜ୍ୟର ମେଡିକାଲ୍ ପାଠ ଆଶାୟୀ ଛାତ୍ରଛାତ୍ରୀମାନେ ଅନିଶ୍ଚିତତାରେ କାଳ କାଟୁଛନ୍ତି । ଅବଶ୍ୟ ଏଥିରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଦାୟୀ । କାରଣ ସେମାନଙ୍କ ମନରେ ଆଶା ଜଗାଇ ପୁଣି ଆଇନର ଦ୍ୱାହିଦେଇ ନିରାଶ କରିବା ଯୋଗୁଁ ସେମାନଙ୍କ ସ୍ୱାଭାବିକ ମନୋସ୍ଥିତି ମଧ୍ୟ ବ୍ୟାହତ ହେଉଛି । ଯଦି ହୋଇ ପାରିବ ନାହିଁ, ହେବା ସମ୍ଭବ ନୁହେଁ, ତେବେ ସାରା ଦେଶ ଗୋଟିଏ ସ୍ରୋତରେ ଯାଉଥିବା ବେଳେ ତାମିଲନାଡୁ ଏହାର ବିପରୀତ ଯିବାର ମାନେ କ'ଣ ? ଏହାଦ୍ୱାରା ସେମାନେ ପ୍ରମାଣ କରିବାକୁ ଚାହୁଁଛନ୍ତି କି ତାଙ୍କ ପିଲାମାନେ ଅବଶିଷ୍ଟ ଭାରତର ପିଲାମାନଙ୍କଠାରୁ ବେଶି ବୁଦ୍ଧିଆ ? ନୋହିଲେ ଗୋଟିଏ ପ୍ରବେଶିକା ପରୀକ୍ଷା ଦେବାରେ ଅସୁବିଧାଟା କ'ଣ ? ପ୍ରଥମରୁ ହିଁ ଏହି ବିଲକୁ ନେଇ କେନ୍ଦ୍ର ଗୃହ ମନ୍ତ୍ରାଳୟ ପଚାରିଥିବା, "ଏହି ବିଲ୍ ଦେଶର ସଂପ୍ରଭୁତା, ଏକତା ଓ ଅଖଣ୍ଡତା ପ୍ରତି ବିପଦ ପାଲଟିବ କି" ର ଉତ୍ତର 'ହଁ'ରେ ଦେଇଥିଲା ଆୟୁଷ ମନ୍ତ୍ରାଳୟ । ଅର୍ଥାତ୍ ଏହା ଦେଶର ଏକତା ଓ ଅଖଣ୍ଡତା ପାଇଁ ବିପଦ ସାଜିବ । ନୁହେଁ ଆଉ କ'ଣ । ଆଜି ତାମିଲନାଡୁ କହିଲା, କାଲି ଆନ୍ଧ୍ରପ୍ରଦେଶ କହିବ, ପରଦିନ ତେଲଙ୍ଗାନା ମାଗିବ, ତହିଁ ପରଦିନ କେରଳ, କର୍ଣ୍ଣାଟକ ଚେଇଁ ଉଠିବେ । ଗୋଟାଏ ପାଲା ଚାଲିଛି । ତେବେ ସମ୍ବିଧାନର ଅନୁଚ୍ଛେଦ ୨୫୪ (୨) ଅନୁଯାୟୀ ରାଷ୍ଟ୍ରପତିଙ୍କର ହୃଦବୋଧ ହେଲେ ସେ ଏହାକୁ ଅନୁମତି ବି ଦେଇପାରିବେ । ହେଲେ ସେ କାହିଁକି ଦେବେ, ଯେତେବେଳେ କି ସୁପ୍ରିମକୋର୍ଟ ମଧ୍ୟ 'ନିଟ୍'କୁ କ୍ରମାଗତ ଭାବରେ ଠିକ୍ ଓ ତ୍ରୁଟିଶୂନ୍ୟ ବୋଲି କହି ଆସୁଛନ୍ତି । ତେବେ ତାମିଲନାଡୁ ସରକାର ଏହାକୁ ଏତେ ଭୟ କରୁଛନ୍ତି କାହିଁକି ? ନିଜ ପିଲାଙ୍କ ପାଇଁ ଗଳାବାଟ ନ ଖୋଜି ଦେଶର ଅନ୍ୟ ଲକ୍ଷ ଲକ୍ଷ ପିଲାଙ୍କ ଭଳି ପ୍ରତିଯୋଗିତାର ସମ୍ମୁଖୀନ ହୋଇ ଜିତନ୍ତୁ ନା ! କିଏ ମନା କରୁଛି !!

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୩ ଅପ୍ରେଲ ୨୦୨୫ ରବିବାର





# ଜାଲ୍ ନୋଟ୍ ଜବତ ଘଟଣାରେ ମାଷ୍ଟରମାଇଣ୍ଡର ପତ୍ତା ମିଳୁନି

**ବଲାଙ୍ଗିର, ନ୍ୟୁଜ୍ ବ୍ୟୁରୋ**

ଜାଲ୍ ନୋଟ୍ କାରବାର ସମ୍ପର୍କରେ ସ୍ପେସାଲ୍ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ସୂଚନା ପାଉଛି । ଚଢ଼ଉ କରୁଛି । ନୋଟ୍ ଜବତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରୁଛି । ରିମାଣ୍ଡରେ ଆଣି ପଚରା ଉଚୁରା ମଧ୍ୟ ଅଭିଯୁକ୍ତଙ୍କୁ କରୁଛି । ମାତ୍ର କାରବାରର ମୁଖ୍ୟ କିଏ ଓ କେଉଁଠି ଏହାର ଉତ୍ସକୁ ଧରିପାରୁନି । ବଲାଙ୍ଗିର ଜିଲ୍ଲାର ଟିଟିଲାଗଡ଼ ଉପଖଣ୍ଡ ଜାଲ୍ ନୋଟ୍ କାରବାରର ଠିକଣା ହୋଇଛି । ବୁଧବାର ରାତିରେ ଜାଲ୍ ନୋଟ୍ ଜବତ ସହ ୨ ଜଣଙ୍କୁ ଗିରଫ କରାଯିବା ପରେ ଏହି କାରବାର ବେଶ୍ ସତର୍କତାର ସହ ପରିଚାଳିତ ହେଉଥିବା ନଜରକୁ ଆସିଛି । ଗିରଫ ଅଭିଯୁକ୍ତ ଜାଲ୍ ନୋଟ୍‌ର ସୂତ୍ର ବିଷୟରେ ତଥ୍ୟ ଦେବାରୁ ଦୂରେଇ ରହୁଥିବା ଜଣାପଡ଼ିଛି । ସୂଚନା ଅନୁସାରେ, ଭୁବନେଶ୍ୱର ଏସ୍‌ଟିଏଫ୍‌ର ଡିଏସ୍‌ପି ରଶ୍ମିରଞ୍ଜନ ପଟ୍ଟନାୟକ ଟିଟିଲାଗଡ଼ ପୋଲିସ ସହାୟତାରେ ସହରର ରଘୁନାଥପଡ଼ାରେ ରହୁଥିବା ମହମ୍ମଦ ସବିର ଓ ସିକେର ବାସିନ୍ଦା ନେତ୍ରାନନ୍ଦ ରାଉତଙ୍କୁ ଜାଲ୍ ନୋଟ୍ କାରବାରରେ ଗିରଫ କରିଛି । ସେମାନଙ୍କ ନିକଟରୁ ୪୯ ହଜାର ଟଙ୍କାର ଜାଲ୍ ନୋଟ୍ ଜବତ ହୋଇଛି । ପୋଲିସ ସେମାନଙ୍କୁ ରିମାଣ୍ଡରେ ନେବା ପାଇଁ ଏସ୍‌ଡିଜେଏମ୍ କୋର୍ଟରେ ଆବେଦନ କରିବ ବୋଲି ଜଣାପଡ଼ିଛି । ଏହା ପ୍ରଥମ ଘଟଣା ନୁହେଁ, ୨୦୨୩ ଫେବୃଆରୀ ୩ରେ ଆଇ ଲଭ୍ ଟିଟିଲାଗଡ଼ ପାର୍କ ସମ୍ମୁଖରୁ ଭୁବନେଶ୍ୱର ଏସ୍‌ଟିଏଫ୍ ଦଳ ଟିଟିଲାଗଡ଼ ପୋଲିସ ସହାୟତାରେ କଳାହାଣ୍ଡି ଜିଲ୍ଲା କେଗାଁ ଥାନା କଣ୍ଟାମାଲ ଗ୍ରାମର ଲିଙ୍ଗରାଜ ବେହେରାଙ୍କୁ ଧରିଥିଲେ । ସର୍ବାଧିକ ୩୧ ଲକ୍ଷ ୨୭ ହଜାର ୫ ଶହ ଟଙ୍କାର ଜାଲ୍ ନୋଟ୍ ଜବତ ହୋଇଥିଲା । ସେଥିରେ ୬୧୦୭ଟି ୫ ଶହ, ୨ ଶହଟି ୨ ଶହ ଓ ୪୦ଟି ଶହେ ଟଙ୍କିଆ ଜାଲ୍ ନୋଟ୍ ରହିଥିଲା । ପଶ୍ଚିମବଙ୍ଗର ପଶ୍ଚିମ ମେଦିନାପୁର ସୋଲବଣି ସ୍ଥିତ ଭାରତୀୟ ରିଜର୍ଭ ବ୍ୟାଙ୍କ ନୋଟ୍ ମୁଦ୍ରଣ ପ୍ରାଇଭେଟ୍ ଲିମିଟେଡ୍‌କୁ ଜାଲ୍ ନୋଟ୍ ତନଖି ପାଇଁ ସେତେବେଳେ ପଠାଯାଇଥିଲା । ଟିଟିଲାଗଡ଼ କାହିଁକି, ପଶ୍ଚିମ ଓଡ଼ିଶାର ବିଭିନ୍ନ ସହରରେ ନକଲି ଟଙ୍କା କାରବାର ନୂଆ କଥା ନୁହେଁ । ପୂର୍ବରୁ ବରଗଡ଼, ଝାରସୁଗୁଡ଼ା, ବଲାଙ୍ଗିର ଜିଲାରୁ ନକଲି ନୋଟ୍ ସହ କାରବାର ଚଳାଇଥିବା ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି । ନିୟମିତ ଭାବେ ବିଭିନ୍ନ ବ୍ୟାଙ୍କରୁ ନକଲି ନୋଟ୍ ମିଳୁଛି । ବିଶେଷ କରି ନକଲି ନୋଟ୍ ମାଫିଆ ଗ୍ରାମାଞ୍ଚଳରେ ଏହି କାରବାରକୁ ଚଳାଉଛନ୍ତି । ଅନ୍ୟପକ୍ଷରେ ଜାଲ୍ ନୋଟ୍ କାରବାରର ମୁଖ୍ୟ କିଏ ଓ କେଉଁଠୁ ଏହା ପରିଚାଳିତ ହେଉଛି ତାହା ଜଣାପଡୁନାହିଁ । ଏସ୍‌ଟିଏଫ୍ ଓ ସ୍ଥାନୀୟ ପୋଲିସ ଗିରଫ କରିବା ସହ ରିମାଣ୍ଡରେ ନେଇ ପଚରାଉଚୁରା ସତ୍ତ୍ୱେ କାରବାରର ସୂତ୍ରଧର କିଏ ତାହା ଏପର୍ଯ୍ୟନ୍ତ ଅସ୍ପଷ୍ଟ ରହିଛି ।

# ଆୟୁଷ୍ମାନ୍ ଯୋଜନାରେ ଯାଜପୁର ଜିଲ୍ଲାରୁ ୧୮ ଲକ୍ଷରୁ ଊର୍ଦ୍ଧ୍ୱ ଉପକୃତ ହେବେ:ଆଇନ୍ ମନ୍ତ୍ରୀ

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**



ଯାଜପୁର ଜିଲ୍ଲାରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଏବଂ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନାର ଶୁଭାରମ୍ଭ ଗୌତମ ବୁଦ୍ଧ ସଂସ୍କୃତି ଭବନ, ଯାଜପୁର ଠାରେ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଯୋଗଦେଇ ମନ୍ତ୍ରୀ ଆଇନ, ପୂର୍ତ୍ତ ଓ ଅବକାରୀ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ ଯେ, ପରିଚିତ ଯାଜପୁର ଜିଲ୍ଲାରେ ୧୮ ଲକ୍ଷରୁ ଅଧିକ ଲୋକ ଏହି ଯୋଜନା ଦ୍ୱାରା ଉପକୃତ ହେବାକୁ ଯାଉଛନ୍ତି ଓ ଭବିଷ୍ୟତରେ ଆହୁରି ଅଧିକ ହିତାଧିକାରୀ ଏହି ଯୋଜନାରେ ଯେପରି ସାମିଲ୍ ହୋଇପାରିବେ ସେଥିନେଇ ଉଦ୍ୟମ ଜାରି ରହିଛି ଓ ଏହି କାର୍ଯ୍ୟକ୍ରମରେ ସାଂସଦ, ଯାଜପୁର ଡ. ରବୀନ୍ଦ୍ର ନାରାୟଣ ବେହେରା ଯୋଗଦେଇ କହିଲେ ଆଗରୁ ପରିବାରର ସମସ୍ତଙ୍କୁ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ପ୍ରତ୍ୟେକ ପରିବାରକୁ ଗୋଟିଏ ଲେଖାଏଁ କାର୍ଡ ଦିଆଯାଉଥିଲା ଯାହାଦ୍ୱାରା ଲୋକମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିଲେ । କିନ୍ତୁ ଆୟୁଷ୍ମାନ ଜନ ଆରୋଗ୍ୟ ଯୋଜନା ଏବଂ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଦୁଇଟି ମିଶ୍ରଣରେ ପରିବାରର ପ୍ରତ୍ୟେକ ସଦସ୍ୟଙ୍କୁ ଗୋଟିଏ ଲେଖାଏଁ କାର୍ଡ ମିଳି ପାରିବ ଯେମିତି ଲୋକମାନଙ୍କୁ କୌଣସି ସମସ୍ୟାର ସମ୍ମୁଖୀନ ହେବାକୁ ପଡିବନାହିଁ । ସମଗ୍ର ଭାରତବର୍ଷରେ ଥିବା ଆୟୁଷ୍ମାନ ଭାରତ କାର୍ଡ କାର୍ଯ୍ୟରତ ଚିକିତ୍ସାଳୟରେ ଲୋକମାନେ ଚିକିତ୍ସିତ ହୋଇପାରିବେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଯାଜପୁର ପି. ଅନ୍ୱେଷା ରେଡ୍ଡୀ ଅଧକ୍ଷତା କରି କହିଲେ ଯେଉଁ ହିତାଧିକାରୀଙ୍କ ଆଗରୁ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା କାର୍ଡ ଥିଲା ସେମାନଙ୍କୁ ପ୍ରଥମ ପର୍ଯ୍ୟାୟରେ ନୂଆ ଆୟୁଷ୍ମାନ୍ ଭାରତ ଏବଂ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର କମ୍ବୋ କାର୍ଡ ପାଇବେ । ଏହି କାର୍ଡ ପାଇବା ପାଇଁ କୌଣସି ହିତାଧିକାରୀଙ୍କୁ କୌଣସି ଜନ ସେବା କେନ୍ଦ୍ର କିମ୍ବା ଅନ୍ୟ କୌଣସି ସ୍ଥାନକୁ ଯିବା ପାଇଁ ପଡ଼ିବନି ପ୍ରତ୍ୟେକ ଗାଁର ଆଶା କର୍ମୀ ଓ ଜନସେବା କେନ୍ଦ୍ରର ପରିଚାଳକ ଗାଁ ଗାଁ ବୁଲି ପ୍ରତ୍ୟେକଙ୍କ ଘରେ ଆୟୁଷ୍ମାନ୍ ଭାରତ କାର୍ଡ ବଣ୍ଟନ କରିବେ । ବିତରଣ ସମୟ ବିଳମ୍ବ ହେଲେ ମଧ୍ୟ କୌଣସି ହିତାଧିକାରୀ ଚିକିତ୍ସିତ ହେବାରୁ ବଞ୍ଚିତ ହେବେନାହିଁ । ଆଗରୁ ଥିବା କାର୍ଡ ଏବଂ ଆଧାର ନମ୍ବର ଦେଖେଇ ଯେକୌଣସି ଡାକ୍ତରଖାନାରେ ସ୍ୱାସ୍ଥ୍ୟ ସେବା ପାଇପାରିବେ । କାର୍ଡ ପାଇଁ କୌଣସି ହିତାଧିକାରୀ କାହାକୁ କୌଣସି ପ୍ରକାର ଅବୈଧ ଟଙ୍କା ଦେବେ ନାହିଁ ଯଦି କେହି ମାଗନ୍ତି ତାହେଲେ ପ୍ରଶାସନର ଦୃଷ୍ଟିକୁ ଆଣିବାକୁ ଅନୁରୋଧ କରିଥିଲେ । ଏହି କାର୍ଡ ମାଧ୍ୟମରେ ଓଡ଼ିଶାର ହିତାଧିକାରୀ ଓଡ଼ିଶା ବାହାରେ ତଥା ସାରା ଭାରତ ବର୍ଷରେ ଏହି କାର୍ଡ କାର୍ଯ୍ୟରତ ଥିବା ଚିକିତ୍ସାଳୟରେ ନିଜ ନିଜ କାର୍ଡର ବ୍ୟବହାର କରି ସ୍ୱାସ୍ଥ୍ୟ ସେବା ପାଇପାରିବେ । ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ୨୫୦ ଜଣ ହିତାଧିକାରୀଙ୍କୁ ଆୟୁଷ୍ମାନ୍ ଭାରତ କାର୍ଡ ବଣ୍ଟନ କରାଯାଇଥିଲା । ସେହିପରି ବରୀ ବ୍ଲକର ୧୨୫ ଜଣ , ବିଂଝାରପୁର ବ୍ଲକର ୨୦୦ ଜଣ, ଦାନଗଦି ବ୍ଲକର ୧୨୫ ଜଣ, ଦଶରଥପୁର ବ୍ଲକର ୩୬୮ ଜଣ, ଧର୍ମଶାଳା ବ୍ଲକର ୨୫୦ ଜଣ, ଯାଜପୁର ବ୍ଲକର ୧୦୦ ଜଣ, କୋରେଇ ବ୍ଲକର ୧୫୦ ଜଣ, ରସୁଲପୁର ବ୍ଲକର ୧୨୫ ଜଣ, ସୁକିନ୍ଦା ବ୍ଲକର ୧୨୫ ଜଣ, ଯାଜପୁର ମ୍ୟୁନିସିପାଲଟିରେ ସମୁଦାୟ ୨୫ ଜଣ, ବ୍ୟାସନଗର ମ୍ୟୁନିସିପାଲଟିରେ ସମୁଦାୟ ୨୬ ଜଣ ହିତାଧିକାରୀଙ୍କୁ ଆୟୁଷ୍ମାନ୍ ଭାରତ କାର୍ଡ ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅଧକ୍ଷା ପୌରପରିଷଦ ରଞ୍ଜୁଲତା ହୋତା, ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ପ୍ରକାଶ ଚନ୍ଦ୍ର ବଳ ଏବଂ ଗଣମାଧ୍ୟମ ପ୍ରତିନିଧି ବୃନ୍ଦ ଉପସ୍ଥିତ ଥିଲେ ।

# ବସ୍-ହାଇୱା ଧକ୍କା:୩୨ ଆହତ

**ଆଠଗଡ଼, ନ୍ୟୁଜ୍ ବ୍ୟୁରୋ**

ଆଠଗଡ଼ ବ୍ଲକ୍ ଅଧିନ ସମସରପୁର ପଞ୍ଚାୟତର ବିଜେପି କାର୍ଯ୍ୟକର୍ତ୍ତାମାନେ ଆୟୁଷ୍ମାନ ଯୋଜନା ଉଦ୍‌ଘାଟନୀ ସମାରୋହରେ ଯୋଗଦେବା ପାଇଁ ଯାଉଥିବା ବେଳେ ଏକ ଅଘଟଣ ଘଟିଛି । ସେମାନେ ଯାଉଥିବା ବସ୍‌କୁ ଏକ ହାଇୱା ଧକ୍କା ଦେବାରୁ ଏଥିରେ ୩୨ ଜଣ ଆହତ ହୋଇଛନ୍ତି । ଆହତମାନଙ୍କ ମଧ୍ୟରୁ ଉଗ୍ରସେନ୍ ରାଉତ ଓ ମନୋରଞ୍ଜନ ଜେନାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି । ଅନ୍ୟ ଆହତମାନଙ୍କୁ ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା କରାଯାଇଛି ବୋଲି ଉପଖଣ୍ଡ ଚିକିତ୍ସାଳୟର ସୁପରିଣ୍ଟେଣ୍ଡେଣ୍ଟ ଡ. ବିଜୟ କୁମାର ମିଶ୍ର ପ୍ରକାଶ କରିଛନ୍ତି । ଆଠଗଡ଼ ପୋଲିସ୍ ଗାଡ଼ି ଦୁଇଟି ଜବତ କରି ତଦନ୍ତ ଆରମ୍ଭ କରିଛି । ଖବର ପାଇ ବଡ଼ମ୍ବା ବିଧାୟକ ବିଜୟ କୁମାର ଦଳବେହେରା ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ପହଞ୍ଚି ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ପଚାରି ବୁଝିଛନ୍ତି । ବିଡିଓ ଆକାଶ ପଣ୍ଡା, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ବିଶ୍ୱଜିତ ମହାନ୍ତି, ଆଇଆଇସି ସୁମତି ମହାନ୍ତି ପ୍ରମୁଖ ଘଟଣାସ୍ଥଳରେ ଉପସ୍ଥିତ ରହିଥିଲେ । କଟକ ଠାରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଆୟୁଷ୍ମାନ୍ ଯୋଜନା ଲୋକାର୍ପିତ ହୋଇଛି । ଏଥିରେ ଯୋଗଦେବାକୁ ଆଠଗଡ଼ ବ୍ଲକ୍ ଅନ୍ତର୍ଗତ ସମସରପୁର ପଞ୍ଚାୟତ ପକ୍ଷରୁ ଏକ ବସ୍‌ରେ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ରାଉତ, ବ୍ଲକର କର୍ମଚାରୀ ପ୍ରଭାସ କୁମାର ସାହୁଙ୍କୁ ମିଶାଇ ମୋଟ୍ ୩୨ଜଣ କଟକ ଯାଉଥିଲେ । ଆଠଗଡ଼ରୁ କଟକ ଭାୟା ମୁଣ୍ଡଳୀ ରାସ୍ତାର ବନଖଣ୍ଡି ଠାରେ ବିପରୀତ ଦିଗରୁ ଆସୁଥିବା ଏକ ଦ୍ରୁତଗାମୀ ହାଇୱା ସହ ବସ୍ ଧକ୍କା ହୋଇଥିଲା । ଫଳରେ ବସ୍‌ଟି ରାସ୍ତା ତଳ ବିଲକୁ ଖସି ପଡ଼ିଥିଲା । ଖବରପାଇ ଘଟଣାସ୍ଥଳରେ ଆଠଗଡ଼ ଅଗ୍ନିଶମ ବାହିନୀ ଓ ପୋଲିସ ପହଞ୍ଚି ଆହତଙ୍କୁ ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟକୁ ଅଣାଯାଇଥିଲା ।

# ଛେନାପୋଡ଼ ପାଇଁ ଟଣାଓଟରା:ପଶାପାଲିରେ ପ୍ରକୃତ ସ୍ରଷ୍ଟା

**ଦଶପଲ୍ଲା, ନ୍ୟୁଜ୍ ବ୍ୟୁରୋ**

ଛେନାପୋଡ଼କୁ ଜିଆଇ ମାନ୍ୟତା ଦେବା ପାଇଁ ଦାବି ଉଠୁଛି । ହେଲେ ଓଡ଼ିଶାର ଏହି ପାରମ୍ପରିକ ମିଠାକୁ ନେଇ ବିବାଦ ଘନୀଭୂତ ହେବାରେ ଲାଗିଛି । ଛେନାପୋଡ଼ ପ୍ରସ୍ତୁତିର ପ୍ରକୃତ ସୂତ୍ରଧର କିଏ, କେଉଁଠୁ ଏହା ଉଦ୍ଭାବନ ହୋଇଥିଲା, କ'ଣ ରହିଛି ଏହାର ଇତିହାସ ଏସବୁର ବାସ୍ତବତାକୁ ପରଖିବା ବଦଳରେ ନିର୍ଦ୍ଦିଷ୍ଟ ଏକ ଗୋଷ୍ଠୀ ସୁଦର୍ଶନ ସାହୁଙ୍କ ଜନ୍ମଦିନ ଏପ୍ରିଲ୍ ୧୧କୁ ଛେନାପୋଡ଼ ଦିବସ ଭାବେ ପାଳନ କରୁଛନ୍ତି । ଅନ୍ୟପକ୍ଷରେ ଆଉ ଏକ ଗୋଷ୍ଠୀ ଏହାର ତଥ୍ୟ ଓ ସତ୍ୟକୁ ଉପସ୍ଥାପନ କରିବା ସହ ଏହାର ସ୍ରଷ୍ଟା ବିଦ୍ୟାଧର ସାହୁ ବୋଲି ଦର୍ଶାଇ ତାଙ୍କର ତିରୋଧାନ ଦିବସ ଡିସେମ୍ବର ୩୧କୁ ବିଶ୍ୱ ଛେନାପୋଡ଼ ଦିବସ ଭାବେ ପାଳନ ପାଇଁ ଦାବି ଉଠାଇଛନ୍ତି । ଏହାଦ୍ୱାରା କେବଳ ଦୁଇ ଗୋଷ୍ଠୀ ନୁହେଁ, ପରିବାର ମଧ୍ୟରେ ବିବାଦର ପାଚେରି ଛିଡ଼ା ହୋଇଥିବା ଦେଖିବାକୁ ମିଳିଛି । ଗତ ଡିସେମ୍ବର ୩୧ ତାରିଖରେ ବିଦ୍ୟାଧର ସାହୁ ମେମୋରିଆଲ୍ ଚାରିଟେବୁଲ୍ ଟ୍ରଷ୍ଟ ସମେତ ଛେନାପୋଡ଼ର ଉତ୍ପତ୍ତିସ୍ଥଳ ନୟାଗଡ଼ ଜିଲ୍ଲା ଓ ରାଜ୍ୟସ୍ତରରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବିଶ୍ୱ ଛେନାପୋଡ଼ ଦିବସ ପାଳନ କରାଯାଇଛି । ଛେନାପୋଡ଼କୁ ଜିଆଇ ମାନ୍ୟତା ପାଇଁ ଜିଲ୍ଲାସ୍ତରରୁ ଆରମ୍ଭ କରି ରାଜ୍ୟ ଓ କେନ୍ଦ୍ର ସ୍ତରରେ ଦାବି ଉପସ୍ଥାପନ କରାଯାଇଛି । ଅର୍ଥାତ୍ ଏପ୍ରିଲ୍ ୧୧ ତାରିଖକୁ ନିର୍ଦ୍ଦିଷ୍ଟ ଏକ ଗୋଷ୍ଠୀ ଛେନାପୋଡ଼ ଦିବସ ଭାବେ ପାଳନ କରିଛନ୍ତି । ଯାହାକୁ ନେଇ ବ୍ଲକ୍ ସ୍ତରରୁ ଆରମ୍ଭ କରି ଜିଲ୍ଲାସ୍ତର ପର୍ଯ୍ୟନ୍ତ ପ୍ରତିବାଦ ଉଠିବା ସହ ତହସିଲଦାରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଛେନାପୋଡ଼ର ପ୍ରକୃତ ସ୍ରଷ୍ଟା ବିଦ୍ୟାଧର ସାହୁ ହୋଇଥିବା ଦର୍ଶାଇ ଏହା ପଛର ତଥ୍ୟ ଓ ସତ୍ୟକୁ ଅନୁସନ୍ଧାନ କରିବା ପାଇଁ ଦାବି ଉଠିଛି । ମିଥ୍ୟା ତଥ୍ୟ ବଳରେ ରାଜନୈତିକ ଅଭିସନ୍ଧି ରଖି ଏପ୍ରିଲ୍ ୧୧କୁ ଛେନାପୋଡ଼ ଦିବସ ଭାବେ ଯେଉଁ କେତେକ ସ୍ଥାନରେ ପାଳନ କରାଯାଉଛି, ତଦ୍ୱାରା ଏହାର ପ୍ରକୃତ ସ୍ରଷ୍ଟାଙ୍କୁ ଆଢୁଆଳରେ ରଖିବାକୁ ଅପଚେଷ୍ଟା କରାଯାଉଥିବା ପ୍ରସଙ୍ଗ ମୁଣ୍ଡ ଟେକିଛି । ଛେନାପୋଡ଼କୁ ପ୍ରଥମେ ଦଶପଲ୍ଲା ଏନ୍‌ଏସି ଅଧୀନ ୧୪ ନମ୍ବର ୱାର୍ଡ ଜରିପାଟଣା ଗ୍ରାମର ବିଦ୍ୟାଧର ସାହୁ ପ୍ରସ୍ତୁତ କରିଥିଲେ । ବିଦ୍ୟାଧରଙ୍କ ଉତ୍ତରାଧିକାରୀ ତଥା ସାହିରେ ବସବାସ କରୁଥିବା ବରିଷ୍ଠ ବୁଦ୍ଧିଜୀବୀଙ୍କ କହିବା ଅନୁଯାୟୀ, ବିଦ୍ୟାଧର ଏଠାରେ ଏକ ଜଳଖିଆ ଦୋକାନ ଦେଇଥିଲେ । ଦୋକାନକୁ କ୍ଷୀର ଓ ଛେନା ଆସୁଥିବା ବେଳେ ଦିନେ ଛେନା ବଳି ଯାଇଥିଲା । ବିଦ୍ୟାଧରଙ୍କ ଧର୍ମପତ୍ନୀ ଜେମାମଣି ସେହି ଛେନାରେ ଚିନି ଗୋଳାଇ ଏକ ପାତ୍ରରେ ରଖି ଚୁଲି ନିଆଁରେ ଘୋଡ଼ାଇ ଦେଇଥିଲେ । ପରଦିନ ସକାଳୁ ଏହାକୁ ନିଆଁରୁ କାଢ଼ି ଖାଇବା ପରେ ତାହା ଖୁବ୍ ସୁସ୍ୱାଦୁ ଲାଗିଥିଲା । ଧୀରେ ଧୀରେ ଏଭଳି ଛେନା ଓ ଚିନିକୁ ମିଶାଇ ବିଦ୍ୟାଧର ଛେନାପୋଡ଼ ପ୍ରସ୍ତୁତ କରିବାକୁ ଲାଗିଲେ । ଜଳଖିଆ ଖାଇବାକୁ ଆସୁଥିବା ଗ୍ରାହକ ମଧ୍ୟ ଏହାକୁ ବେଶ୍ ପସନ୍ଦ କଲେ । କ୍ରମଶଃ ଦଶପଲ୍ଲାରେ ଏହି ମିଠାର ଆଦୃତି ବଢ଼ିଥିଲା । ବିଦ୍ୟାଧରଙ୍କ ୩ ପୁଅ ଗୌରଚନ୍ଦ୍ର, ସୁଦର୍ଶନ ଓ ଭଗବାନ । ଦିନେ ଦିନେ ଯାହା ପୋଡ଼ ବଳକା ହୁଏ ତାକୁ ଧରି ସୁଦର୍ଶନ ନୟାଗଡ଼କୁ ବ୍ୟବସାୟ କରିବା ପାଇଁ ଚାଲି ଯାଆନ୍ତି । କାଳକ୍ରମେ ଦୁଇପୁଅ ସୁଦର୍ଶନ ଓ ଭଗବାନ ନୟାଗଡ଼ ଚାଲି ଯାଇଥିଲେ । ନୟାଗଡ଼ କଚେରି ଛକରେ ସୁଦର୍ଶନ ନିଜର ବ୍ୟବସାୟ ଆରମ୍ଭ କରିବା ସହ ଛେନାପୋଡ଼ ତିଆରି କରୁଥିଲେ । ବାପା ବିଦ୍ୟାଧର ଏହାର ଉଦ୍ଭାବନ କରିଥିବା ବେଳେ ପରବର୍ତ୍ତୀ ସମୟରେ ସୁଦର୍ଶନ ନୟାଗଡ଼ରେ ଛେନାପୋଡ଼ର ବହୁଳ ପ୍ରସାର କରିଥିଲେ । ଯାହାକୁ ନେଇ ସୁଦର୍ଶନ ପୂର୍ବରୁ ନିଜ ପ୍ରତିକ୍ରିୟା ଓ ସାକ୍ଷାତକାରରେ କହିଥିବା ବିଭିନ୍ନ ପୁସ୍ତକରେ ଉଲ୍ଲେଖ ରହିଛି । ହେଲେ ସୁଦର୍ଶନଙ୍କ ଜନ୍ମଦିନ ଏପ୍ରିଲ ୧୧ ତାରିଖକୁ ଛେନାପୋଡ଼ ଦିବସ ଭାବେ ପାଳନ କରାଯାଉଛି, ଯାହା ସମ୍ପୂର୍ଣ୍ଣ ନିରାଧାର ଓ କପୋଳକଳ୍ପିତ ବୋଲି ବିଦ୍ୟାଧର ସାହୁ ମେମୋରିଆଲ୍ ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ କୁହାଯାଇଛି । ପ୍ରକୃତ ସତ୍ୟକୁ ଅନୁସନ୍ଧାନ କରି ଡିସେମ୍ବର ୩୧ ତାରିଖକୁ ବିଶ୍ୱ ଛେନାପୋଡ଼ ଦିବସ ପାଳନ କରିବା ପାଇଁ ଦାବି ଉଠିଛି । ଏହି ଦିବସକୁ ବିରୋଧ କରି ଦଶପଲ୍ଲାରେ ଚାରିଟେବୁଲ୍ ଟ୍ରଷ୍ଟ ସମେତ ମହାବୀର ବଣିକ ମହାସଂଘ, ପ୍ରେସ୍ କ୍ଲବ୍ ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ଦାବିପତ୍ର ଦିଆଯାଇଛି ।

# ଗୋଷ୍ଠୀ ବିବାଦ ଘନେଇଲା:ମଣ୍ଡେଇ ପଡ଼ିଆରେ ପୋଲିସ ମୁତୟନ ସହ ୧୪୪ ଧାରା ଜାରି



**ରାଇଘର, ନ୍ୟୁଜ୍ ବ୍ୟୁରୋ**

୨୦୨୩ ମସିହାର ବିବାଦର ସମାଧାନ ହୋଇପାରିଲାନାହିଁ । ଘନେଇଲା ବିବାଦ । ଦୁଇ ଦୁଇ ଥର ଥାନାରେ ବସିଲା ଶାନ୍ତି କମିଟି କିନ୍ତୁ କୌଣସି ସମାଧାନର ବାଟ ବାହାରିଲା ନାହିଁ । ଶେଷରେ କାଳେ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା କରି ବାଧ୍ୟ ହୋଇ ପ୍ରଶାସନ ମଣ୍ଡେଇ ପଡିଆରେ ପୋଲିସ ମୁତୟନ କରିବା ସହ ୧୪୪ ଧାରା ଜାରି କରିଥିଲା । ଏହା ୪୮ଘଣ୍ଟା ଅର୍ଥାତ୍ ଦୁଇଦିନ ଧରି ବଳବତ୍ତର ରହିବା ନେଇ ପୋଲିସ ପ୍ରକାଶ କରିଛି । ଏଭଳି ଘଟଣା ଦେଖିବାକୁ ମିଳିଛି କୁନ୍ଦେଇ ଥାନା ଅଧୀନରେ ଥିବା ତୁରୁଡି ଆଦିବାସୀ ଗ୍ରାମରେ । ପ୍ରକାଶ ଥାଉକି ତୁରୁଡି ଆଦିବାସୀ ଗ୍ରାମରେ ପାଖାପାଖି ସାଢେ ତିନିଶହ ପରିବାର ବସବାସ କରନ୍ତି । ଏମାନଙ୍କ ମଧ୍ୟରେ ଦୁଇଟି ଗୋଷ୍ଠୀଙ୍କ ମଧ୍ୟରେ ୨୦୨୩ ମସିହାରେ ମଣ୍ଡେଇ ପଡିଆରେ ଖୁଡୁଖୁଡ଼ି ଖେଳ ଲାଗିବାକୁ ନେଇ ବିବାଦ ହୋଇଥିଲା ଏବଂ ତାହା ତୀବ୍ର ରୂପ ଧାରଣ କରି ଉଭୟ ଗୋଷ୍ଠୀ ମଧ୍ୟରେ ମାରପିଟ୍ ମଧ୍ୟ ହୋଇଥିଲା । ଏହି ବିବାଦର କୌଣସି ସମାଧାନ ହୋଇପାରିନଥିଲା । ଗୋଟିଏ ଗୋଷ୍ଠୀ ଖୁଡୁଖୁଡ଼ିକୁ ପ୍ରଶୟ ଦେବାବେଳେ ଅନ୍ୟ ଗୋଷ୍ଠୀ ବିରୋଧ କରିଥିଲା । ୨୦୨୪ ମସିହାରେ ମଣ୍ଡେଇ ସମୟରେ ଖୁଡୁଖୁଡ଼ିକୁ ପ୍ରଶୟ ଦେବା ଗୋଷ୍ଠୀକୁ ବିପକ୍ଷ ଗୋଷ୍ଠୀ ମଣ୍ଡେଇରେ ନ ଡାକି ମଣ୍ଡେଇ ପୂଜା ଅର୍ଚ୍ଚନା ସହ ମଣ୍ଡେଇ ପାଳିଥିଲେ । କିନ୍ତୁ ବର୍ତ୍ତମାନ ୨୦୨୫ରେ ୧୧ ତାରିଖ ଶୁକ୍ରବାର ମଣ୍ଡେଇ ପାଳିବାକୁ ଗ୍ରାମ କମିଟି ନିର୍ଦ୍ଧାରଣ କରିଥିଲା କିନ୍ତୁ ଏହାକୁ ବିଜେପି ସମର୍ଥିତ କର୍ମୀମାନେ କହିଥିଲେ ବର୍ତ୍ତମାନର ମଣ୍ଡେଇରେ ସେମାନେ ଏକାକୀ ପୂଜା କରି ମଣ୍ଡେଇ ପାଳିବେ । ଏହାକୁ ବିଜେଡି ସମର୍ଥିତ ଗୋଷ୍ଠୀ ବିରୋଧ କରିଥିଲେ । ଘଟଣା ଯାଇ ପହଞ୍ଚି ଥିଲା କୁନ୍ଦେଇ ଥାନାରେ । ଥାନା ଅଧିକାରୀ ଦୁର୍ଗା ପ୍ରସାଦ ବ୍ରହ୍ମା ସମାଧାନ ଉଦ୍ଦେଶ୍ୟରେ ଉଭୟ ଗୋଷ୍ଠୀଙ୍କୁ ଥାନାକୁ ଡାକିଥିଲେ । ଉଭୟ ଗୋଷ୍ଠୀଙ୍କୁ ବୁଝାଇବା ପାଇଁ ଦୁଇଥର ୯ ଏବଂ ୧୦ ତାରିଖ ଶାନ୍ତି କମିଟି ବସାଇ ବହୁ ଚେଷ୍ଟା କରି ବିଫଳ ହୋଇଥିଲେ । ଶେଷରେ ପରିସ୍ଥିତିକୁ ନଜର ରଖି ୪୮ ଘଣ୍ଟା ପାଇଁ ୧୪୪ ଧାରା ଜାରି କରିଥିଲା । ଏହାକୁ ନେଇ ଆମେ ଉଭୟ ଗୋଷ୍ଠୀଙ୍କ ସହ ସାକ୍ଷାତ କରିଥିଲୁ । ବିଜେଡି ସମର୍ଥିତ ଗୋଷ୍ଠୀ କହିବା ଅନୁଯାୟୀ ମଣ୍ଡେଇରେ ଖୁଡୁଖୁଡ଼ି ନ ଲଗାଇବାକୁ ବାରଣ କରିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି କହିବା ବେଳେ ବିଜେପି ସମର୍ଥିତ ଗୋଷ୍ଠୀ ବ୍ରହ୍ମଣଙ୍କୁ ନେଇ ବିବାଦ ସୃଷ୍ଟି ହେଉଥିବା ସହ ସେମାନଙ୍କ ମୂର୍ତ୍ତି ଫେରାଉ ନଥିବା କାରଣରୁ ଏଭଳି ପରିସ୍ଥିତି ଘଟିଥିବା କହିଛନ୍ତି ।



# ଚୋରା ମଦ ଜବତ:୩ କୋର୍ଟ ଚାଲାଣ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ରାପଡ଼ା ଅବକାରୀ ବିଭାଗ ପକ୍ଷରୁ କେନ୍ଦ୍ରାପଡ଼ାର ବିଭିନ୍ନ ସ୍ଥାନରେ ଚଢଉ କରାଯାଇ ଫୋରପଳ ଗ୍ରାମର ମନୋରଞ୍ଜନ ଦାଶଙ୍କ ଠାରୁ ୨୨ ଲିଟର ଦେଶୀ ମଦ, କଣଟୀ ଗ୍ରାମର ଅଲେଖ ମଲିକଙ୍କ ଠାରୁ ୧୬ ଲିଟର ଦେଶୀ ମଦ ଏବଂ ଧନଦିଆ ଗ୍ରାମର ସୁବ୍ରତ ପାତ୍ରଙ୍କ ଠାରୁ ୨୧ ଲିଟର ବିଦେଶୀ ମଦ ଜବତ କରି ଏମାନଙ୍କୁ ଗିରଫ କରାଯାଇଛି । ଏମାନଙ୍କ ପାଖରୁ ସମୁଦାୟ ୫୯ ଲିଟର ଚୋରା ଦେଶୀ ଓ ବିଦେଶୀ ମଦ ଜବତ କରାଯାଇ ୩ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଅବକାରୀ ଅଧିକ୍ଷକ, କେନ୍ଦ୍ରାପଡ଼ା କହିଛନ୍ତି । ଏହି ଚଢଉରେ ଅବକାରୀ ନିରିକ୍ଷକ ହିତାଂଶୁ ଶେଖର ମଲ୍ଲିକ, ଅବକାରୀ ଉପ ନିରିକ୍ଷକ ଧର୍ମପଦ ଦାସ, ଛାୟାକାନ୍ତ ନାୟକ ଏବଂ ଅନ୍ୟ କର୍ମଚାରୀ ସାମିଲ୍ ଥିଲେ ।

# 'ଏୟାରଷ୍ଟ୍ରିପ୍ ସମ୍ପ୍ରସାରଣରେ ବାସହରା ୪୩ ଆଦିବାସୀ ପରିବାରଙ୍କୁ ଥଇଥାନ କରାଯାଉ'

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ପ୍ରବଳ ଗ୍ରୀଷ୍ମ ପ୍ରବାହ ସମୟରେ ଏୟାରଷ୍ଟ୍ରିପ୍ ସମ୍ପ୍ରସାରଣ ନାଁରେ ଦୀର୍ଘ ୪୦ ବର୍ଷ ଧରି ନିଜ ରାଜସ୍ୱ ଗ୍ରାମରେ ବସବାସ କରୁଥିବା ୪୩ ଆଦିବାସୀ ପରିବାରଙ୍କୁ ନିଜଘରୁ ବିସ୍ଥାପିତ କରି ଖୋଲା ଆକାଶ ତଳେ ଛାଡ଼ି ଦିଆଯାଇଛି । ଏବାବଦରେ ସର୍ବୋଦୟ ମଣ୍ଡଳ ମୟୁରଭଞ୍ଜ ଜିଲ୍ଲା ଶାଖା ପକ୍ଷରୁ ଜିଲ୍ଲା ପ୍ରଶାସନ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ବାସଚ୍ୟୁତ ପରିବାରଙ୍କୁ ଥଇଥାନ କରିବାକୁ ଦାବି କରାଯାଇଛି । ଘଟଣାରୁ ପ୍ରକାଶ ଯେ, ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର ଉପଖଣ୍ଡ ତଥା ବ୍ଲକ ଅନ୍ତର୍ଗତ ପୁରୁଣାପାଣି ପଞ୍ଚାୟତ ପୋଖରିଆ ଗାଁର ୪୩ ପରିବାର ପ୍ରାୟ ୪୦ ବର୍ଷ ଧରି ସେହି ମୌଜାରେ ବସବାସ କରି ଆସୁଛନ୍ତି । ସେମାନଙ୍କୁ ପାନୀୟ ଜଳ, ବିଦ୍ୟୁତ୍, ଇନ୍ଦିରା ଆବାସ ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଆଦି ସରକାରୀ ଯୋଜନାର ସୁବିଧା ସୁଯୋଗ ମଧ୍ୟ ଯୋଗାଇ ଦିଆଯାଇଥିଲା । କିନ୍ତୁ ଗତ ଫେବୃୟାରୀ ୨୦ ତାରିଖ, ୨୦୨୫ରେ ସେମାନଙ୍କୁ ଏୟାରଷ୍ଟ୍ରିପ୍ ସମ୍ପ୍ରସାରଣ ପାଇଁ ସେହି ଜାଗା ଛାଡ଼ି ଯିବାକୁ ପ୍ରଶାସନ ପକ୍ଷରୁ ଉପ ଜିଲ୍ଲାପାଳ ମୌଖିକ ଭାବରେ କହିଥିଲେ । କିନ୍ତୁ ସେମାନେ ବସବାସ କରୁଥିବା ଜମି ଗୋଚର କିସମର ହୋଇଥିବାରୁ ମାର୍ଚ୍ଚ ୮ ତାରିଖରେ ଗ୍ରାମସଭା ଡକାଇବାକୁ ଏକ ନୋଟିସ୍ ପୁରୁଣାପାଣି ସରପଞ୍ଚଙ୍କ ଜରିଆରେ ଗ୍ରାମବାସୀଙ୍କୁ ୪ ମାର୍ଚ୍ଚରେ ଅବଗତ କରାଯାଇଥିଲା । କିନ୍ତୁ ସାନ୍ତାଳୀ ଆଦିବାସୀ ସମ୍ପ୍ରଦାୟର ସୁରୁଲ ପର୍ବ ଥିବାରୁ ଗ୍ରାମବାସୀ ମାନେ ଗ୍ରାମସଭା ଆୟୋଜନ କରିବା ପାଇଁ ଆଉ ୧୫ ଦିନ ସମୟ ଦେବା ପାଇଁ ଉପ ଜିଲ୍ଲାପାଳଙ୍କୁ ଅନୁରୋଧ କରିଥିବା ସତ୍ତ୍ୱେ ମାର୍ଚ୍ଚ ୮ ତାରିଖରେ ନିର୍ଦ୍ଧାରିତ ଗ୍ରାମସଭା ଆୟୋଜନ କରାନଯାଇ ୧୩ ମାର୍ଚ୍ଚରେ ତହସିଲଦାର ଓ ବିଦ୍ୟୁତ୍ ବିଭାଗ କର୍ମଚାରୀମାନେ ଆସି ସମସ୍ତ ଗୃହରୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିଦେଇଥିଲେ । ଏବଂ ୨୦ ମାର୍ଚ୍ଚ ଦିନ ସଶସ୍ତ୍ର ପୋଲିସ ଓ ତହସିଲଦାର ସେମାନଙ୍କୁ ଉଚ୍ଛେଦ କରିବାକୁ ଆସି ଲୋକଙ୍କ ବିରୋଧ ଯୋଗୁ ଫେରିଯାଇଥିଲେ । ମାତ୍ର ପୁନର୍ବାର ୨୪ ମାର୍ଚ୍ଚରେ ଡ଼ାକବାଜି ଯନ୍ତ୍ର ଯୋଗେ ୨୫ ତାରିଖ ସନ୍ଧ୍ୟା ସୁଦ୍ଧା ଘର ଖାଲି କରିଦେବାକୁ ପ୍ରଶାସନ ତରଫରୁ ପ୍ରଚାର କରଯାଇ ଶେଷରେ ୨୬ ମାର୍ଚ୍ଚ ଦିନ ପ୍ରାୟ ୩ ପ୍ଲାଟୁନ୍ ପୋଲିସ ଫୋର୍ସ ଓ ତହସିଲଦାରଙ୍କ ଉପସ୍ଥିତିରେ ସମସ୍ତ ଘରକୁ ବୁଲଡୋଜର୍ ଲଗାଇ ଭାଙ୍ଗି ଦିଆଯାଇଥିଲା ଏବଂ ପ୍ରତ୍ୟେକ ପରିବାରକୁ ଗୋଟିଏ ପଲିଥିନ୍ ବଣ୍ଟନ କରାଯାଇଥିଲା । ତୁରନ୍ତ ସେମାନଙ୍କୁ ଉପଯୁକ୍ତ କ୍ଷତି ପୂରଣ ସହିତ ଭାଙ୍ଗିଦିଆଯାଇଥିବା ସମସ୍ତ ଘର ପୁନଃ ନିର୍ମାଣ ଓ ଗ୍ରାମସଭା ନିଷ୍ପତ୍ତି ଅନୁଯାୟୀ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରିବାକୁ ସର୍ବୋଦୟ ମଣ୍ଡଳ ମୟୁରଭଞ୍ଜ ଶାଖା ତରଫରୁ ରାଜ୍ୟ ସମ୍ପାଦକ ଆର୍ଯ୍ୟଭଟ ମହାନ୍ତି, ଜିଲ୍ଲା ସଭାପତି ଅଭିଜିତ ମହାନ୍ତି, ଉପସଭାପତି ଦୀପକ କୁମାର ନାୟକ, ସଦସ୍ୟ ଦିଲ୍ଲୀପ କୁମାର ପାତ୍ର, ଜଗନ୍ନାଥ ବେହେରା, ଜୀବନ ମହାନ୍ତି, ସମିତ କୁମାର ଭଞ୍ଜ, ସସ୍ମିତା ପ୍ରିୟଦର୍ଶିନୀ, ଅରୁଣ କୁମାର ଦତ୍ତ, ରମାକାନ୍ତ ରାଉତ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ମାଧ୍ୟମରେ ନିବେଦନ କରିଛନ୍ତି ।

# ସଡ଼କ ଦୁର୍ଘଟଣାରେ ସ୍ତ୍ରୀ ମୃତ, ସ୍ୱାମୀ ଓ ଚାଳକ ଗୁରୁତର

**ବାଲକାଟି, ନ୍ୟୁଜ୍ ବ୍ୟୁରୋ**

ପଶ୍ଚିମବଙ୍ଗରୁ ଏକ କାର୍‌ରେ ଆସିଥିବା ଦମ୍ପତିଙ୍କର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ଅଧାରୁ ରହିଯାଇଛି । ପୁରୀ ଯିବା ବାଟରେ ଡିଭାଇଡର୍‌କୁ ଧକ୍କା ଦେଇ ଘଟଣାସ୍ଥଳରେ ସ୍ତ୍ରୀଙ୍କ ମୃତ୍ୟୁ ହୋଇଥିବାବେଳେ ସ୍ୱାମୀ ଓ ଚାଳକ ଗୁରୁତର ଆହତ ହୋଇଛନ୍ତି । ମୃତକଙ୍କ ପରିଚୟ ମିଳିନଥିବା ବେଳେ ସେମାନେ ସମସ୍ତେ ପଶ୍ଚିମବଙ୍ଗର ବୋଲି ଜଣାପଡିଛି । ସୂଚନା ଅନୁଯାୟୀ, ଭୁବନେଶ୍ୱରରୁ କାର୍‌ରେ ଚାଳକ ସମେତ ଦମ୍ପତି ପୁରୀ ଶ୍ରୀଜଗନ୍ନାଥ ଦର୍ଶନ ପାଇଁ ଯାଉଥିଲେ । ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥର କୌଶଲ୍ୟାଗଙ୍ଗ ଫାଣ୍ଡି ଅଧିନ କେଇସି କଲେଜ ନିକଟରେ ଭୋର୍ ପ୍ରାୟ ସାଢ଼େ ୪ଟାରେ ଗାଡ଼ି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱ ଡିଭାଇଡର୍‌କୁ ଧକ୍କା ଦେଇଥିଲା । ଫଳରେ କାର୍‌ର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା । ଚାଳକ ଓ ଦମ୍ପତି ଚାପି ହୋଇ ରହିଯାଇଥିଲେ । ପ୍ରାତଃ ଭ୍ରମଣ କରୁଥିବା ଲୋକେ ଦେଖି ସ୍ଥାନୀୟ ପୋଲିସକୁ ଖବର ଦେଇଥିଲେ । ପୋଲିସ ପହଞ୍ଚି କାର୍‌ରୁ ସେମାନଙ୍କୁ ଉଦ୍ଧାର କରି ଭୁବନେଶ୍ୱର ଚିକିତ୍ସାଳୟକୁ ପଠାଇଥିଲା । ସେଠାରେ ଡାକ୍ତର ସ୍ତ୍ରୀଙ୍କୁ ମୃତ ଘୋଷଣା କରିଥିଲା । ସ୍ୱାମୀ ଓ ଚାଳକଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି ।

# କେନ୍ଦୁଝର ଜିଲ୍ଲାରେ ୧୫ ଲକ୍ଷ ହିତାଧିକାରୀ ପାଇବେ ଆୟୁଷ୍ମାନ୍ କାର୍ଡ

**କେନ୍ଦୁଝର, ନ୍ୟୁଜ୍**



ଆୟୁଷ୍ମାନ୍ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାର ନୂଆ ଏକକ କାର୍ଡ ବିତରଣ ଏବଂ ଆୟୁଷ୍ମାନ୍ ବୟୋ ବନ୍ଦନା ଯୋଜନାର ଶୁଭାରମ୍ଭ କଟକ ଠାରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜଗତପ୍ରକାଶ ନଡ୍ଡା, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ଅନ୍ୟ ନେତୃବୃନ୍ଦଙ୍କ ଗହଣରେ ଅନୁଷ୍ଠିତ ହୋଇଛି । ଏହି କ୍ରମରେ କେନ୍ଦୁଝର ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ସ୍ଥାନୀୟ କେନ୍ଦୁଝର ଅଡ଼ିଟୋରିୟମ୍ ଠାରେ ଅନୁଷ୍ଠିତ ହେଇଯାଇଛି । ଏହି କାର୍ଯ୍ୟକ୍ରମରେ ମାନ୍ୟବର ମନ୍ତ୍ରୀ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଶ୍ରମ ଏବଂ କର୍ମଚାରୀ ରାଜ୍ୟ ବୀମା ବିଭାଗ ଗଣେଶରାମ ସିଂଖୁଣ୍ଟିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ରାଜ୍ୟ ସରକାର ସଦା ସର୍ବଦା ରାଜ୍ୟବାସୀଙ୍କ ସ୍ୱାସ୍ଥ୍ୟ ସେବା ପାଇଁ ଦାୟିତ୍ୱବାନ୍ ଅଟନ୍ତି । ଏହି ଯୋଜନା ଲାଗୁ ହେବା ପରେ ରାଜ୍ୟର ସ୍ୱାସ୍ଥ୍ୟ ସେବା ଆଉ ପାଦେ ଆଗକୁ ଯାଇପାରିବ ଓ ଲୋକ ବିନା ଖର୍ଚ୍ଚାନ୍ତରେ ଉନ୍ନତ ମାନର ସ୍ୱାସ୍ଥ୍ୟ ସେବାର ଲାଭ ଉଠାଇ ପାରିବେ । ସେ ଆହୁରି ମଧ୍ୟ କହିଥିଲେ ଯେ, ଜିଲ୍ଲାରେ ୧୫ ଲକ୍ଷରୁ ଅଧିକ ଲୋକଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ । ଏହି ବ୍ୟକ୍ତିବିଶେଷ ମାନଙ୍କୁ ଏହି ଏକକ କାର୍ଡ ତାଙ୍କୁ ସେମାନଙ୍କ ଘରେ ନେଇ ଦିଆଯିବ । ତେଣୁ କେହି ବ୍ୟସ୍ତ ନହେବା ପାଇଁ ସେ ଉପଦେଶ ଦେଇଛନ୍ତି । କାର୍ଯ୍ୟକ୍ରମରେ ସମ୍ମାନନୀୟ ଅତିଥି ଭାବେ ବିଧାୟକ ଚମ୍ପୁଆ ସନାତନ ମହାକୁଡ଼ ଯୋଗ ଦେଇ ଜିଲ୍ଲାରେ ଏହି କାର୍ଯ୍ୟକ୍ରମ କିଭଳି ସଫଳ ଓ ସୁଚାରୁ ରୂପେ ପ୍ରଣୟନ କରାଯିବ ସେ ଦିଗରେ ଜିଲ୍ଲା ପ୍ରଶାସନ ତତ୍ପର ହୋଇ କାମ କରିବାକୁ ପରାମର୍ଶ ଦେଇଥିଲେ । ସୂଚନାଯୋଗ୍ୟ ଏହି କାର୍ଯ୍ୟକ୍ରମ ଜିଲ୍ଲାର ୬୫ଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ୪ ଗୋଟି ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଅର୍ଥାତ୍ ସମୁଦାୟ ୬୯ ଟି ସ୍ଥାନରେ ଅନୁଷ୍ଠିତ ହେଇଛି । ଜିଲ୍ଲାସ୍ତର କାର୍ଯ୍ୟକ୍ରମରେ ୩୦୦୦ରୁ ଉର୍ଦ୍ଧ୍ୱ ଲୋକ ଏହି କାର୍ଯ୍ୟକ୍ରମରେ ସାମିଲ୍ ହେଇଥିବା ବେଳେ ଜିଲ୍ଲାର ବିଭିନ୍ନ ସ୍ଥାନ ମାନଙ୍କରେ ଅନୁଷ୍ଠିତ ହେଇଥିବା ପ୍ରତ୍ୟେକ କାର୍ଯ୍ୟକ୍ରମରେ ମଧ୍ୟ ଏକ ହଜାରରୁ ଅଧିକ ଲୋକ ଯୋଡି ହେଇଥିଲେ । ଏହି ଯୋଜନା ମାଧ୍ୟମରେ କେନ୍ଦୁଝର ଜିଲ୍ଲାରେ ୧୫ ଲକ୍ଷରୁ ଉର୍ଦ୍ଧ୍ୱ ଜନସାଧାରଣଙ୍କୁ କାର୍ଡ ବଣ୍ଟନ କରାଯିବାର ଲକ୍ଷ୍ୟ ରଖାଯାଇଛି । ବର୍ତ୍ତମାନ ସୁଦ୍ଧା ଜିଲ୍ଲାରେ ୨୪୭୫୮୬ କାର୍ଡ ପହଞ୍ଚିଛି । ପର୍ଯ୍ୟାୟ କ୍ରମେ ବଳକା କାର୍ଡ ଉପଲବ୍ଧ ହେବ । ସାଧାରଣ ଜନ ସେବା କେନ୍ଦ୍ର ଗୁଡିକ ସମ୍ପୃକ୍ତ ଅଞ୍ଚଳର ଆଶାକର୍ମୀ/ବହୁମୁଖୀ ଜନସ୍ୱାସ୍ଥ୍ୟ କର୍ମୀମାନଙ୍କ ସହାୟତାରେ ଗ୍ରାମ ସ୍ତରରେ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରାଯିବ । କେନ୍ଦୁଝର ଜିଲ୍ଲାରେ ୧୦ଟି ଘରୋଇ ହସ୍ପିଟାଲ୍ ଆୟୁଷ୍ମାନ୍ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା – ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ( ଏ. ବି. ପିଏମ୍. ଜେ. ଏ. ୱାଇ – ଜି. ଜେ. ଏ. ୱାଇ) ଯୋଜନାରେ ଅନୁବନ୍ଧିତ ଅଛନ୍ତି । ଏହାସହିତ ସାରା ଦେଶରେ ୨୯୦୦୦ ଘରୋଇ ଏବଂ ସରକାରୀ ହସ୍ପିଟାଲ୍ ଏହି ଯୋଜନାରେ ତାଲିକାଭୁକ୍ତ ଅଛନ୍ତି । ନୂଆ ଏକକ କାର୍ଡ ପାଇବା ପର୍ଯ୍ୟନ୍ତ ବର୍ତ୍ତମାନର ସମସ୍ତ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ହିତାଧିକାରୀ ତାଲିକାଭୁକ୍ତ ହସ୍ପିଟାଲ୍‌ରେ ନିଜର ଆଧାର କାର୍ଡ ସହିତ ବର୍ତ୍ତମାନର ପାଖରେ ଥିବା ସ୍ୱାସ୍ଥ୍ୟ କାର୍ଡ ନମ୍ବର ଦେଇ ଚିକିତ୍ସା ପାଇପାରିବେ । ଏହି ପ୍ରରିପ୍ରେକ୍ଷୀରେ ରାଜ୍ୟ ସ୍ତରରେ ଏକ କଲ୍ ସେଣ୍ଟର କରାଯାଇଛି ଯାହାର ନମ୍ବର ୦୬୭୪-୬୬୨୦୫୦୦ ଅଟେ । ଏହି ଯୋଜନାକୁ ନେଇ କିଛି ଅସୁବିଧା କିମ୍ବା ଆଶଙ୍କା ଉପୁଜିଲେ ଏହି ନମ୍ବରରେ କଲ୍ କରିବାକୁ ଅନୁରୋଧ କରାଯାଇଛି । ଏହି ଯୋଜନାକୁ ଲୋକଙ୍କ ନିକଟକୁ ଅଧିକରୁ ଅଧିକ ପହଞ୍ଚେଇବା ପାଇଁ ଜିଲ୍ଲାରେ ସଚେତନତା ରଥ ବୁଲିବ ଓ ଯୋଜନା ସମ୍ପର୍କିତ ସମସ୍ତ ବିଷୟରେ ଲୋକଙ୍କୁ ସଚେତନ କରାଇବ । ଏହାସହିତ ଲିଫ୍‌ଲେଟ୍, ପୋଷ୍ଟର, ବ୍ୟାନର୍ ଲଗାଯିବ ଏବଂ ପଞ୍ଚାୟତ ସ୍ତରରେ ଲୋକଙ୍କୁ ଏ ସଂକ୍ରାନ୍ତରେ ସଚେତନ କରାଯିବ । ଯେପରି ଲୋକମାନେ ବିନା ଦ୍ୱନ୍ଦ୍ୱରେ ଏହି ଯୋଜନାର ଲାଭ ଉଠାଇପାରିବେ । ଏହି ଯୋଜନା ସରକାରଙ୍କ ଏକ ଯୁଗାନ୍ତକାରୀ ପଦକ୍ଷେପ ଯାହା ଓଡ଼ିଶାର ସ୍ୱାସ୍ଥ୍ୟ ସେବାକୁ ଆହୁରି ଆଗକୁ ନେବା ସହ ଲୋକମାନଙ୍କୁ ଏକ ଉନ୍ନତ ଧରଣର ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ପାଇଁ ନିଶ୍ଚିତ କରାଇବ । ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ପରେ କଟକ ସ୍ଥିତ ବାଲିଯାତ୍ରା ପଡିଆରେ ଅନୁଷ୍ଠିତ ହେଉଥିବା ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମର ସିଧାପ୍ରସାରଣ ପ୍ରସାରଣ କରାଯାଇଥିଲା । ଜିଲ୍ଲାର କିଛି ହିତାଧିକାରୀ ମାନଙ୍କୁ ଆୟୁଷ୍ମାନ୍ କାର୍ଡ ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଶ୍ରୀ ବିଶାଳ ସିଂହ, ବନଖଣ୍ଡ ଅଧିକାରୀ ଧନରାଜ ଏଚ୍.ଡ଼ି, ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ କିଶୋର କୁମାର ପ୍ରୁଷ୍ଟିଙ୍କ ସମେତ ସହରର ବୁଦ୍ଧିଜୀବୀ, ସାମ୍ବାଦିକ ବନ୍ଧୁଗଣ, ଯୋଜନାର ହିତାଧିକାରୀ ଓ ପ୍ରଶାସନିକ ଅଧିକାରୀଗଣ ଉପସ୍ଥିତ ରହିଥିଲେ ।



# କଲରାପତରିଆ ଛାଲ ଜବତ:ଜଣେ ଗିରଫ

**ବଲାଙ୍ଗୀର, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ୍ ଯମୁନାପାଲି ଗାଁରେ ବନ ବିଭାଗ ଶୁକ୍ରବାର ସକାଳେ ଚଢ଼ଉ କରି କଲରାପତରିଆ ଛାଲ ଜବତ କରିବା ସହ ଜଣକୁ ଗିରଫ କରିଛି । ଅଭିଯୁକ୍ତ ଯମୁନାପାଲି ଗାଁର କୈଳାସ କଠାର (୫୫) । ସୂଚନା ଅନୁସାରେ, କୈଳାସ କଲରାପତରିଆ ଶିକାର କରି ଘରେ ଛାଲ ରଖିଥିବା ବନ ବିଭାଗ କୌଣସି ସୂତ୍ରରୁ ଖବର ପାଇଥିଲା । ବଲାଙ୍ଗୀର ଏସିଏଫ୍ ମନୋଜ ବେହେରାଙ୍କ ନିର୍ଦ୍ଦେଶ କ୍ରମେ ବଲାଙ୍ଗୀର ରେଞ୍ଜ ଅଧିକାରୀ ସୁନୀଲ ମିଶ୍ରଙ୍କ ନେତୃତ୍ୱରେ ଏକ ଟିମ୍ ତା' ଘରେ ଚଢ଼ଉ କରିଥିଲେ । ସେଠାରୁ ୨୪୬ ସେମି ଲମ୍ବ ଓ ୫୧ ସେମି ଓସାରର କଲରାପତରିଆ ଛାଲ ଜବତ କରାଯାଇଥିଲା । ଏ ନେଇ ଏକ ମାମଲା ରୁଜୁ ହୋଇଥିବାବେଳେ ଘଟଣାରେ ସଂପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ବନ ବିଭାଗ ସୂଚନା ଦେଇଛି । ମୃତ କଲରାପତରିଆର ବୟସ ୧୦ ବର୍ଷ ହେବ ବୋଲି ଜଣାଯାଇଛି । ଚଢ଼ଉରେ ଖପ୍ରାଖୋଲ ବନପାଳ ସୁଧୀର ଜେନା, ରେଙ୍ଗାଲି ବନପାଳ ବିପିନ ବିହାରୀ ସାହୁ, ବେଦେର ବନପାଳ ସନ୍ଧ୍ୟାରାଣୀ ସେଠ, ହରିଶଙ୍କର ବନପାଳ ରଞ୍ଜିତ କୁମାର, ବନରକ୍ଷୀ ସଞ୍ଜୀବ ପଧାନ, ଉମାବତୀ ଭୁଇ, ସଞ୍ଜୀବ ନାଏକ, ମଞ୍ଜୁ କୁମାର ପ୍ରମୁଖ ସାମିଲ୍ ହୋଇଥିଲେ ।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୩ ଅପ୍ରେଲ, ରବିବାର, ୨୦୨୫
ପୃଷ୍ଠା – ୬

## ଦିନିକିଆ କ୍ରିକେଟରେ ଆଇସିସି କରିପାରେ ବଡ଼ ପରିବର୍ତ୍ତନ

**ନୂଆଦିଲ୍ଲୀ**

ଦିନିକିଆ କ୍ରିକେଟ ବ୍ୟାଟରଙ୍କୁ ଅତ୍ୟଧିକ ସୁହାଉଥିବାରୁ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ୫୦ ଓଭରିଆ ଫର୍ମାଟରେ ଦୁଇ ନୂଆ ବଲ୍‌ର ବ୍ୟବହାର ନିୟମରେ ପରିବର୍ତ୍ତନ କରିପାରେ। ଦିନିକିଆ ଫର୍ମାଟରେ ଏକ ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ହେଲା ଦୁଇ ନୂଆ ବଲ ବ୍ୟବହାର କରାଯାଉଛି। ଭାରତର ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲିଙ୍କ ନେତୃତ୍ୱାଧୀନ ଆଇସିସି କ୍ରିକେଟ କମିଟି ଦିନିକିଆରେ ଗୋଟିଏ ବଲ ବ୍ୟବହାର କରିବାକୁ ସୁପାରିସ କରିଛି। ଏହି ସୁପାରିସକୁ ପ୍ଲେଇଂ କଣ୍ଡିଶନରେ ସାମିଲ କରିବା ପାଇଁ ଆଇସିସି ବୋର୍ଡ ଅଫ ଡାଇରେକ୍ଟର୍ସଙ୍କ ମଞ୍ଜୁରୀ ଦରକାର। ଆଇସିସି ବୋର୍ଡ ସଦସ୍ୟ ହରାରେରେ ରବିବାର ଏ ସଂକ୍ରାନ୍ତରେ ଆଲୋଚନା କରିବେ।

ପର୍ଯ୍ୟନ୍ତ ଦିନିକିଆରେ ଦୁଇଟି ନୂଆ ଧଳା କୁକାବୁରା ବଲ ବ୍ୟବହାର କରାଯାଉଛି। ବୋଲରମାନେ ଉଭୟ ଏଣ୍ଡରୁ ଭିନ୍ନ ଭିନ୍ନ ନୂଆ ବଲ ବ୍ୟବହାର କରୁଥିବାରୁ ବଲ୍ ମ୍ୟାଚ୍ ଶେଷ ହେବା ପର୍ଯ୍ୟନ୍ତ ହାର୍ଡ ରହୁଛି। ଏହା ବ୍ୟାଟରଙ୍କୁ ମୁକ୍ତ ଭାବେ ସ୍କୋର କରିବାକୁ ସୁଯୋଗ ଦେଉଛି। ୩୦ ୟାର୍ଡ ସର୍କଲ ବାହାରେ ମାତ୍ର ୪ ଖେଳାଳିଙ୍କୁ ଅନୁମତି ଥିବାରୁ ବୋଲରଙ୍କ ଅପେକ୍ଷା ବ୍ୟାଟରମାନେ ଅଧିକ ଫାଇଦାରେ ରହୁଛନ୍ତି। ଏପରିକି କ୍ରିକେଟ ଆଇକନ ସଚିନ ତେନ୍ଦୁଲକର ମଧ ଦୁଇ ନୂଆ ବଲ ବ୍ୟବହାରକୁ ନାପସନ୍ଦ କରିଥିଲେ। ଦୁଇ ନୂଆ ବଲର ବ୍ୟବହାର ଯୋଗୁ ରିଭର୍ସ ସ୍ୱିଙ୍ଗ ଦେଖିବାକୁ ମିଳୁନାହିଁ। କାରଣ ରିଭର୍ସ ସ୍ୱିଙ୍ଗ ହେବା ଲାଗି ବଲ୍‌କୁ ଅତିକମ୍‌ରେ ୩୫ ଓଭର ପୁରୁଣା ହେବା ଦରକାର। ବଲ୍ ପୂରା ମ୍ୟାଚ୍‌ରେ ହାର୍ଡ ରହୁଥିବାରୁ ସ୍ପିନରମାନେ ବି ସଂଘର୍ଷ କରୁଛନ୍ତି।

କ୍ରିକେଟ କମିଟି ୩ଟି ନିୟମରେ ପରିବର୍ତ୍ତନ କରିବାକୁ ସୁପାରିସ କରିଛି। ଦିନିକିଆ କ୍ରିକେଟରେ ଗୋଟିଏ ଧଳା ବଲର ବ୍ୟବହାର। ଟେଷ୍ଟରେ ଓଭର ହାର ଯାଞ୍ଚ କରିବା ପାଇଁ କ୍ଲକ ଟାଇମର ବ୍ୟବହାର ଓ ୧୯ ବର୍ଷରୁ କମ୍ ବିଶ୍ୱକପ୍‌କୁ ୫୦ ଓଭର ବଦଳରେ ଟି୨୦ ଫର୍ମାଟରେ ଖେଳାଯିବା ଲାଗି ସୁପାରିସ କରିଛି ବୋଲି ଆଇସିସି ବୋର୍ଡ ସଦସ୍ୟ କହିଛନ୍ତି। ଦୁଇଟି ବଲ ୨୫ତମ ଓଭର ପର୍ଯ୍ୟନ୍ତ ବ୍ୟବହାର କରାଯିବାର ସମ୍ଭାବନା ରହିଛି। ତା' ପରେ ବୋଲିଂ ଦଳକୁ ଦୁଇ ବଲ ମଧ୍ୟରୁ ଗୋଟିଏ ବାଛିବାକୁ ବିକଳ୍ପ ଦିଆଯାଇପାରେ, ଯେଉଁଥିରେ ଦଳ ମ୍ୟାଚ୍ ଶେଷ ପର୍ଯ୍ୟନ୍ତ ବୋଲିଂ କରିବ।

# ଗୁଜୁରାଟକୁ ୬ ଓ୍ୱିକେଟରେ ହରାଇଲା ଲକ୍ଷ୍ନୌ

**ଲକ୍ଷ୍ନୌ**



ଏକାନା ଷ୍ଟାଡିୟମରେ ପୁଣି ଥରେ ନିକୋଲାସ୍ ପୁରନଙ୍କ ପାଓ୍ୱାର ଶୋ' ଦେଖିବାକୁ ମିଳିଛି। ସେ ୩୪ ବଲ୍‌ରେ ୬୧ ରନ୍‌ର ଧୂଆଁଧାର ଇନିଂସ ଖେଳିଛନ୍ତି। ସେହିପରି ପାଓ୍ୱାର-ପ୍ଲେରେ ଇଡେନ ମାର୍କରମ ନିଜର ପରାକ୍ରମ ଦେଖାଇଥିଲେ। ଫଳରେ ଲକ୍ଷ୍ନୌରେ ପରାଜୟ ବରଣ କରିଛି ଗୁଜରାଟ ଟାଇଟନ୍ସ। ଦଳ ୬ ଓ୍ୱିକେଟରେ ପରାସ୍ତ ହୋଇଥିବା ବେଳେ ଏପଟେ ସୁପର ଜାଏଣ୍ଟସକୁ ଚତୁର୍ଥ ବିଜୟ ମିଳିଛି। ଇଡେନ ମାର୍କରମ ମ୍ୟାନ ଅଫ୍ ଦି ପ୍ଲେୟାର ହୋଇଛନ୍ତି।

ଆଇପିଏଲ୍ ୨୦୨୫ ମହାସମରରେ ଶନିବାର ଲକ୍ଷ୍ନୌର ଶ୍ରୀ ଅଟଳ ବିହାରୀ ବାଜପେୟୀ ଏକାନା କ୍ରିକେଟ୍ ଷ୍ଟାଡିୟମରେ ହୋଇଥିଲା। ଏଠାରେ ମୁହାଁମୁହିଁ ହୋଇଥିଲେ ଲକ୍ଷ୍ନୌ ସୁପରଜାଏଣ୍ଟସ୍ ଓ ଗୁଜରାଟ ଟାଇଟାନ୍ସ। ଏଲଏସଜି ଏହି ମ୍ୟାଚ୍‌କୁ ୬ ଓ୍ୱିକେଟରେ ଜିତି ନେଇଛି। ନିକୋଲାସ ପୁରନ ଏବଂ ଇଡେନ ମାର୍କରାମ ଅର୍ଦ୍ଧଶତକୀୟ ଇନିଂସ ଖେଳି ଦଳକୁ ବିଜୟୀ କରାଇଛନ୍ତି। ମ୍ୟାଚ୍ ଶେଷ ଓଭର ପର୍ଯ୍ୟନ୍ତ ଚାଲିଥିଲେ ମଧ ତୃତୀୟ ବଲ୍‌ରେ ନିର୍ଣ୍ଣୟ ଆସିଥିଲା।

ଏହି ମ୍ୟାଚ୍‌ରେ ଏଲଏସଜି ଅଧିନାୟକ ରିଷଭ ପନ୍ତ ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲେ। ଗୁଜରାଟ ଟାଇଟନ୍ସ ଆରମ୍ଭରୁ ଭଲ ପ୍ରଦର୍ଶନ କରିଥିଲା। ୧୦୦ ରନ୍‌ରେ କୌଣସି ଓ୍ୱିକେଟ୍ ପଡ଼ିନଥିଲା। ଅଧିନାୟକ ଶୁଭମନ ଗିଲ୍ ଏବଂ ସାଇ ସୁଦର୍ଶନ ଅର୍ଦ୍ଧଶତକ ହାସଲ କରିଥିଲେ। ମାତ୍ର ମିଡିଲ୍ ଓଭରରେ ଓ୍ୱିକେଟ୍ ନେବାରେ ସଫଳ ହୋଇଥିଲା ଲକ୍ଷ୍ନୌ। ଫଳରେ ଗୁଜୁରାଟ ୧୮୦ରନରେ ଅଟକି ଥିଲା। ୧୮୧ ରନ ବିଜୟ ଲକ୍ଷ୍ୟକୁ ପିଛା କରି ଲକ୍ଷ୍ନୌ ସୁପର ଜାଏଣ୍ଟସ ଅନ୍ତିମ ଓଭରରେ ୪ ଓ୍ୱିକେଟ୍ ହରାଇ ମ୍ୟାଚ୍‌କୁ ଜିତି ନେଇଛି। ଲକ୍ଷ୍ନୌର ଏହା ଚତୁର୍ଥ ବିଜୟ ହୋଇଥିବା ବେଳେ ଦଳ ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଛି।

## ବିବାହର ୨୦ ବର୍ଷ ପରେ ସ୍ୱାମୀଙ୍କଠୁ ଅଲଗା ହେବେ ମେରୀ କମ୍!

**ନୂଆଦିଲ୍ଲୀ**



ବକ୍ସର ମେରୀ କମ୍ ଓ କରୁଁ ଅନଲର ୫ ବର୍ଷ ଡେଟିଂ କରିବା ପରେ ବିବାହ କରିଥିଲେ। ଯାହାକୁ ଏହା ଭିତରେ ବିତିଯାଇଛି ପାଖାପାଖି ୨୦ ବର୍ଷ। ବିବାହ ପରେ, ସେମାନଙ୍କର ତିନୋଟି ସନ୍ତାନ ହୋଇଥିଲା। ଆହୁରି ବି ଗୋଟିଏ ଝିଅକୁ ସେମାନେ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରିଥିଲେ। ଦୁହିଁଙ୍କ ମଧ୍ୟରେ ସବୁକିଛି ଠିକ୍ ଚାଲିଥିଲା। ହେଲେ ଏବେ ସେମାନଙ୍କ ଛାଡପତ୍ର ଖବର ପ୍ରଶଂସକମାନଙ୍କୁ ଆଶ୍ଚର୍ଯ୍ୟ କରିଛି। ମେରୀ କମ୍ ଜଣେ ଜଣାଶୁଣା ବ୍ୟକ୍ତିତ୍ୱ। ସାରା ଦେଶର ତାଙ୍କର ପ୍ରଶଂସକ ବି ଢେର। ରିପୋର୍ଟ ଅନୁସାରେ, ମେରୀ କମ୍ ଓ ତାଙ୍କ ସ୍ୱାମୀ କରୁଁ ଅନଲରଙ୍କ ମଧ୍ୟରେ ସମ୍ପର୍କ ୨୦୨୨ରୁ ଖରାପ ହୋଇଥିଲା। ଧୀରେ ଧୀରେ ଏହା ସମୟ ସହିତ ଆହୁରି ଖରାପ ହୋଇଛି। ରିପୋର୍ଟରେ ଆହୁରି ବି କୁହାଯାଇଛି ଯେ ମେରୀ କମ୍ କୁଆଡ଼େ ଅନ୍ୟ ଜଣଙ୍କୁ ପ୍ରେମ କରୁଛନ୍ତି। ତେବେ ଏଥିରେ କେତେ ସତ୍ୟତା ଅଛି ତାହା ଜଣାପଡ଼ିନି। କିନ୍ତୁ ମେରୀ କମ୍ ତାଙ୍କ ଜୀବନରେ ତୃତୀୟ ବ୍ୟକ୍ତି ଆସିବା ଖବରକୁ ଅସ୍ୱୀକାର କରିନାହାନ୍ତି। ଯଦି ରିପୋର୍ଟକୁ ବିଶ୍ୱାସ କରାଯାଏ, ତେବେ ବିଧାନସଭା ନିର୍ବାଚନରେ ପରାସ୍ତ ହେବା ପରେ ଅନଲରଙ୍କୁ ବହୁତ ଆର୍ଥିକ କ୍ଷତି ସହିବାକୁ ପଡିଥିଲା। ବୋଧହୁଏ ମତଭେଦର କାରଣ ହୋଇପାରେ। ଦୁହେଁ ବହୁତ ଦିନ ଧରି ପରସ୍ପର ସହିତ ରହୁ ନାହାନ୍ତି। ମେରୀ କମ୍ ତାଙ୍କ ପିଲାମାନଙ୍କ ସହିତ ଫରିଦାବାଦରେ ରୁହନ୍ତି। ତାଙ୍କ ସ୍ୱାମୀ ଅନଲର୍ ତାଙ୍କ ପରିବାର ସହିତ ଦିଲ୍ଲୀରେ ରହୁଛନ୍ତି। ସୂଚନା ଥାଉକି, ମେରୀ କମ୍ ଏବଂ ତାଙ୍କ ସ୍ୱାମୀ ଅନଲର ୨୦୦୦ ମସିହାରେ ଭେଟ ହୋଇଥିଲା। ବକ୍ସରଙ୍କ ଲଗେଜ୍ ହଜି ଯାଇଥିଲା ଓ ଅନଲର ତାଙ୍କୁ ତାହା ଖୋଜିବାରେ ସାହାଯ୍ୟ କରିଥିଲେ। ଦୁହେଁ ୫ ବର୍ଷ ପର୍ଯ୍ୟନ୍ତ ବନ୍ଧୁ ଥିଲେ। ପରେ ମାର୍ଚ୍ଚ ୨୦୦୫ରେ ସେମାନେ ବିବାହ କରିଥିଲେ।

# କେକେଆରଠାରୁ ହାରିବାର କାରଣ କହିଲେ ଧୋନି

**ଚେନ୍ନାଇ**

ଋତୁରାଜ ଗାଏକ୍ୱାଡ଼ଙ୍କ ଆହତ କାରଣରୁ ଚେନ୍ନାଇ ସୁପର୍ କିଙ୍ଗ୍‌ର ନେତୃତ୍ୱ ଭୂମିକାକୁ ଫେରିଥିଲେ ମହେନ୍ଦ୍ର ସିଂହ ଧୋନି। କିନ୍ତୁ ୫ ଥର ବିଜେତା ଚେନ୍ନାଇ ସୁପର୍ କିଙ୍ଗ୍‌କୁ ଚଳିତ ଋତୁର ସର୍ବନିମ୍ନ ସ୍କୋର ୧୦୩ରେ ରୋକିବା ସହ ଗତ ଥରର ବିଜେତା କୋଲକାତା ନାଇଟ୍ ରାଇଡର୍ସ ୮ ଓ୍ୱିକେଟ୍ ବ୍ୟବଧାନରେ ଜବରଦସ୍ତ ବିଜୟ ହାସଲ କରିଥିଲା। ସୁନିଲ ନାରାୟଣଙ୍କ ଅଲ୍‌ରାଉଣ୍ଡ୍ ପ୍ରଦର୍ଶନ (୩/୧୩ ଏବଂ ୧୮ ବଲ୍‌ରୁ ୪୪ ରନ୍) ବଳରେ ଚେନ୍ନାଇକୁ ଚେନ୍ନାଇ ମାଟିରେ ହରାଇ କୋଲକାତା ଷଷ୍ଠ ମ୍ୟାଚ୍‌ରୁ ତୃତୀୟ ବିଜୟ ହାସଲ କରିଥିଲା। ମହେନ୍ଦ୍ର ସିଂହ ଧୋନି ପରାଜୟର କାରଣ ଉଲ୍ଲେଖ କରି କହିଛନ୍ତି ଯେ ଦଳ ପର୍ଯ୍ୟାପ୍ତ ରନ୍ କରିପାରି ନଥିଲା। ଧୋନି କହିଥିଲେ, 'ଗତ କିଛି ମ୍ୟାଚ୍ ଆମ ପାଇଁ ଭଲ ନଥିଲା। ଏହା ଆମ ପାଇଁ ଚ୍ୟାଲେଞ୍ଜିଂ ଥିଲା। ମୁଁ ଭାବୁଛି ଆମେ ପର୍ଯ୍ୟାପ୍ତ ରନ୍ କରିପାରିନାହୁଁ।'

ଯେତେବେଳେ ଆପଣ ବହୁତ ଓ୍ୱିକେଟ୍ ହରାଇବେ ଚାପ ବଢ଼ିଯାଏ। ଆମର ଦଳ ଏକ ପାର୍ଟନରସିପ୍ ମଧ୍ୟ ଗଠନ କରିନଥିଲା। ଆମର ଓପନରମାନେ ଭଲ। ସେ ବହୁତ ଭଲ ସଟ୍ ଖେଳନ୍ତି। କିନ୍ତୁ ଏହି ଲାଇନଅପ୍ ସହିତ ୬୦ ରନ୍ ମଧ କରିବା କଷ୍ଟକର। ଚେନ୍ନାଇର ଅଧିନାୟକ ଧୋନି କହିଛନ୍ତି ଯେ ଦଳରେ କୌଣସି ପାର୍ଟନରସିପ୍ ହୋଇନଥିଲା। ଏହା ତାଙ୍କ ପରାଜୟର ମୁଖ୍ୟ କାରଣ ଥିଲା।

## କେନ୍ଦୁଝରରେ ୩୯ତମ ଜାତୀୟ ହ୍ୟାଣ୍ଡବଲ ଚାମ୍ପିଅନସିପ୍ ଉଦ୍‌ଯାପିତ

# ଫାଇନାଲରେ ରାଜସ୍ଥାନକୁ ହରାଇ ଉତ୍ତରପ୍ରଦେଶ ଚାମ୍ପିଅନ

**କେନ୍ଦୁଝର, ନ୍ୟୁଜ୍**



କେନ୍ଦୁଝରରେ ୩୯ତମ ଜାତୀୟ କନିଷ୍ଠ ବାଳକ ହ୍ୟାଣ୍ଡବଲ ଚାମ୍ପିଅନସିପ୍ ମ୍ୟାଚ୍ ଉଦ୍‌ଯାପିତ ହୋଇଯାଇଛି। କେନ୍ଦୁଝର ହ୍ୟାଣ୍ଡବଲ ପଡ଼ିଆରେ ଆୟୋଜିତ ଏହି ଜାତୀୟସ୍ତରୀୟ ଚାମ୍ପିଅନସିପ୍‌ର ପଞ୍ଚମ ତଥା ଅନ୍ତିମ ଦିବସ ରାଜ୍ୟ ହ୍ୟାଣ୍ଡବଲ ସଂଘର ସଭାପତି ବିପ୍ଳବ ଚୌଧୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାପନ ଦିବସରେ ଅତିଥି ଭାବେ କେନ୍ଦୁଝର ଏସ୍‌ପି ନିତିନ କୁଶଲକର, ଡିଏଫଓ ଧନରାଜ ଏଚ୍‌ଡି, ବିଶିଷ୍ଟ ସମାଜସେବୀ ଭଗବାନ ସ୍ୱାଇଁ ଯୋଗ ଦେଇ ପୁରସ୍କାର ବିତରଣ କରିଥିଲେ। ରାଜ୍ୟ ହ୍ୟାଣ୍ଡବଲ ସଂଘର ସଭାପତି ବିପ୍ଳବ ଚୌଧୁରୀ, ରାଜ୍ୟ ସମ୍ପାଦକ ମାନସ ସିଂ, ଜିଲ୍ଲା ସମ୍ପାଦକ ରିତିକ ଅଧିକାରୀ, କୋଷାଧକ୍ଷ ସିତେଶ ଦାସ ଅତିଥିମାନଙ୍କୁ ସମ୍ବର୍ଦ୍ଧନା କରିଥିଲେ। ମ୍ୟାଚ୍ ପରେ ମୁଖ୍ୟ ଅତିଥି ଚାରୋଟି ଦଳକୁ ଟ୍ରଫି ଓ ମେଡାଲ ପ୍ରଦାନ କରିଥିଲେ। ଶନିବାର ଫାଇନାଲ ମ୍ୟାଚ୍ ସମାପ୍ତ ହୋଇଛି ଯେଉଁଥିରେ ଓଡ଼ିଶା ହ୍ୟାଣ୍ଡବଲ ଇତିହାସରେ ଓଡ଼ିଶା ପ୍ରଥମ ଥର ପାଇଁ ବ୍ରୋଞ୍ଜ ପଦକ ହାସଲ କରିଛି। ଶନିବାରର ସେମି ଫାଇନାଲ ମ୍ୟାଚ୍‌ରେ ଉତ୍ତର ପ୍ରଦେଶ ଓଡ଼ିଶାକୁ ୩୬-୩୧ ଗୋଲରେ, ରାଜସ୍ଥାନ ହରିୟାନାକୁ ୨୭-୨୩ ଗୋଲ୍‌ରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲେ। ଫାଇନାଲରେ ଉତ୍ତରପ୍ରଦେଶ ରାଜସ୍ଥାନକୁ ୩୧-୩୦ ଗୋଲରେ ପରାସ୍ତ କରି ଚାମ୍ପିଅନ ହୋଇଥିଲା। ଓଡ଼ିଶା ଓ ହରିୟାନା ଯୁଗ୍ମ ତୃତୀୟ ସ୍ଥାନ ବଜାୟ ରଖିଥିଲେ। ଏହି ଖେଳକୁ ଭାରତୀୟ ହ୍ୟାଣ୍ଡବଲ ସଂଘର ପୁରୁଖା ରେଫରିମାନେ ପରିଚାଳିତ କରିଥିଲେ। ସେମାନେ ହେଲେ ସନ୍ଦିପ ବଲୋଦା, ଅମିତ ପାଣ୍ଡେ, ରାହୁଲ, ସନ୍ଦିପ, ନିତେଶ ଡାଗର, ମୋହିତ, ଜିତେନ୍ଦ୍ର, ଧିରେନ୍ଦ୍ର ଡାଗର, ଭଗବାନ ସିଂ, ଇମତେୟାଜ, ସମିମ, ବର୍ଷା ସେଠୀ ଓ ଜୋତି ପାତ୍ର ଏମାନଙ୍କୁ ସହଯୋଗ କରିଥିଲେ। ସସ୍ମିତା ବିଶ୍ୱାଳ ଓ ମମତା ନାଏକ ଖେଳ ସମାପନ ପରେ ବାହାର ରାଜ୍ୟରୁ ଆସିଥିବା ସମସ୍ତ ଦଳ ଏଠାକାର ଖେଳ ପଡିଆ, ପରିବେଶ, ଲୋକ ତଥା ମ୍ୟାଚ୍ ଆୟୋଜକକୁ ପ୍ରଶଂସା କରିଥିଲେ।

# 'ଆଜିଲିଟାସ'ର ବ୍ରାଣ୍ଡ ଆମ୍ବାସାଡ଼ର ହେବେ କୋହଲି!

**ନୂଆଦିଲ୍ଲୀ**



ଭାରତୀୟ କ୍ରିକେଟର ବିରାଟ କୋହଲି ଆଉ କ୍ରୀଡ଼ା କମ୍ପାନୀ 'ପୁମା'ର ବ୍ରାଣ୍ଡ ଆମ୍ବାସାଡର ହେବେ ନାହିଁ। ତାଙ୍କର ଚୁକ୍ତି ୮ ବର୍ଷ ପରେ ସମାପ୍ତ ହୋଇଛି ଏବଂ ଏହି ସମୟ ମଧ୍ୟରେ କୋହଲି ୧୧୦ କୋଟି ଟଙ୍କା ରୋଜଗାର କରିଥିଲେ। ଗଣମାଧ୍ୟମ ରିପୋର୍ଟ ଅନୁସାରେ, ପୁମା ବ୍ରାଣ୍ଡର ଜଣେ ମୁଖପାତ୍ର କହିଛନ୍ତି, ତାଙ୍କ କମ୍ପାନୀ ପରବର୍ତ୍ତୀ ପିଢ଼ିର ଖେଳାଳିମାନଙ୍କ ପାଇଁ ଏହାର ଟଙ୍କା ନିବେଶ ଜାରି ରଖିବ। କୋହଲି ଆଉ ଏକ ସ୍ପୋର୍ଟସ ବ୍ରାଣ୍ଡ 'ଆଜିଲିଟାସ' ସହିତ ଆସିବାକୁ ଯାଉଛନ୍ତି।

ବିରାଟ କୋହଲି ଖୁବ୍ ଶୀଘ୍ର 'ଆଜିଲିଟାସ' ସହିତ ଏକ ଚୁକ୍ତି ସ୍ୱାକ୍ଷର କରିପାରନ୍ତି। 'ଆଜିଲିଟାସ' କମ୍ପାନୀ ୨୦୨୩ରେ ପୁମା ଭାରତ ଏବଂ ଦକ୍ଷିଣ-ପୂର୍ବ ଏସିଆ କ୍ଷେତ୍ରର ପୂର୍ବତନ ପରିଚାଳନା ନିର୍ଦ୍ଦେଶକ ଅଭିଷେକ ଗାଙ୍ଗୁଲିଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା। ଏହି କମ୍ପାନୀ କ୍ରୀଡ଼ା ସମ୍ବନ୍ଧୀୟ ସାମଗ୍ରୀ ତିଆରି କରେ ଏବଂ ସେଗୁଡ଼ିକୁ ଭାରତ ଏବଂ ବିଦେଶରେ ମଧ ବିକ୍ରି କରେ। ଗତ ବର୍ଷ, ଅଭିଷେକ ଗାଙ୍ଗୁଲିଙ୍କ କମ୍ପାନୀ ଭାରତ, ଅଷ୍ଟ୍ରେଲିଆ ଏବଂ ଦକ୍ଷିଣ ଆଫ୍ରିକାରେ ବିକ୍ରୟ ପାଇଁ ଇଟାଲୀୟ ସ୍ପୋର୍ଟସ ବ୍ରାଣ୍ଡ 'ଲୋଟୋ'ର ଲାଇସେନ୍ସ ମଧ ହାସଲ କରିଥିଲା।

ସେହି ରିପୋର୍ଟରେ ଏହା ମଧ ଦାବି କରାଯାଇଥିଲା, ବିରାଟ କୋହଲି ନିଜେ 'ଆଜିଲିଟାସ' କମ୍ପାନୀରେ ଟଙ୍କା ନିବେଶ କରିବାକୁ ଯାଉଛନ୍ତି। ଆଇପିଏଲ ୨୦୨୫ ମଧ୍ୟରେ ଆଗାମୀ କିଛି ଦିନ ମଧ୍ୟରେ ନୂତନ ଚୁକ୍ତି ସମ୍ପର୍କରେ ଏକ ଆନୁଷ୍ଠାନିକ ଘୋଷଣା ସମ୍ଭବ।

ବିରାଟ କୋହଲି ମଧ ଦୀର୍ଘ ସମୟ ଧରି ଭାରତୀୟ ଟାୟାର କମ୍ପାନୀ ଏମଆରଏଫ ସହିତ ଜଡ଼ିତ ଅଛନ୍ତି। ଏହି ଚୁକ୍ତି ୨୦୧୩ ମସିହାରେ ଆରମ୍ଭ ହୋଇଥିଲା ଏବଂ ୨୦୧୭ ମସିହାରେ ଉଭୟ ପକ୍ଷ ମଧ୍ୟରେ ଏକ ନୂତନ ୮ ବର୍ଷର ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। କୁହାଯାଉଛି ଯେ, ଏମଆରଏଫ ୮ ବର୍ଷର ଚୁକ୍ତି ପାଇଁ ବିରାଟଙ୍କୁ ୧୦୦ କୋଟି ଟଙ୍କାରୁ ଅଧିକ ଦେଇଛି। ବିରାଟ କୋହଲି-ଏମଆରଏଫ ଚୁକ୍ତି ମଧ ୨୦୨୫ରେ ଶେଷ ହେବାକୁ ଯାଉଛି।

## ଗୁଜରାଟ ଟାଇଟନ୍ସକୁ ବଡ଼ ଝଟ୍‌କା : ସ୍ୱଦେଶ ଫେରିଲେ ଗ୍ଲେନ୍ ଫିଲିପ୍ସ

**ନୂଆଦିଲ୍ଲୀ**

ଆଇପିଏଲ୍ ୨୦୨୫ରେ ଏଯାବତ୍ ୨୫ ମ୍ୟାଚ୍ ଖେଳାଯାଇଛି। ଏବେ ବି ପ୍ଲେଅଫ୍‌କୁ ବହୁତ ସମୟ ଥିବା ବେଳେ ଗୁଜରାଟ ଟାଇଟନ୍ସକୁ ବଡ଼ ଝଟ୍‌କା ଲାଗିଛି। ଦଳର ଜଣେ ଷ୍ଟାର ଖେଳାଳି ସ୍ୱଦେଶ ଫେରି ଯାଇଛନ୍ତି। ସେ ହେଲେ ଗ୍ଲେନ୍ ଫିଲିପ୍ସ। ଜାତୀୟ ଗଣମାଧମ ରିପୋର୍ଟ ମୁତାବକ, ଫିଲିପ୍ସ ନିଜ ଦେଶକୁ ଫେରିଯାଇଛନ୍ତି। ଏନେଇ ବିସିସିଆଇ ଶୀଘ୍ର ଆଧିକାରିକ ଘୋଷଣା କରିପାରେ। ଏହି ଖେଳାଳିଙ୍କୁ ମେଗା ଅକ୍ସନରେ କୋଟି କୋଟି ଟଙ୍କା ଦେଇ କିଣା ଯାଇଥିଲା। ହେଲେ ସେ ଏଯାବତ୍ ଗୋଟିଏ ବି ମ୍ୟାଚ୍‌ରେ ଏକାଦଶରେ ସ୍ଥାନ ପାଇ ନ ଥିଲେ। ଗୁଜରାଟ ଶନିବାର ଲକ୍ଷ୍ନୌ ସୁପରଜାଏଣ୍ଟସ୍ ବିପକ୍ଷରେ ଖେଳିଥିଲା। ଏମିତିରେ ଫିଲିପ୍ସ ବାଦ୍ ପଡ଼ିବା ବଡ଼ ଝଟ୍‌କା ବୋଲି କୁହାଯାଉଛି। ତେବେ ଏପ୍ରିଲ ୬ରେ ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷ ମୁକାବିଲାରେ ଗୁଜରାଟ ପକ୍ଷରୁ ଫିଲ୍ଡିଂ କରୁଥିବା ବେଳେ ସେ ଆହତ ହୋଇ ଥିଲେ। ସେବେଠାରୁ ଦଳର ଅଭ୍ୟାସ ସମୟରେ ସେ ନଜର ଆସୁ ନ ଥିଲେ।

# ଆଇପିଏଲ ପ୍ଲେଅଫ୍ ଦୌଡ଼ରୁ ବାଦ୍ ପଡ଼ିପାରେ ଚେନ୍ନାଇ

**ନୂଆଦିଲ୍ଲୀ**



ଚେନ୍ନାଇ ସୁପର କିଙ୍ଗ୍ସ ପାଇଁ ଏପର୍ଯ୍ୟନ୍ତ ଆଇପିଏଲ ୨୦୨୫ ବହୁତ ଖରାପ ରହିଛି। ପ୍ରଥମ ୬ ମ୍ୟାଚ୍‌ରୁ ୫ରେ ସିଏସକେ ପରାଜିତ ହୋଇଛି। ଏହି ସିଜିନରେ ଚେନ୍ନାଇ ପ୍ରଥମ ମ୍ୟାଚ୍ ଜିତିଥିଲା। ଏହା ପରେ ଦଳ ଲଗାତାର ୫ଟି ମ୍ୟାଚ୍ ହାରିଯାଇଛି। ଆଇପିଏଲ୍‌ରେ ପ୍ରଥମ ଥର ପାଇଁ ସିଏସ୍‌କେ ଲଗାତାର ଏତେ ମ୍ୟାଚ୍ ହାରିଛି। ଦଳ ଘରୋଇ ମଇଦାନରେ ମଧ ଜିତି ପାରୁନାହିଁ। ଚେପକ୍‌ରେ ସିଏସକେ ଶେଷ ତିନୋଟି ମ୍ୟାଚ୍ ହାରିଛି। ଏପରି ପରିସ୍ଥିତିରେ ସବୁଠାରୁ ବଡ଼ ପ୍ରଶ୍ନ ହେଉଛି ଏଭଳି ଲଜ୍ଜାଜନକ ପ୍ରଦର୍ଶନ ପରେ ଚେନ୍ନାଇ ସୁପର କିଙ୍ଗ୍ସ ଦଳ ପ୍ଲେଅଫ ଦୌଡ଼ରୁ ବାହାର ହୋଇଯାଇଛି କି? ଏହା ମୁମ୍ବାଇ ଇଣ୍ଡିଆନ୍ସ ଭଳି ଚମତ୍କାର ପ୍ରତ୍ୟାବର୍ତ୍ତନ କରିପାରିବ କି?

ଆଇପିଏଲ ୨୦୨୫ର ପଏଣ୍ଟ ଟେବୁଲ ଦେଖିଲେ ସିଏସକେ ବର୍ତ୍ତମାନ ୬ ମ୍ୟାଚ୍‌ରୁ ଗୋଟିଏ ବିଜୟ ଏବଂ ୨ ପଏଣ୍ଟ ସହିତ ୯ ନମ୍ବର ସ୍ଥାନରେ ଅଛି। ଦଳର ନେଟ୍ ରନ୍ ରେଟ୍ ହେଉଛି ମାଇନସ ୧.୫୫୪। ଏହି ଖରାପ ପ୍ରଦର୍ଶନ ସତ୍ତ୍ୱେ ଦଳ ପ୍ଲେଅଫ୍ ଦୌଡ଼ରୁ ବାହାର ହୋଇନାହିଁ। କିନ୍ତୁ ପ୍ଲେଅଫ୍‌ରେ ପହଞ୍ଚିବା ସିଏସକେ ପାଇଁ ଏକ ଚମତ୍କାରଠାରୁ କମ୍ ହେବନାହିଁ। କାରଣ ଆଇପିଏଲର ଲିଗ୍ ପର୍ଯ୍ୟାୟରେ ସମସ୍ତ ଦଳ ୧୪-୧୪ ମ୍ୟାଚ୍ ଖେଳନ୍ତି, ତେଣୁ ସିଏସକେ ପାଖରେ ଏବେ ବି ୮ ମ୍ୟାଚ୍ ବାକି ଅଛି। ଯଦି ଦଳ ଏହି ବାକି ମ୍ୟାଚ୍‌ଗୁଡ଼ିକରେ ଭଲ ପ୍ରଦର୍ଶନ କରେ, ତେବେ ସିଜିନକୁ ପ୍ରତ୍ୟାବର୍ତ୍ତନ କରିପାରିବ।

ତେବେ ବିଶେଷଜ୍ଞଙ୍କ ମତରେ ଚେନ୍ନାଇ ସୁପର କିଙ୍ଗ୍ସ ପାଇଁ ସିଜିନରେ ପ୍ରତ୍ୟାବର୍ତ୍ତନ ସହଜ ହେବ ନାହିଁ। ଆଇପିଏଲ ଇତିହାସରେ ଏପର୍ଯ୍ୟନ୍ତ କେବଳ ଥରେ ଏପରି ଘଟିଛି ଯେ କୌଣସି ଦଳ ପ୍ରଥମ ୬ ମ୍ୟାଚ୍‌ରୁ ୫ଟିରେ ହାରିବା ପରେ ପ୍ଲେଅଫ୍ ପାଇଁ ଯୋଗ୍ୟତା ଅର୍ଜନ କରିଛି ଏବଂ ଟାଇଟଲ ମଧ ଜିତିଛି। ଏହି ଚମତ୍କାର ୨୦୧୫ ମସିହାରେ ମୁମ୍ବାଇ ଇଣ୍ଡିଆନ୍ସ ଦଳ କରି ଦେଖାଇଥିଲା। ୨୦୧୫ ଆଇପିଏଲରେ ମୁମ୍ବାଇ ଇଣ୍ଡିଆନ୍ସ ଦଳ ପ୍ରଥମ ୬ ମ୍ୟାଚ ମଧ୍ୟରୁ ପାଞ୍ଚଟିରେ ପରାସ୍ତ ହୋଇଥିଲା। ଏହା ପରେ ଦଳ ପ୍ରତ୍ୟାବର୍ତ୍ତନ କରିଥିଲା ଏବଂ ପରବର୍ତ୍ତୀ ୮ ମ୍ୟାଚ୍‌ରୁ ୭ଟି ଜିତି ପ୍ଲେଅଫ୍‌ରେ ନିଜର ସ୍ଥାନ ନିଶ୍ଚିତ କରିଥିଲା। ଏହା ପରେ ଏହା କ୍ୱାଲିଫାୟର ଏବଂ ଫାଇନାଲ ମ୍ୟାଚ୍‌ରେ ସିଏସକେକୁ ପରାସ୍ତ କରି ଟାଇଟଲ ଜିତିଥିଲା।

କେକେଆର ବିପକ୍ଷରେ ପରାଜୟ ପରେ, ସିଏସକେ ବ୍ୟାଟିଂ ପ୍ରଶିକ୍ଷକ ମାଇକେଲ ହସି କହିଛନ୍ତି, 'ଆମେ ଏପର୍ଯ୍ୟନ୍ତ ନିଶ୍ଚିତ ଭାବରେ ଧଳା ପତାକା ଉଠାଇ ନାହୁଁ।' ଚତୁର୍ଥ ଏବଂ ଅନ୍ତିମ ପ୍ଲେଅଫ ସ୍ଥାନ ପାଇବା ପାଇଁ ଆପଣଙ୍କୁ କେବଳ ଆଗକୁ ବଢ଼ିବାକୁ ପଡିବ। ଆଇପିଏଲ ଭଳି ଏକ ଲମ୍ବା ଟୁର୍ଣ୍ଣାମେଣ୍ଟରେ ଏହା ସମ୍ଭବ। ଆମେ ଲଗାତାର ଭଲ କ୍ରିକେଟ ଖେଳୁନାହୁଁ। ଆମେ ନିଶ୍ଚିତ ଭାବରେ ଏହାକୁ ସ୍ୱୀକାର କରୁଛୁ। କିନ୍ତୁ ଏହାର ଅର୍ଥ ନୁହେଁ ଯେ ଏହି ସ୍ଥିତିରେ ପରିବର୍ତ୍ତନ ହେବ ନାହିଁ ବୋଲି ସେ କହିଛନ୍ତି।

## ଜାତୀୟସ୍ତରୀୟ ଖୋ ଖୋ ଟୁର୍ଣ୍ଣାମେଣ୍ଟରେ ସ୍ୱର୍ଣ୍ଣ ପଦକ ବିଜେତାଙ୍କୁ ସମ୍ବର୍ଦ୍ଧନା

**ଆଠଗଡ଼**

ସମ୍ପ୍ରତି ପୁରୀଠାରେ ଅନୁଷ୍ଠିତ ଜାତୀୟସ୍ତରୀୟ ଖୋ ଖୋ ଟୁର୍ଣ୍ଣାମେଣ୍ଟରେ ସ୍ୱର୍ଣ୍ଣ ପଦକ ସହ ଏକଲବ୍ୟ ପୁରସ୍କାର ବିଜେତା କ୍ରୀଡ଼ାବିତ୍ ଟି.ଜଗନ୍ନାଥ ଦାସଙ୍କୁ ଗୋପବନ୍ଧୁ କଲେଜରେ ସମ୍ବର୍ଦ୍ଧିତ କରାଯାଇଛି। ଏହି ଜାତୀୟସ୍ତରୀୟ ବରିଷ୍ଠ ବର୍ଗର ଖୋ ଖୋ ପ୍ରତିଯୋଗିତାରେ ରେଳବାଇ ଦଳ ମହାରାଷ୍ଟ୍ର ଦଳକୁ ହରାଇ ଚାମ୍ପିଅନ ହୋଇଥିଲା। ରେଳବାଇ ଦଳ ପାଇଁ ଖେଳୁଥିବା ଟି.ଜଗନ୍ନାଥ ଦାସଙ୍କୁ ସ୍ୱର୍ଣ୍ଣ ପଦକ ସହ ଶ୍ରେଷ୍ଠ ଖେଳ ପ୍ରଦର୍ଶନ ପାଇଁ ଭାରତୀୟ ଖୋ ଖୋ ମହାସଂଘ ପକ୍ଷରୁ ଏକଲବ୍ୟ ପୁରସ୍କାର ପ୍ରଦାନ କରାଯାଇଥିଲା।

୫୭ ବର୍ଷ ଧରି ଆୟୋଜିତ ହୋଇ ଆସୁଥିବା ଏହି ଜାତୀୟସ୍ତର ଖୋ ଖୋ ପ୍ରତିଯୋଗିତାରେ ପ୍ରଥମଥର ପାଇଁ ଓଡ଼ିଶାର ଜଣେ ଖେଳାଳି ଟି.ଜଗନ୍ନାଥ ଦାସଙ୍କୁ ଏକଲବ୍ୟ ପୁରସ୍କାର ମିଳିଛି। ଏହି ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ଦଳ ତୃତୀୟ ସ୍ଥାନ ଅଧିକାର କରିଥିବାବେଳେ ଓଡ଼ିଶା ପାଇଁ ଖେଳୁଥିବା ଜଗନ୍ନାଥଙ୍କ ଭାଇ ଟି. ବଳରାମ ଦାସଙ୍କୁ ମଧ ବ୍ରୋଞ୍ଜ ପଦକ ମିଳିଛି। ଉଭୟ ଆଠଗଡ଼ର ଗୋପବନ୍ଧୁ ବିଜ୍ଞାନ କଲେଜର ଛାତ୍ର ହୋଇଥିବାରୁ କଲେଜ ପକ୍ଷରୁ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କଲେଜର ଅଧକ୍ଷ ଡ.ଲୋକନାଥ ସାହୁ ଟି.ଜଗନ୍ନାଥ ଏବଂ ଟି. ବଳରାମ ଦାସଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ।

କଲେଜର କ୍ରୀଡ଼ା ଉପସଭାପତି ତଥା ଡେମୋନଷ୍ଟ୍ରେଟର ସଚ୍ଚିଦାନନ୍ଦ ଜେନା, ଅଧ୍ୟାପକ ଗୌତମବୁଦ୍ଧ ସୀତାରାମ ଓ ଦିବ୍ୟଶକ୍ତି ସାମନ୍ତରାୟ, ଆଠଗଡ଼ ଖୋ ଖୋ ଆସୋସିଏସନର ସଭାପତି ଲକ୍ଷ୍ମୀନାରାୟଣ ଭଞ୍ଜ, ଉପସଭାପତି ମନୋରଞ୍ଜନ ଦାସ ଏବଂ ଅନ୍ୟ କର୍ମକର୍ତ୍ତା ଓ ଖେଳାଳି ଉଭୟ କୃତି କ୍ରୀଡାବିତ୍‌ଙ୍କୁ ଅଭିନନ୍ଦନ ଜଣାଇଥିଲେ।

## କବି ଚାରୁଦତ୍ତ ପାଣିଗ୍ରାହୀ ପାଇଲେ ମର୍ଯ୍ୟାଦାଜନକ 'ଏମିଲି ଡିକିନ୍ସନ୍' ପୁରସ୍କାର

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**



ଓଡ଼ିଶାର ବିଶିଷ୍ଟ ଲେଖକ ଓ ବୁଦ୍ଧିଜୀବୀ ଚାରୁଦତ୍ତ ପାଣିଗ୍ରାହୀ ତାଙ୍କ ଦ୍ୱାରା ରଚିତ ଇଂରାଜୀ କବିତା ସଂକଳନ 'ସ୍ୱର୍ଲ ଏଣ୍ଡ ଷ୍ଟିଲ୍' ପାଇଁ ଆମେରିକାର ମର୍ଯ୍ୟାଦାଜନକ 'ଏମିଲି ଡିକିନ୍ସନ୍' ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି। ଆମେରିକାର ଉନବିଂଶ ଶତାବ୍ଦୀର ବିଶିଷ୍ଟ କବି ଏମିଲି ଡିକିନ୍ସନ୍‌ଙ୍କ ସ୍ମୃତିରେ ଏହି ପୁରସ୍କାର ପ୍ରତିବର୍ଷ ପୋଏଟ୍ରି ସୋସାଇଟି ଅଫ୍ ଆମେରିକାର ସଦସ୍ୟମାନଙ୍କୁ ଦିଆଯାଇଥାଏ। ଏ ବର୍ଷ ଓଡ଼ିଶାର ଚାରୁଦତ୍ତ ପାଣିଗ୍ରାହୀଙ୍କୁ ନିଜ କବିତା ଜରିଆରେ ଆନ୍ତଃସାଂସ୍କୃତିକ ଭାବ ବିନିମୟକୁ ଏକ ସାର୍ଥକ ରୂପ ଦେଇଥିବା ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଶ୍ରୀ ପାଣିଗ୍ରାହୀ ତାଙ୍କର 'ଡସ୍କ ଆଟ୍ ରାୟଗଡ଼ା', 'ମଣ୍ଟି ମ୍ୟୁଜିକ୍'ଓ 'ସ୍ୱର୍ଲ ଏଣ୍ଡ ଷ୍ଟିଲ୍' ଆଦି ପୁସ୍ତକ ପାଇଁ ପାଠକ ମହଲରେ ସୁପରିଚିତ।

# ଜିଲ୍ଲା ନୋଡାଲ ସଚିବ ତଥା ଆୟୁକ୍ତ ହସ୍ତ ତନ୍ତ, ବୟନ ଓ ହସ୍ତ ଶିଳ୍ପ ଏବଂ ଅବକାରୀ ବିଭାଗଙ୍କ ଜିଲ୍ଲା ଗସ୍ତ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**



ରାଜ୍ୟ ହସ୍ତ ତନ୍ତ, ବୟନ ଓ ହସ୍ତ ଶିଳ୍ପ ଏବଂ ଅବକାରୀ ବିଭାଗ ଆୟୁକ୍ତ ତଥା ଜିଲ୍ଲା ନୋଡାଲ ସଚିବ ଗୁହା ପୁନମ ତାପସ କୁମାର ସୁବର୍ଣ୍ଣପୁର ଜିଲ୍ଲା ଗସ୍ତରେ ଆସି ଜିଲ୍ଲାରେ କାର୍ଯ୍ୟକାରୀ ବିଭିନ୍ନ ଉନ୍ନୟନ ତଥା ଲୋକାଭିମୁଖୀ ଯୋଜନା ଗୁଡିକର ସଫଳ କାର୍ଯ୍ୟକାରିତାର କ୍ଷେତ୍ର ପରିଦର୍ଶନ କରିଛନ୍ତି। ସେ ଏହି ପରିପ୍ରେକ୍ଷୀରେ ସୋନପୁର ପୌର ପରିଷଦ ଅନ୍ତର୍ଗତ ସୁରେଶ୍ୱରୀ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରି ଛାତ୍ରଛାତ୍ରୀଙ୍କ ସହ ଶିକ୍ଷା ଓ ଶିକ୍ଷା ଦାନ ସମ୍ପର୍କରେ ପଚାରି ବୁଝିଥିଲେ। ପରେ ପିଏମଶ୍ରୀ ସ୍କୁଲ ଯୋଜନା ଅନ୍ତର୍ଗତ ମହାରାଜା ଉଚ୍ଚ ବିଦ୍ୟାଳୟରେ ପହଞ୍ଚି ସ୍କୁଲର ଶୈକ୍ଷିକ ବାତାବରଣ, ସ୍କୁଲର ଖେଳପଡ଼ିଆ ତଥା ଶିକ୍ଷାଦାନ ଉପରେ ପଚାରି ବୁଝିବା ସହ ଛାତ୍ରଛାତ୍ରୀଙ୍କ ସହ ବାର୍ତ୍ତାଳାପ କରିଥିଲେ ଏବଂ ସ୍କୁଲ ଛାତ୍ରଙ୍କ ସହ ଏକାଠି ବସି ମଧ୍ୟାହ୍ନ ଭୋଜନ କରିଥିଲେ। ତତ୍ପରେ ଜିଲ୍ଲାର କଳାପଥର ଠାରେ ସ୍ଥିତ ମଦ ନିଗମ ଡିପୋ ପରିଦର୍ଶନ କରି ସମସ୍ତ ଷ୍ଟକ୍ ଯାଞ୍ଚ କରିଥିଲେ। ରୁଗୁଡ଼ିପାଲି ଅଙ୍ଗନୱାଡ଼ି କେନ୍ଦ୍ର ଠାରେ ସ୍ୱୟଂ ସହାୟକ ସଦସ୍ୟା, ସୁଭଦ୍ରା ହିତାଧିକାରୀ ତଥା ପ୍ରଧାନ ମନ୍ତ୍ରୀ ପୋଷଣ ହିତାଧିକାରୀଙ୍କ ସହ ଭାବବିନିମୟ କରିଥିବା ବେଳେ ଶିଶୁଙ୍କ ସହ ଭାବ ବିନିମୟ କରିଥିଲେ ସଚିବ। ସେ ଏହି ଅବସରରେ ଶିଶୁ ବଟିକା ଯୋଜନା, ଅଙ୍ଗନୱାଡ଼ି ଶିଶୁଙ୍କ ଆଧାର କାର୍ଡ ସଂଯୋଗୀକରଣ, ପିଲାଙ୍କ ସ୍ୱାସ୍ଥ୍ୟ ଯାଞ୍ଚ ପ୍ରଭୃତି ଉପରେ ସମ୍ପୃକ୍ତ କେନ୍ଦ୍ର କର୍ମୀଙ୍କୁ ପଚାରିବୁଝିଥିଲେ। ସାଗରପାଲି ଠାରେ ବୁଣାକାର ସୁବିଧା କେନ୍ଦ୍ର ପରିଦର୍ଶନ କରି ଉତ୍ପାଦ ଗୋଷ୍ଠୀଙ୍କ ସହ ହସ୍ତତନ୍ତ ଉପରେ ଭାବବିନିମୟ କରି ସ୍ଥାନୀୟ, ସୋନପୁରୀ,ସମ୍ବଲପୁରୀ, ପାଟଶାଢ଼ୀ, ପାଟବସ୍ତ୍ରର ଉତ୍ପାଦ ଓ ବଜାରୀକରଣ ଉପରେ ଆଲୋଚନା କରିଥିଲ। ଅପରାହ୍ନରେ ଜିଲ୍ଲା ନୋଡାଲ ସଚିବ ସ୍ଥାନୀୟ ସର୍କିଟ ହାଉସ ଠାରେ ବିଭିନ୍ନ ବିଭାଗୀୟ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ସେ ଜିଲ୍ଲାର ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ଉପରେ ଖୁସିବ୍ୟକ୍ତ କରିଥିବାବେଳେ ସମସ୍ତ ବିଭାଗ ସେମାନେ ନିଜନିଜ ବିଭାଗୀୟ କାର୍ଯ୍ୟରେ ଉଚ୍ଚକୋଟୀର କାର୍ଯ୍ୟ ସମ୍ପାଦନ କରିବାକୁ ପରାମର୍ଶ ଦେଇଛନ୍ତି। ସେ ଏହି ଅବସରରେ ଜିଲ୍ଲାସ୍ତରରେ କୌଣସି ବିଭାଗୀୟ ଉନ୍ନୟନ କାର୍ଯ୍ୟ ପ୍ରକଳ୍ପକୁ ସହମତି ଭିତ୍ତିରେ ସମ୍ପାଦନ କରିବାକୁ କହିଥିଲେ। ସେ ବିଭିନ୍ନ ପ୍ରକଳ୍ପର କାର୍ଯ୍ୟକାରିତାର ସୁବିଧା ଅସୁବିଧା ଉପରେ ସମ୍ପୃକ୍ତ ଅଧିକାରୀଙ୍କୁ ପଚାରି ବୁଝିଥିଲେ। ଅନୁଷ୍ଠିତ ବୈଠକରେ ଜିଲ୍ଲାପାଳ ସୁବର୍ଣ୍ଣପୁର ଅନ୍ୟା ଦାସ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଅଶ୍ୱିନୀ ମେହେର ସମେତ ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ରହି ନିଜନିଜ ବିଭାଗୀୟ ତଥ୍ୟ ପ୍ରଦାନ କରିଥିଲେ। ଜିଲ୍ଲା ନୋଡାଲ ଅଧିକାରୀଙ୍କ ଜିଲ୍ଲା ଗସ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲାପରିଷଦ ଅଶ୍ୱିନୀ ମେହେର, ଉପ ନିର୍ଦ୍ଦେଶକ ପ୍ଲାନିଂ ରୋଶନ ଗିନ୍ଧି, ଜିଲ୍ଲା ଶିକ୍ଷା ଅଧିକାରୀ ତଥା ସମ୍ପୃକ୍ତ ଅଧିକାରୀ ଉପସ୍ଥିତ ରହିଥିଲେ।

# ଓଡ଼ିଶାରେ ଗୋଷ୍ଠୀସ୍ତରୀୟ ସଂଘମାନଙ୍କ ପଞ୍ଜିକରଣ ପାଇଁ ହେବ ଉପଯୁକ୍ତ ଆଇନ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ପ୍ରତି ପରିବାରକୁ ସ୍ୱୟଂ ସହାୟକ ଗୋଷ୍ଠୀ ସହ ଯୋଡ଼ିବା କେନ୍ଦ୍ର ସରକାରଙ୍କ ଲକ୍ଷ୍ୟ। ୨୦୧୨-୧୩ ମସିହାରୁ ଭାରତ ସରକାରଙ୍କ ଦ୍ୱାରା ଦୀନ ଦୟାଲ ଅନ୍ତ୍ୟୋଦୟ ଯୋଜନା-ଜାତୀୟ ଗ୍ରାମୀଣ ଜୀବିକା ମିଶନ ଆମ ରାଜ୍ୟରେ କାର୍ଯ୍ୟକାରୀ ହେଉଛି। ଏହି ଯୋଜନାରେ ବିଭିନ୍ନ ଗୋଷ୍ଠୀଭିତ୍ତିକ ଅନୁଷ୍ଠାନ ଯଥା ସ୍ୱୟଂ ସହାୟକ ଗୋଷ୍ଠୀ, ଆଞ୍ଚଳିକ ମଞ୍ଚ (କ୍ଲଷ୍ଟର ଲେଭଲ ଫୋରମ) ଓ ଗ୍ରାମପଞ୍ଚାୟତ ସ୍ତରୀୟ ସଂଘମାନ ଗଠିତ ହୋଇ ଦୁର୍ବଳ ଶ୍ରେଣୀର ମହିଳାମାନଙ୍କର ବିକାଶ ନିମନ୍ତେ କାର୍ଯ୍ୟ କରୁଛନ୍ତି। ଏହି ସବୁ ଗୋଷ୍ଠୀଭିତ୍ତିକ ଅନୁଷ୍ଠାନ ମଧ୍ୟରୁ ଗ୍ରାମପଞ୍ଚାୟତ ସ୍ତରୀୟ ସଂଘ ବା ଜିପିଏଲଏଫ୍ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କାରଣ ଏହି ସଂଘ ଦ୍ୱାରା ହିଁ ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ମାନଙ୍କୁ ସେମାନଙ୍କ ବ୍ୟବସାୟରେ ସାହାଯ୍ୟ ପୂର୍ବକ ବିଭିନ୍ନ ପ୍ରକାର ପାଣ୍ଠି ପ୍ରଦାନ କରାଯାଇଥାଏ। ଏହା ଛଡା କମ୍ୟୁନିଟି ସପୋର୍ଟ ଷ୍ଟାଫମାନଙ୍କର ପାରିଶ୍ରମିକ ଓ ସେମାନଙ୍କର ତଥା ଗୋଷ୍ଠୀର ସଦସ୍ୟା ମାନଙ୍କର ବିଭିନ୍ନ ପ୍ରଶିକ୍ଷଣ ବାବଦକୁ ମଧ ପ୍ରତିବର୍ଷ ପାଣ୍ଠି ପ୍ରଦାନ କରାଯାଇଥାଏ। ଏ ସମସ୍ତ ଅର୍ଥରାଶିର ସୁପରିଚାଳନା ପାଇଁ ସଂଘର ସଭାପତି ଓ ସମ୍ପାଦକ ଉତ୍ତରଦାୟୀ ରୁହନ୍ତି। ସେଥିପାଇଁ ଏହି ସଂଘଗୁଡିକ ଉପଯୁକ୍ତ ନିୟମ ଆଧାରରେ ପଞ୍ଜିକୃତ ହେବା ନିତାନ୍ତ ଜରୁରୀ।

ଏହି ଆଞ୍ଚଳିକ ମଞ୍ଚ, ଗ୍ରାମପଞ୍ଚାୟତ ସ୍ତରୀୟ ସଂଘ, ବ୍ଲକ ସ୍ତରୀୟ ମହାସଂଘ, ଜିଲ୍ଲା ସ୍ତରୀୟ ମହାସଂଘ ଏବଂ ଅଞ୍ଚଳ ସ୍ତରୀୟ ମହାସଂଘ ପରି ଗୋଷ୍ଠୀଭିତ୍ତିକ ଅନୁଷ୍ଠାନଗୁଡ଼ିକ ବହୁ ବର୍ଷ ଧରି କାର୍ଯ୍ୟରତ ରହିଥିଲେ ମଧ, ସେମାନଙ୍କ ମଧ୍ୟରୁ ଅଧିକାଂଶ ଏପର୍ଯ୍ୟନ୍ତ ପଞ୍ଜିକୃତ ହୋଇନାହାନ୍ତି। ଏହା ଦ୍ୱାରା ସେମାନଙ୍କ ମଧ୍ୟରେ ସ୍ୱଚ୍ଛତାର ଅଭାବ, ଦୁର୍ବଳ ଶାସନ ଏବଂ ବିଶେଷକରି ଆର୍ଥିକ ମାମଲାରେ ଆଇନଗତ ଜବାବଦାରୀର ଅନୁପସ୍ଥିତି ଦେଖାଦେଇଛି। ଅଣପଞ୍ଜିକୃତ ସଂସ୍ଥାଗୁଡ଼ିକ କ୍ଷେତ୍ରରେ ଅନିୟମିତତା ଘଟିଲେ ରାଜ୍ୟ ସରକାରଙ୍କ ତରଫରୁ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ଅସୁବିଧା ସୃଷ୍ଟି ହେଉଛି। ଏହାକୁ ଦୃଷ୍ଟିରେ ରଖି, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମିଶନ ଶକ୍ତି ବିଭାଗକୁ ଏହି ଅନୁଷ୍ଠାନଗୁଡ଼ିକର ଆନୁଷ୍ଠାନିକ ପଞ୍ଜିକରଣ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି, ଯାହା ଦ୍ୱାରା ଗୋଷ୍ଠୀ ସଂଘ ସଂରଚନାର ପ୍ରତ୍ୟେକ ସ୍ତରକୁ ଆଇନଗତ ଭାବେ ସ୍ୱୀକୃତ ଏବଂ ଉତରଦାୟୀ ଢାଞ୍ଚା ଅଧୀନରେ ଅଣାଯାଇପାରିବ।

ଓଡ଼ିଶାରେ ଗୋଷ୍ଠୀସ୍ତରୀୟ ସଂଘମାନଙ୍କ ପଞ୍ଜିକରଣ ପାଇଁ ଉପଯୁକ୍ତ ଆଇନ ସୁପାରିଶ କରିବା ପାଇଁ, ଆସାମ, ତାମିଲନାଡୁ ଏବଂ ଆନ୍ଧ୍ରପ୍ରଦେଶର ଭଳି ରାଜ୍ୟର ଗୋଷ୍ଠୀଭିତ୍ତିକ ସଂଘଗୁଡ଼ିକର ପଞ୍ଜିକରଣ ବ୍ୟବସ୍ଥାକୁ ଅଧ୍ୟୟନ ନିମନ୍ତେ ତିନୋଟି ରାଜ୍ୟ-ସ୍ତରୀୟ ପ୍ରତିନିଧି ଦଳ ପଠାଯାଇଥିଲା। ଏହି ଅଧ୍ୟୟନ ଦଳଗୁଡ଼ିକରେ ଓଡ଼ିଶା ଜୀବିକା ମିଶନର ମିଶନ ନିର୍ଦ୍ଦେଶକ, ମିଶନ ଶକ୍ତି ବିଭାଗର ଯୁଗ୍ମ ସଚିବ ଏବଂ ଓଡ଼ିଶା ଜୀବିକା ମିଶନର ଅତିରିକ୍ତ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପରି ବରିଷ୍ଠ ଅଧିକାରୀମାନେ ସାମିଲ ଥିଲେ।

ପ୍ରାପ୍ତ ସୁପାରିସ ଆଧାରରେ ବିସ୍ତୃତ ଆଲୋଚନା ପରେ, ରାଜ୍ୟ ସରକାର ଖୁବ ଶୀଘ୍ର ଓଡିଶାର ସମସ୍ତ ଗୋଷ୍ଠୀସ୍ତରୀୟ ସଂଘମାନଙ୍କର ପଞ୍ଜିକରଣ ଆରମ୍ଭ କରିବେ। ଥରେ ପଞ୍ଜିକୃତ ହେଲେ, ଏହି ଅନୁଷ୍ଠାନଗୁଡ଼ିକୁ ଆନୁଷ୍ଠାନିକ ଅଡିଟ୍ ପ୍ରକ୍ରିୟା ଅଧୀନକୁ ଅଣାଯିବ, ଯାହା ସ୍ୱଚ୍ଛତା, ଉନ୍ନତ ଜବାବଦାରୀ ଏବଂ କାର୍ଯ୍ୟକ୍ଷମତାକୁ ବୃଦ୍ଧି କରିବ।

ଏହି ପଦକ୍ଷେପ ଦ୍ୱାରା ଏହିସବୁ ଅନୁଷ୍ଠାନର ସଦସ୍ୟ ଥିବା ୭୦ ଲକ୍ଷରୁ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କ ପାଇଁ ଏକ ମଜବୁତ ଶାସନ ବ୍ୟବସ୍ଥା ସ୍ଥାପିତ ହେବ ବୋଲି ଆଶା କରାଯାଉଛି। ଏହା ମଧ ଅଧିକ ସୁଦୃଢ଼ ଆର୍ଥିକ ତତ୍ତ୍ୱାବଧାନ, ସୁବ୍ୟବସ୍ଥିତ ପ୍ରଶିକ୍ଷଣ ଏବଂ ଗ୍ରାମୀଣ ଉଦ୍ୟମିତା ପାଇଁ ନ୍ୟାୟସଙ୍ଗତ ସହାୟତାର ମାର୍ଗ ପ୍ରଶସ୍ତ କରିବ।





# ପାଟଣାରେ କାଳବୈଶାଖୀର ତାଣ୍ଡବ : ଯାତାୟାତ-ବିଦ୍ୟୁତ ସେବା ବାଧାପ୍ରାପ୍ତ

**ପାଟଣା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦୁଝର ଜିଲ୍ଲା ପାଟଣା ଓ ସାହାରପଡ଼ା ବ୍ଲକ ଅଞ୍ଚଳରେ ଶନିବାର ଅପରାହ୍ଣରେ କାଳବୈଶାଖୀ ପ୍ରଭାରେ ତୁହାକୁ ତୁହା ଘଡ଼ଘଡ଼ି, ପବନ ସାଙ୍ଗକୁ କୁଆ ପଥର ବର୍ଷା ପବନ ଲାଗି ରହିଥିଲା। ପବନ ଯୋଗୁ ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଗଛ ଉପୁଡି ପଡ଼ିଛି। ଫଳରେ ଗମନାଗମନ ବ୍ୟାହତ ହେବା ସହ ବିଦ୍ୟୁତ ସରବରାହ ବାଧାପ୍ରାପ୍ତ ହୋଇଥିଲା।



ପାଟଣା କରଞ୍ଜିଆଦେଇ ଯାଇଥିବା ରାଞ୍ଚି-ବିଜୟୱାଡା ୨୨୦ ନଂ ଜାତୀୟ ରାଜପଥ ଉପରେ ବଡ଼ବିଲ ପଞ୍ଚାୟତ ନିକଟରେ ଗଛ ପଡ଼ି ରହିଛି। ଖଜୁରୀଡିହା ଛକରେ ଏକ ଦୋକାନ ଉପରେ ବଡ଼ ଗଛ ଉପୁଡ଼ି ପଡିଛି। ବର୍ଷା ପବନରେ ଦୋକାନ ବାରଣ୍ଡାରେ ଆଶ୍ରୟ ନେଇଥିବା ଲୋକେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସେହିଭଳି ବେଗେନା ଗ୍ରାମରେ ଏକ ବିଶାଳ ଶାଳ ଗଛ ଉପୁଡ଼ି ପଡ଼ିଛି। କୁଆପଥର ମାଡ଼ରେ ଅଞ୍ଚଳରେ ହୋଇଥିବା ପନିପରିବା ଚାଷ ସହ ଖରାଟିଆ ଧାନଫସଲ ଓ ଆମ୍ବ ନଷ୍ଟ ହୋଇଛି। କାଳ ବୈଶାଖୀ ପ୍ରଭାବରେ ବର୍ଷା ଜନିତ କାରଣରୁ ଲୋକେ ଅସହ୍ୟ ଗୁଳୁଗୁଳି ଓ ତାତିରୁ ସାମାନ୍ୟ ଆଶ୍ୱସ୍ତି ପାଇଛନ୍ତି।

# 'ପଦ୍ମ ସମ୍ମାନ-୨୦୨୬' ପାଇଁ ପ୍ରକ୍ରିୟା ଆରମ୍ଭ



**ନୂଆଦିଲ୍ଲୀ**

ଆସନ୍ତାବର୍ଷ ପଦ୍ମ ପୁରସ୍କାର ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଗଣତନ୍ତ୍ର ଦିବସର ପୂର୍ବ ସଂଧ୍ୟାରେ ଏହି ସମ୍ମାନ ଘୋଷଣା କରାଯିବ। ଦେଶର ନାଗରିକ ସମ୍ମାନ ତଥା ପଦ୍ମ ପୁରସ୍କାର-୨୦୨୬ ପାଇଁ ଗୃହମନ୍ତ୍ରଣାଳୟ ପକ୍ଷରୁ ମାନଦଣ୍ଡ ବିଜ୍ଞପ୍ତି ପ୍ରକାଶ କରିବା ସହ ନାମାଙ୍କନ ଆରମ୍ଭ କରାଯାଇଛି। ମନ୍ତ୍ରଣାଳୟ ଦ୍ୱାରା ଜାରି ହୋଇଥିବା ବୟାନ ଅନୁଯାୟୀ, ପଦ୍ମ ପୁରସ୍କାର ପାଇଁ ନୋମିନେସନ ଓ ସୁପାରିସ୍ କରିବାର ଅନ୍ତିମ ତାରିଖ ୩୧ ଜୁଲାଇ ରହିଛି। ଦେଶର ସର୍ବୋଚ୍ଚ ନାଗରିକ ସମ୍ମାନ ମଧ୍ୟରୁ ପଦ୍ମ ପୁରସ୍କାର ଅନ୍ୟତମ। ୧୯୫୪ ମସିହାରୁ ଏହି ପୁରସ୍କାର ତିନୋଟି ଶ୍ରେଣୀରୁ ଦିଆଯାଇଛି। ଅସାଧାରଣ କାର୍ଯ୍ୟ ଓ ବିଶେଷ କ୍ଷେତ୍ରରେ ସେବା ପାଇଁ ପଦ୍ମ ବିଭୂଷଣ, ପଦ୍ମ ଭୂଷଣ ଓ ପଦ୍ମଶ୍ରୀ ସମ୍ମାନ ଦିଆଯାଉଛି। ପ୍ରତି ବର୍ଷ ଗଣତନ୍ତ୍ର ଦିବସ ପୂର୍ବ ସଂଧ୍ୟାରେ ଏହି ପୁରସ୍କାର ଘୋଷଣା ହୋଇଥାଏ। ୨୦୧୪ ପରଠାରୁ ମୋଦୀ ସରକାର ଅନେକ ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ସମ୍ମାନିତ କରିଛନ୍ତି। ବିଶେଷ କାର୍ଯ୍ୟ ପାଇଁ ଏହି ସମ୍ମାନ ମିଳିଥାଏ। କଳା, ସାହିତ୍ୟ, ଶିକ୍ଷା, ଖେଳ, ଚିକିତ୍ସା, ସାମାଜିକ କାର୍ଯ୍ୟ, ବିଜ୍ଞାନ ଏବଂ ଇଞ୍ଜିନିୟରିଂ, ସାର୍ବଜନୀକ ମାମଲା, ସମାଜସେବା, ବ୍ୟବସାୟ, ଉଦ୍ୟୋଗ ଭଳି କ୍ଷେତ୍ରରେ ବିଶେଷ ସେବା ଓ ଅସାଧାରଣ ଉପଲବ୍ଧୀ ପାଇଁ ପୁରସ୍କାର ଦିଆଯାଉଛି। ତେବେ ଆସନ୍ତାବର୍ଷ ପଦ୍ମ ସମ୍ମାନ ପାଇଁ ଏବେଠୁ ପ୍ରକ୍ରିୟା ଆରମ୍ଭ ହୋଇଛି।

# ଆରବିଆଇର ବଡ଼ ଘୋଷଣା

## ବ୍ୟାଙ୍କିଂ ସିଷ୍ଟମରେ ଲିକ୍ୱିଡିଟି ବଢାଇବା ପାଇଁ ରଖାଯିବ ୪୭ ହଜାର କୋଟିର ନଗଦ ଟଙ୍କା

**ନୂଆଦିଲ୍ଲୀ**

ଆମେରିକାର ଟାରିଫ୍ କାରଣରୁ ସାରା ଦୁନିଆରେ ଅନିଶ୍ଚିତତାର କଳା ବାଦଲ ଢାଙ୍କି ହୋଇଯାଇଛି। ଦରଦାମ ବୃଦ୍ଧି ଆଶଙ୍କା ବଢିଛି। ଏହା ଭିତରେ ଭାରତୀୟ ରିଜର୍ଭ ବ୍ୟାଙ୍କ କରିଛି ଏକ ବଡ଼ ଘୋଷଣା। ଆରବିଆଇ ଆଗକୁ ବ୍ୟାଙ୍କିଙ୍ଗ ସିଷ୍ଟମରେ ରେକର୍ଡ ମାତ୍ରାରେ ନଗଦ ଟଙ୍କା ରଖିବାର ପ୍ରସ୍ତୁତିରେ ଅଛି। ଯାହାର ମୋଟ ମୂଲ୍ୟ ୪୭,୦୦୦ କୋଟି ଟଙ୍କା। ଏହାଦ୍ୱାରା ବିଶ୍ୱସ୍ତରରେ ସୃଷ୍ଟି ହୋଇଥିବା ଚ୍ୟାଲେଞ୍ଜରୁ କିଛି ମାତ୍ରାରେ ଆଶ୍ୱସ୍ତି ମିଳିପାରେ। ଏହା ପୂର୍ବ ସରକାରୀ ତଥ୍ୟରୁ ଜଣାପଡିଛି ଯେ ଜାନୁଆରୀ ୨୦୨୫ରୁ ଏପର୍ଯ୍ୟନ୍ତ, ରିଜର୍ଭ ବ୍ୟାଙ୍କ ବ୍ୟାଙ୍କିଂ ସିଷ୍ଟମରେ ପ୍ରାୟ ୭ ଲକ୍ଷ କୋଟି ଟଙ୍କା ପ୍ରବେଶ କରିଛି। ଲିକ୍ୱିଡିଟି ବୃଦ୍ଧି ସହିତ, ରିଜର୍ଭ ବ୍ୟାଙ୍କ ଫେବୃୟାରୀ ଏବଂ ଏପ୍ରିଲରେ ଦୁଇଥର ରେପୋ ହାର ମଧ୍ୟ ହ୍ରାସ କରିଥିଲା। ଏହି କାରଣରୁ, ବ୍ୟାଙ୍କ ଏବଂ ଏନବିଏଫସିରୁ ଋଣ ଉପରେ ସୁଧ



ହାର ହ୍ରାସ ପାଇଛି। ବ୍ୟାଙ୍କିଂ ସିଷ୍ଟମରେ ଲିକ୍ୱିଡିଟି ବୃଦ୍ଧି କରିବା ପାଇଁ, ଆରବିଆଇ ଓପନ୍ ମାର୍କେଟ ଅପରେସନ୍, ଡଲାର-ରୁପି ସ୍ୱାପ୍ ଏବଂ ଭେରିଏବଲ୍ ରେପୋ ରେଟ୍ ଭଳି ଅନେକ ପଦ୍ଧତି ଗ୍ରହଣ କରିଛି। ଏହି ନୀତି ଅନୁଯାୟୀ, ଆରବିଆଇ ବଣ୍ଡ, ସିକ୍ୟୁରିଟି ଭଳି ସରକାରୀ ସିକ୍ୟୁରିଟି କ୍ରୟ କିମ୍ବା ବିକ୍ରୟ କରେ। ବ୍ୟାଙ୍କିଙ୍ଗ ସିଷ୍ଟମରେ ଲିକ୍ୱିଡିଟି ବୃଦ୍ଧି କରିବା ଏବଂ ଅର୍ଥନୀତିକୁ ବୃଦ୍ଧି କରିବା ପାଇଁ, ଆରବିଆଇ ସରକାରୀ ସିକ୍ୟୁରିଟିଜ୍ କିଣେ, ଯାହା ଫଳରେ ବ୍ୟାଙ୍କଗୁଡ଼ିକରୁ ଟଙ୍କା ଆସିଥାଏ। ବ୍ୟାଙ୍କଗୁଡ଼ିକୁ ଅଧିକ ଋଣ ଦେବା ପାଇଁ ପ୍ରୋତ୍ସାହିତ କରିବା। ଏହାଦ୍ୱାରା ଅର୍ଥନୈତିକ ବିକାଶ ହୋଇପାରିବ। ସେଭଳି ଅର୍ଥନୀତିରେ ଆକ୍ସେସ ଲିକ୍ୱିଡିଟିକୁ ହ୍ରାସ କରିବା ପାଇଁ ଆରବିଆଇ ସରକାରୀ ସିକ୍ୟୁରିଟିଜ୍ ବିକ୍ରି କରେ, ଯାହାଫଳରେ ବ୍ୟାଙ୍କଗୁଡ଼ିକ ପାଖରେ ଋଣ ପ୍ରଦାନ କରିବାର କ୍ଷମତା ହ୍ରାସ ପାଇବ। ଏଭଳି ଭାବରେ ମାର୍କେଟରେ ଟଙ୍କା କମ୍ ପହଞ୍ଚେ। ଓପନ ମାର୍କେଟ ଅପରେସନ୍ ଏଭଳି ଏକ ଟୁଲ୍, ଯାହାର ବ୍ୟବହାର କେନ୍ଦ୍ରୀୟ ବ୍ୟାଙ୍କ, ଦରଦାମ୍, ସୁଧ ହାର ଓ ମୁଦ୍ରାର ଯୋଗାଣକୁ ନିୟନ୍ତ୍ରଣ କରିବା ପାଇଁ କରିଥାଏ।

## ତାମିଲନାଡୁ ବିଧାନସଭା ନିର୍ବାଚନ ଏଆଇଡିଏମକେ ସହ ମେଣ୍ଟ କଲା ବିଜେପି

**ଚେନ୍ନାଇ**

ଆସନ୍ତା ୨୦୨୬ରେ ତାମିଲନାଡୁରେ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ଏହା ପୂର୍ବରୁ ଏକ ବଡ଼ ଘୋଷଣା କରିଛି ବିଜେପି। ରାଜ୍ୟରେ ଏଆଇଏଡିଏମକେ ସହ ମେଣ୍ଟ ଘୋଷଣା କରିଛି ବିଜେପି। ତାମିଲନାଡୁ ଗସ୍ତରେ ଥିବା ଗୃହମନ୍ତ୍ରୀ ଅମିତ ଶାହା ଏହି ମେଣ୍ଟ ସଂପର୍କରେ ଘୋଷଣା କରିଛନ୍ତି। ଏହି ଘୋଷଣା ସମୟରେ ଏଆଇଏଡିଏମକେ ନେତା ଇ. ପଲାନିସ୍ୱାମୀ ଏବଂ ପୂର୍ବତନ ବିଜେପି ରାଜ୍ୟ ସଭାପତି କେ. ଆନ୍ନାମଲାଇ ପ୍ରମୁଖ ଉପସ୍ଥିତ ଥିଲେ। ଅମିତ ଶାହ ଘୋଷଣା କରିଛନ୍ତି ଯେ, ଜାତୀୟ ସ୍ତରରେ ବିଜେପି ଏବଂ ଏଆଇଏଡିଏମକେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ନିର୍ବାଚନ ଲଢିବେ।

ସେହିପରି ତାମିଲନାଡୁରେ, ନିର୍ବାଚନ ଏଆଇଏଡିଏମକେ ନେତାଙ୍କ ନେତୃତ୍ୱରେ ଲଢ଼ାଯିବ। ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ମୋଦୀ ଏବଂ ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଜୟଲଳିତା ବହୁ ବର୍ଷ ଧରି ଜାତୀୟ ରାଜନୀତିରେ ଏକାଠି କାମ କରିଛନ୍ତି। ଅମିତ ଶାହ ଘୋଷଣା କରିଛନ୍ତି ଯେ ଜାତୀୟ ସ୍ତରରେ ବିଜେପି ଏବଂ ଏଆଇଏଡିଏମକେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ନିର୍ବାଚନ ଲଢିବେ। ସେହିପରି ତାମିଲନାଡୁରେ, ନିର୍ବାଚନ ଏଆଇଏଡିଏମକେ ନେତାଙ୍କ ନେତୃତ୍ୱରେ ଲଢ଼ାଯିବ।

# ରାଜ୍ୟର ଅନ୍ତରୀଣ ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି : ବିଜେଡି

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

୨୦୧୩ ମସିହାରେ, ଓଡିଶା ମାଓବାଦୀ ମୁକ୍ତ ରାଜ୍ୟର ମାନ୍ୟତା ପାଇଥିଲା ଗତ ୧୦ ମାସରେ ରାଜ୍ୟରେ ମାଓବାଦୀଙ୍କ ଗତିବିଧି?ରେ ଅହେତୁକ ବୃଦ୍ଧି ଅସ୍ତ୍ରଶସ୍ତ୍ର ଧରି ବୁଲୁଛନ୍ତି, ଲୋକଙ୍କୁ ନିଜ ଦଳରେ ସାମିଲ କରୁଛନ୍ତି

ଭୁବନେଶ୍ୱର, ୧୨/୦୪/୨୦୨୫: ଓଡ଼ିଶା ଏକ ସମୟରେ ସମ୍ପୂର୍ଣ୍ଣ ମାଓବାଦୀ ମୁକ୍ତ ରାଜ୍ୟ ଭାବେ ପରିଗଣିତ ହେଉଥିବା ବେଳେ ରାଜ୍ୟରେ ନୂତନ ସରକାର ଦାୟିତ୍ୱ ଗ୍ରହଣ କରିବା ପରେ ରାଜ୍ୟର ଅତିକମ୍‌ରେ ତିନୋଟି ଜିଲ୍ଲାରେ ମାଓବାଦୀଙ୍କ ଗତିବିଧି ବଢୁଛି ବୋଲି ଗଣମାଧ୍ୟମରେ ପ୍ରକାଶ ପାଉଥିଲେ ମଧ୍ୟ ସରକାର ଏହାକୁ ରୋକିବା ପାଇଁ କୌଣସି ତତ୍ପରତା ଦେଖାଉ ନାହାନ୍ତି ବୋଲି ବିଜୁ ଜନତା ଦଳ ଅଭିଯୋଗ କରିଛି।

ଶଙ୍ଖ ଭବନରେ ଶନିବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ, ଦଳର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ପ୍ରୀତି ରଞ୍ଜନ ଘଡ଼ାଇ କହିଛନ୍ତି, ରାଜ୍ୟର ତିନୋଟି ଜିଲ୍ଲା ଯଥା, ଢେଙ୍କାନାଳ, ଯାଜପୁର ଓ କେନ୍ଦୁଝର ଜିଲ୍ଲାରେ ମାଓବାଦୀଙ୍କ ଗତିବିଧି ବୃଦ୍ଧି ପାଇଛି ବୋଲି ଗତ କିଛି ମାସ ହେଲା ଲଗାତର ଭାବେ ଗଣମାଧ୍ୟମରେ ଖବର ପ୍ରକାଶ ପାଉଛି। ମାଓବାଦୀ ମାନଙ୍କ ଦ୍ୱାରା ଏହି ଜିଲ୍ଲା ଗୁଡିକରେ ଅସ୍ତ୍ରଶସ୍ତ୍ର ଧରି ବୁଲିବା, ସ୍ଥାନୀୟ ଅଞ୍ଚଳରୁ ଲୋକଙ୍କୁ ନିଜ ଦଳରେ ସାମିଲ କରିବା ଓ ବଳପୂର୍ବକ ଅର୍ଥ ଆଦାୟ କରିବା ଇତ୍ୟାଦି ଆରମ୍ଭ ହୋଇଛି। ଏହାଛଡ଼ା, ବିଧାୟକ ପ୍ରଶାନ୍ତ କୁମାର ଜଗଦେବଙ୍କ ଏକ ପ୍ରଶ୍ନର ଉତ୍ତର ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଥିଲେ, ରାଜ୍ୟରେ ପ୍ରାୟ ୧୨୦ ମାଓବାଦୀ ସକ୍ରିୟ ରହିଛନ୍ତି ଓ ୨୦୨୬ ସୁଦ୍ଧା ରାଜ୍ୟ ସରକାର ମାଓବାଦୀ ମୁକ୍ତ ରାଜ୍ୟ କରିବାର ଲକ୍ଷ୍ୟ ରଖିଛନ୍ତି। ଏହି ପରିପ୍ରେକ୍ଷୀରେ, ରାଜ୍ୟର ଅନ୍ତରୀଣ ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ



ସୃଷ୍ଟି ହୋଇଛି। ରାଜ୍ୟର ଅନ୍ତରୀଣ ସୁରକ୍ଷା ବିପର୍ଯ୍ୟସ୍ତ ଆଡ଼କୁ ଯାଉଥିବା ବେଳେ ଓଡ଼ିଶା ପୋଲିସ ଓ ରାଜ୍ୟର ଗୃହ ବିଭାଗ କୌଣସି ପଦକ୍ଷେପ ନେବାରେ ବିଫଳ ହୋଇଛନ୍ତି। ମାଓବାଦୀଙ୍କ ଏହି କାର୍ଯ୍ୟକଳାପକୁ ଗୃହ ବିଭାଗ ପୂର୍ବାନୁମାନ କରିବା ଓ ତାକୁ ପ୍ରତିହତ କରିବା ପାଇଁ ଉପଯୁକ୍ତ ପଦକ୍ଷେପ ନେବା ଆବଶ୍ୟକ ଥିବାବେଳେ, ଏଥିରେ ସରକାର ବିଫଳ ହୋଇଛନ୍ତି।

ଶ୍ରୀ ଘଡ଼ାଇ କହିଥିଲେ, ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଯୋଗୁଁ ୨୦୧୩ରେ ଓଡ଼ିଶା ମାଓବାଦୀ ମୁକ୍ତ ରାଜ୍ୟ ଭାବେ ଘୋଷିତ ହୋଇଥିଲା। ଦୁଃଖ ଓ ପରିତାପର ବିଷୟ ଯେ, ଏହାର ୧୧/୧୨ ବର୍ଷ ପରେ ଓଡ଼ିଶାରେ ମାଓବାଦୀ ଗତିବିଧିର ପୁନରଜନ୍ମ ଘଟିଛି। ମାଓବାଦୀଙ୍କ ଗତିବିଧି ବୃଦ୍ଧି ଯୋଗୁଁ କେବଳ ରାଜ୍ୟର ଅନ୍ତରୀଣ ସୁରକ୍ଷା ବିପର୍ଯ୍ୟସ୍ତ ହେବାର ଭୟ ରହିଛି ତାହା ନୁହେଁ, ବରଂ ଏହା ରାଜ୍ୟରେ ହେବାକୁ ଥିବା ପୁଞ୍ଜିନିବେଶକୁ ପ୍ରତିହତ କରିବା ସହିତ ରାଜ୍ୟର ପ୍ରଗତି ମଧ୍ୟ ବାଧାପ୍ରାପ୍ତ ହେବ। ଉଲ୍ଲେଖଯୋଗ୍ୟ, ଯେଉଁ ତିନୋଟି ଜିଲ୍ଲାରେ (ଢେଙ୍କାନାଳ, ଯାଜପୁର ଓ କେନ୍ଦୁଝର) ମାଓବାଦୀଙ୍କ ଗତିବିଧି ବୃଦ୍ଧି ପାଇଛି, ସେହି ଜିଲ୍ଲା ଗୁଡିକରେ ଅଧିକ ପୁଞ୍ଜିନିବେଶ ପାଇଁ ପ୍ରସ୍ତାବ ରହିଛି। ରାଜ୍ୟର ଅନ୍ତରୀଣ ସୁରକ୍ଷା ବିପର୍ଯ୍ୟସ୍ତ ହେଲେ ପୁଞ୍ଜିନିବେଶ-କାରୀମାନେ ଓହରି ଯିବାର ଭୟ ରହିଛି ବୋଲି ଶ୍ରୀ ଘଡ଼ାଇ କହିଥିଲେ।

# ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତିଙ୍କୁ ୧୪ ଲକ୍ଷ ଠକେଇ ଘଟଣା : ଗୁଜରାଟରୁ ଦୁଇ ସାଇବର ଠକ ଗିରଫ

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କୁ ଗତ ଫେବୃୟାରୀ ମାସରେ ଡିଜିଟାଲ ଆରେଷ୍ଟ ଭୟ ଦେଖାଇ ସାଇବର ଗ୍ୟାଙ୍ଗ ୧୪ ଲକ୍ଷ ଟଙ୍କା ନେଇଯାଇଥିଲେ। ଏନେଇ କୁଳପତିଙ୍କ ଅଭିଯୋଗକ୍ରମେ ବ୍ରହ୍ମପୁର ଏସ୍‌ପିଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ଉକ୍ତ ଠକେଇର ଚେର ଗୁଜୁରାଟଯାଏ ଲମ୍ବିଥିବା ଏବଂ ଠକମାନେ ସେଠାରେ ଥିବା ସୂଚନା ପାଇବା ପରେ ଏସ୍‌ଆଇ ଜ୍ୟୋତି ରଞ୍ଜନ ବେହେରାଙ୍କ ନେତୃତ୍ୱରେ ପୋଲିସ ଟିମ୍ ଗୁଗୁରାଟ ଯାଇ ତଦନ୍ତ କରି ଗୁଜୁରାଟର ନିଲମବାଗ ଥାନା ଅନ୍ତର୍ଗତ ଭାବାନଗରରୁ ଦୁଇଜଣ ଯୁବକଙ୍କୁ ଗିରଫ କରିଛି। ସେମାନେ ହେଲେ ଭୂତେୟା ଜେନିଲ ଜୟସୁଖଭାଇ (୨୩) ଓ ବିଶ୍ୱଜିତସିନା ଗୋହିଲ(୨୧)। ବ୍ରହ୍ମପୁର ସାଇବର ଓ ଅର୍ଥନୈତିକ ଶାଖା ମାମଲା



ନଂ.୧୫/୨୫ରେ ଉଭୟଙ୍କୁ ସେଠାରୁ ସ୍ଥାନୀୟ ପୋଲିସ ସହାୟତାରେ ଟିମ୍ ଗିରଫ କରିଥିବା ଜଣାପଡିଛି। ସେଠାକାର ଭାବାନଗରର ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (ସିଜେଏମ୍)ଙ୍କ କୋର୍ଟରେ ହାଜର କରି ଟ୍ରାଞ୍ଜିଟ ରିମାଣ୍ଡରେ ଉଭୟ ଅଭିଯୁକ୍ତଙ୍କୁ ବ୍ରହ୍ମପୁର ଅଣାଯାଇଥିଲା। ପୋଲିସ ଅଭିଯୁକ୍ତଙ୍କ ନିକଟରୁ ଘଟଣା ବେଳେ ସାଇବର ଅପରାଧରେ ବ୍ୟବହୃତ ବିଭିନ୍ନ ମେସିନ, ମୋବାଇଲ, ସିମ୍ କାର୍ଡ, ଆଧାର କାର୍ଡ ଜବତ କରିଥିବା ଶନିବାର ଏସ୍‌ପି ଡା. ସର୍ବଣା ବିବେକ ଏମ୍. ଏକ ପ୍ରେସ୍‌ନୋଟ ଜରିଆରେ ସୂଚନା ଦେଇଛନ୍ତି। ଦୁଇ ଅଭିଯୁକ୍ତଙ୍କୁ ବ୍ରହ୍ମପୁର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ହାଜର କରାଯାଇଛି। ପରେ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି। ଏନେଇ ନଂ. ୧୫/୨୫ରେ ଏକ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

ମାମଲାରୁ ପ୍ରକାଶ, କୁଳପତି ଦାଶଙ୍କୁ ଗତ ଫେବୃୟାରୀ ୧୨ରେ ଏକ ଅଜଣା ନମ୍ବରରୁ ଟେଲିଫୋନ ଆସିଥିଲା। ଫୋନ କରିଥିବା ବ୍ୟକ୍ତି ଜଣଙ୍କ ନିଜକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଅଫିସର ଭାବେ ପରିଚୟ ଦେଇଥିଲେ। ଇଡି ପକ୍ଷରୁ ହୋଇଥିବା ଏକ ମାମଲାରେ କୁଳପତି ଦାଶଙ୍କ ନାମ ରହିଥିବା ଏବଂ ଉକ୍ତ ମାମଲାରେ ତାଙ୍କର ସମ୍ପୃକ୍ତି ଥିବା କହିଥିଲେ। କାନାରା ବ୍ୟାଙ୍କରେ ତାଙ୍କ ନାମରେ ଆକାଉଣ୍ଟ ଖୋଲାଯାଇ ସେଥିରେ କୋଟି କୋଟି ବେଆଇନ ଟଙ୍କା ଜମା କରାଯାଇଛି। ଏଣୁ ତାଙ୍କୁ ଡିଜିଟାଲ ଆରେଷ୍ଟ କରାଯାଇଛି ବୋଲି ଉକ୍ତ ନକଲି ଅଫିସର ଜଣଙ୍କ କୁଳପତି ଦାଶଙ୍କୁ କହିଥିଲେ। ଡିଜିଟାଲ ଆରେଷ୍ଟ ଶୁଣିବା ପରେ ଦାଶ ଭୟଭୀତ ହୋଇଯାଇଥିଲେ। ଏଥିରୁ ମୁକୁଳିବାକୁ ହେଲେ ୧୪ ଲକ୍ଷ ଟଙ୍କା ଦେବାକୁ ହେବ ବୋଲି ସାଇବର ଠକମାନେ କହିଥିଲେ। ପରେ ସେ ଠକ ଗ୍ୟାଙ୍ଗ ଦେଇଥିବା ଆକାଉଣ୍ଟରେ ନିଜ ଆକାଉଣ୍ଟର ଚେକ୍ ଜରିଆରେ ୧୪ ଲକ୍ଷ ଟଙ୍କା ପଠାଇ ଦେଇଥିଲେ। ପରେ କୁଳପତି ଦାଶ ଠକେଇର ଶିକାର ହୋଇଥିବା ଜାଣିପାରି ଏନେଇ ଥାନାରେ ଅଭିଯୋଗ କରିଥିଲେ।

# ||| ବ୍ରହ୍ମପୁର ସହର ଓ ଉପକଣ୍ଠ ଅଞ୍ଚଳରେ |||

# ୨୦୨୪ରେ ଘଟିଛି ୨୮୮ ସଡ଼କ ଦୁର୍ଘଟଣା : ୧୫୫ ମୃତ

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

ସହରରେ ନିୟମିତ ଘଟୁଛି ଛୋଟବଡ଼ ଦୁର୍ଘଟଣା। ନିଶାଶକ୍ତ ହୋଇ ଗାଡ଼ି ଚାଳନା ଯୋଗୁଁ ଅଧିକାଂଶ ସଡ଼କ ଦୁର୍ଘଟଣା ଘଟୁଥିବା ଜଣାପଡ଼ିଛି। ସହର ଓ ଉପକଣ୍ଠରେ ହୋଇଥିବା ଦୁର୍ଘଟଣା ମଧ୍ୟରୁ ଶତକଡ଼ା ୭୫ ପ୍ରତିଶତ କେବଳ ନିଶା ସେବନ ତଥା ବେପରୁଆ ଗାଡ଼ିଚାଳନା ଯୋଗୁଁ ଘଟିଥିବା ସର୍ଭେରୁ ଜଣାପଡ଼ିଛି। ଗତ କିଛି ଦିନ ତଳେ ଲାଞ୍ଜିପଲ୍ଲୀ ବାଇପାସ୍‌ରେ ଏକ କାର୍ ଧକ୍କାରେ ଫୁଲଟା ଗ୍ରାମର ଜଣେ ଯୁବକ ମୃତ୍ୟୁ ଘଟିଥିଲା। ସେହିପରି ଗତ ୧୬ ତାରିଖରେ ରାତିରେ ୧୬ ନମ୍ବର ଜାତୀୟ ରାଜପଥର ଡୁରା ଓଭର ବ୍ରିଜ୍ ନିକଟସ୍ଥ ଏକ ଢାବା ସମ୍ମୁଖରେ ଏକ ମହିନ୍ଦ୍ରା ପିକ୍‌ଅପ୍ ଧକ୍କାରେ ଦୁଇଟି ସ୍କୁଟିକୁ ଧକ୍କାରେ ସ୍ଥାନୀୟ ପାଣିଗ୍ରାହୀପେଣ୍ଠ ସାହିର ଦୁଇ ଜଣ ମୃତ୍ୟୁ ହୋଇଥିବା ବେଳେ ୨ ଜଣ ଗୁରୁତର ହୋଇଥିଲେ। ସେହିଭଳି ହରିଡ଼ାଖଣ୍ଡି ନିକଟରେ ଏକ ଟିପ୍ପର ଧକ୍କାରେ ନେହେରୁନଗର ଅଞ୍ଚଳ କଲେଜ ଛାତ୍ର ଏନ୍. ଶ୍ରୀଧରଙ୍କ ମୃତ୍ୟୁ ଘଟିଥିଲା। ଗତ ୭ ତାରିଖରେ ସ୍ଥାନୀୟ କୋର୍ଟପେଟା ଛକସ୍ଥିତ ଭିଜିଲାନ୍ସ ଅଫିସ୍ ନିକଟରେ ସେନାବାହିନୀର ଗାଡ଼ି ଧକ୍କାରେ କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ଜରଡ଼ ଗ୍ରାମ ବ୍ରାହ୍ମଣ ସାହିର ଜଣଙ୍କର ମୃତ୍ୟୁ ହୋଇଥିଲା। ରାଜ୍ୟରେ ଯେଉଁ କେତେକ ଜିଲ୍ଲାରେ ଦୁର୍ଘଟଣାକୁ ନେଇ ଚିନ୍ତା ପ୍ରକଟ କରାଯାଉଛି ସେଥିରୁ ଗଞ୍ଜାମ ଜିଲ୍ଲା ଅନ୍ୟତମ। ଗଞ୍ଜାମରେ ଅତ୍ୟଧିକ ସଡ଼କ ଦୁର୍ଘଟଣାର କାରଣ ଜାଣିବାକୁ ହୋଇଥିବା ଆଲୋଚନାରେ ବିଶେଷ କରି ଦ୍ରୁତଗତି ଓ ମଦ୍ୟପାନ ଜନିତ ଗାଡ଼ି ଚାଳନାରୁ କିଭଳି ଜନସାଧାରଣ ନିବୃତ୍ତ ରହିବେ, ସେ ନେଇ ରଣନୀତି ପ୍ରସ୍ତୁତ କରିବାକୁ ନିଷ୍ପତ୍ତି ହୋଇଥିଲା। ଲୋକଙ୍କ ମଧ୍ୟରେ ସଡ଼କ ସୁରକ୍ଷା ନିୟମ ପାଳନ ସମ୍ପର୍କିତ ମାନସିକତାକୁ ବୃଦ୍ଧି କରିବା ଦିଗରେ ସଚେତନତା କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବ୍ରହ୍ମପୁର ପୋଲିସ ଜିଲ୍ଲାର ଦୁର୍ଘଟଣା ପ୍ରବଣ ଅଞ୍ଚଳ ଚିହ୍ନଟ କରାଯାଇଥିଲା। ୮ଟି ସ୍ଥାନକୁ ବ୍ଲାକ୍ ସ୍ପଟ ଭାବେ ଚିହ୍ନଟ କରାଯାଇଥିଲା। ସେଥିରେ ୫୯ ନମ୍ବର ଜାତୀୟ ରାଜପଥରେ ନୃସିଂହ ମନ୍ଦିର ଛକ ଏବଂ ୧୬ ନମ୍ବର ଜାତୀୟ ରାଜପଥରେ ରଣ୍ଡା ଛକ, ତୁଲୁ ରୋଡ୍ ଛକ, ହଳଦିଆପଦର, ଲାଞ୍ଜିପଲ୍ଲୀ ବାଇପାସ୍ ବାବାଜୀ ଢ଼ାବା, କନିଷି ଓ ଆଙ୍କୋଲି ଓଭରବ୍ରିଜ୍ ଆଦି ସ୍ଥାନକୁ ଚିହ୍ନଟ କରାଯାଇଛି। ଏହି ସ୍ଥାନଗୁଡ଼ିକରେ ଦୁର୍ଘଟଣା ରୋକିବା ପାଇଁ ସଚେତନତା କାର୍ଯ୍ୟକ୍ରମକୁ ବ୍ୟାପକ କରାଯିବ ଏବଂ ଜନସାଧାରଣଙ୍କୁ କିଭଳି ସଡ଼କ ସୁରକ୍ଷା ଅଭିଯାନରେ ଅଧିକ ଭାଗିଦାରୀ କରାଯିବ ସେଥିପାଇଁ ପ୍ରଶାସନ କିଭଳି ବିଭିନ୍ନ ପଦକ୍ଷେପକୁ ତ୍ୱରାନ୍ୱିତ କରିବ ସେନେଇ ଆଲୋଚନା ହୋଇଥିଲା। ବିଶେଷ କରି ଯେଉଁ ସମୟରେ ଅଧିକ ଦୁର୍ଘଟଣା ଘଟୁଛି ସେହି ସମୟରେ ଏନ୍‌ଫୋର୍ସମେଣ୍ଟକୁ ବ୍ୟାପକ କରାଯିବାକୁ ନିଷ୍ପତ୍ତି ହୋଇଛି। ବ୍ରହ୍ମପୁର ପୋଲିସ ସୂତ୍ରରୁ ମିଳିଥିବା ତଥ୍ୟ ଅନୁସାରେ ୨୦୨୪ରେ ସମୁଦାୟ ୨୮୮ଟି ଦୁର୍ଘଟଣା ଘଟିଥିବା ବେଳେ ସେଥିରୁ ୧୪୧ଟି ଦୁର୍ଘଟଣାରେ ୧୫୫ ଜଣଙ୍କ ଜୀବନହାନୀ ଘଟିଛି। ଅବଶିଷ୍ଟ ୧୪୭ଟି ଘଟଣାରେ ୨୦୧ ଜଣ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି।

## ତପ୍ତପାଣି ଘାଟିରେ ବଡ଼ ଦୁର୍ଘଟଣାରୁ ବର୍ତ୍ତିଲେ ୫୦ରୁ ଉର୍ଦ୍ଧ୍ୱ ଯାତ୍ରୀ

**ଦିଗପହଣ୍ଡି, ନ୍ୟୁଜ୍‌ବ୍ୟୁରୋ**

ଗଞ୍ଜାମ-ଗଜପତି ଜିଲ୍ଲା ସୀମାନ୍ତ ପର୍ଯ୍ୟଟନ କ୍ଷେତ୍ର ତପ୍ତପାଣି ଘାଟି ରାସ୍ତାର ଏସ୍ ବୁଲାଣୀରେ ଏକ ଯାତ୍ରୀବାହୀ ବସ୍ ଶନିବାର ଅପରାହ୍ନ ପ୍ରାୟ ୨ ଟାରେ ନିଶ୍ଚିତ ଦୁର୍ଘଟଣାରୁ ବର୍ତ୍ତି ଯାଇଛି। ବସ୍‌ଟି ଗଜପତି ଜିଲ୍ଲା ଖଜୁରୀପଦା ଗ୍ରାମରୁ ଭାୟା ଦିଗପହଣ୍ଡି ଦେଇ ବ୍ରହ୍ମପୁର ଆସୁଥିଲା। ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ଏକ କ୍ରେନ ଗାଡ଼ିକୁ ସାଇଡ ଦେବାବେଳେ ଚାଳକ ବସ୍ ଉପରୁ ନିୟନ୍ତ୍ରଣ ହରାଇଥିଲେ। ବସ୍‌ଟି ଘାଟିରୁ ଖସି ରାସ୍ତାକଡ଼ରେ ଅଟକି ଯାଇଥିଲା। ଯାତ୍ରୀମାନେ ଭୟରେ ଚିତ୍କାର କରି ଉଠିଥିଲେ। ଏହି ଘଟଣାରେ କାହାରି କୌଣସି କ୍ଷୟକ୍ଷତି ହୋଇ ନ ଥିବା ଜଣାପଡିଛି। ପରେ ବସ୍‌ଟି ଦିଗପହଣ୍ଡି ଦେଇ ବ୍ରହ୍ମପୁର ଅଭିମୁଖେ ଯାଇଥିବା ସୂଚନା ମିଳିଛି।

## ଏନଡିଆରସି ସରକାରୀ ଉଚ୍ଚ ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ନେଇ ପ୍ରସ୍ତୁତି ବୈଠକ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଜଟଣୀ ଏନ.ଡି.ଆର.ସି. ସରକାରୀ ଉଚ୍ଚ ବିଦ୍ୟାଳୟ ତରଫରୁ ପ୍ରଧାନ ଶିକ୍ଷୟତ୍ରୀ ଡକ୍ଟର ସ୍ନିଗ୍ଧାରାଣୀ ସ୍ୱାଇଁଙ୍କ ନେତୃତ୍ୱରେ ଶନିବାର ପଞ୍ଚସଖା ଶିକ୍ଷା ସେତୁ, ଆଲୁମିନି ସମିତିକୁ ନେଇ ଏକ ବୈଠକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ୧୯୭୫ ମସିହାରେ ସ୍ଥାପିତ ଏହି ବିଦ୍ୟାଳୟ ୫୦ ବର୍ଷ ପୂର୍ତ୍ତି ହେବାକୁ ଯାଉଥିବାରୁ ଚଳିତ ବର୍ଷ ସୁବର୍ଣ୍ଣ ଜୟନ୍ତୀ ପାଳନ କିପରି କରାଯିବ ସେଇନେଇ ଆଲୁମିନି ସମିତି ସହିତ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ବିଦ୍ୟାଳୟର ଆଲୁମିନି ସଭାପତି ଶ୍ରୀକାନ୍ତ ପ୍ରଧାନ ଓ ସମ୍ପାଦକ ଶିବପ୍ରସାଦ ମହାପାତ୍ରଙ୍କ ସହ ବହୁ ପୁରାତନ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଚଳିତ ବର୍ଷ କିଭଳି ଭାବରେ ସୁବର୍ଣ୍ଣ ଜୟନ୍ତୀ ପାଳନ କରାଯିବ ସେଇନେଇ





ଆଲୋଚନା ହୋଇଥିଲା। ଏଇ ବୈଠକରେ ଛାତ୍ରଛାତ୍ରୀ ମାନଙ୍କ ନିଷ୍ପତ୍ତିକ୍ରମେ ଚଳିତ ବର୍ଷ ଡିସେମ୍ବର ମାସରେ ସୁବର୍ଣ୍ଣ ଜୟନ୍ତୀ ପାଳନ କରାଯିବ ବୋଲି ସ୍ଥିର ହୋଇଥିଲା। ଏହି ବୈଠକରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଓ କର୍ମଚାରୀଙ୍କ ସହ ପୂର୍ବତନ ପ୍ରଧାନ ଶିକ୍ଷୟତ୍ରୀ ସସ୍ମିତା ଦାସ, ଶିକ୍ଷକ ବ୍ରଜବନ୍ଧୁ ନାୟକ, ଅମ୍ବିକା ପ୍ରସାଦ ପଟ୍ଟନାୟକ, ମହେଶ୍ୱର ରଥ,ଅଙ୍କିତା ଶର୍ମା, ଅର୍ଦ୍ଧେନ୍ଦୁ ଦାସ, ପ୍ରଶାନ୍ତ ବେହେରା, ବିଭୂପ୍ରସାଦ ଭଞ୍ଜ, ଜଗତବଲ୍ଲଭ ମହାନ୍ତି, ରବୀନ କୁମାର ପଣ୍ଡା, ପ୍ରଭାତ ପାଢ଼ୀ, ମିନା କୁମାରୀ ବେହେରା, ଚନ୍ଦ୍ରପ୍ରଭା ସେଠୀ, ସବିତା ଷଡ଼ଙ୍ଗୀ, ମିନାକ୍ଷୀ ପଣ୍ଡା, କୁମ୍‌କୁମ୍ ଦାସ, ଜ୍ୟୋତ୍ସ୍ନାରାଣୀ ମହାନ୍ତି, ଦୀପ୍ତି ମହାନ୍ତିଙ୍କ ସମେତ ଶତାଧିକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଶେଷରେ ଶିକ୍ଷକ ସନ୍ତୋଷ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଆଗାମୀ ୫ ବର୍ଷରେ ୩ ହଜାର ଚେକ୍ ଡ୍ୟାମ୍ ନିର୍ମାଣ କରାଯିବ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟ ସରକାର ଜଳ ସଂରକ୍ଷଣ ଓ ପରିଚାଳନାକୁ ପ୍ରାଥମିକତା ଦେବା ପାଇଁ ବ୍ୟାପକ ପଦକ୍ଷେପ ନେଇଛନ୍ତି। କେନାଲର ଶେଷ ମୁଣ୍ଡରେ ଥିବା ଚାଷୀଙ୍କ ପାଖରେ ଯେପରି ପାଣି ପହଞ୍ଚିବ ସେଥିପାଇଁ ପ୍ରୟାସ ଜାରି ରହିଛି। ବୃହତ୍, କ୍ଷୁଦ୍ର, ମଧ୍ୟମ, ଉଠା ଜଳ ସେଚନ, ମେଗା ଲିଫ୍ଟ ଏବଂ ଅନ୍ୟାନ୍ୟ ବ୍ୟବସ୍ଥାରେ ଜଳ ସେଚନ ଓ ଜଳ ପରିଚାଳନାକୁ ଗୁରୁତ୍ୱ ଦିଆଯାଉଥିବା ବେଳେ ରାଜ୍ୟର ସେଚ ସାମର୍ଥ୍ୟ ବୃଦ୍ଧିରେ କ୍ଷୁଦ୍ର ଜଳ ସେଚନ ପ୍ରକଳ୍ପ (ଏମଆଇପି) ଗୁଡ଼ିକର ଉଲ୍ଲେଖନୀୟ ଯୋଗଦାନ ରହିଛି। ଆଗାମୀ ଦିନରେ ଅଧିକରୁ ଅଧିକ ଏମଆଇପି ଏବଂ ଚେକ୍ ଡ୍ୟାମ୍ ଜରିଆରେ ରାଜ୍ୟର ଜଳସେଚନ ସାମର୍ଥ୍ୟ ବୃଦ୍ଧି କରିବାକୁ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଗୁରୁତ୍ୱ ଦେଇଛନ୍ତି।

ଜଳସମ୍ପଦ ବିଭାଗରେ କ୍ଷୁଦ୍ର ଜଳସେଚନ ପ୍ରକଳ୍ପଏବଂ ଚେକ ଡ୍ୟାମ୍ ନିର୍ମାଣ ମାଧ୍ୟମରେ ରାଜ୍ୟରେ ସେଚ ସାମର୍ଥ୍ୟ ବୃଦ୍ଧି ସଂପର୍କିତ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରି ଉନ୍ନୟନ କମିଶନର ବିଭିନ୍ନ ପ୍ରକଳ୍ପର ସମୀକ୍ଷା ପୂର୍ବକ ରାଜ୍ୟରେ ଜଳସେଚନ କ୍ଷମତା ବୃଦ୍ଧି ପାଇଁ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି। ଆସନ୍ତା ୫ ବର୍ଷ ମଧ୍ୟରେ ଅତିରିକ୍ତ ୧୫ ଲକ୍ଷ ହେକ୍ଟର ଜମିକୁ ଜଳସେଚନ କ୍ଷମତା ସୃଷ୍ଟି କରିବାକୁ ମୁଖ୍ୟମନ୍ତ୍ରୀ ବଜେଟ ଅଭିଭାଷଣରେ ପ୍ରତିଶ୍ରୁତି ଦେଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ସ୍ଥାନନିର୍ଦ୍ଦିଷ୍ଟ ସମ୍ଭାବ୍ୟତା ଆଧାରରେ ଆଗାମୀ ୫ବର୍ଷ ମଧ୍ୟରେ ୮୦ଟି ନୂତନ ଏମ୍‌ଆଇପି ଏବଂ ୩ ହଜାର ଚେକ ଡ୍ୟାମ୍ ନିର୍ମାଣ ପାଇଁ ରୋଡ ମ୍ୟାପ୍‌ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା।

ରାଜ୍ୟରେ ଯେଉଁ ଯେଉଁ ସ୍ଥାନରେ କ୍ଷୁଦ୍ରଜଳସେଚନ ପ୍ରକଳ୍ପ ଓ ଚେକ୍ ଡ୍ୟାମ୍ ନିର୍ମାଣ ପାଇଁ ସୁବିଧା ସୁଯୋଗ ରହିଛି, ବିଶେଷ କରି ସେସବୁ ଅଂଚଳରେ ଜଳର ଉପଲବ୍ଧତା, ମାଟିର ପ୍ରକାର, ଫସଲ ଢାଞ୍ଚାଏବଂ ସାମୂହିକ ଆବଶ୍ୟକତା ସମେତ ଅଞ୍ଚଳର ଅନ୍ୟାନ୍ୟ ବୈଶିଷ୍ଟ୍ୟ ଗୁଡ଼ିକର ଆକଳନ, ଅନ୍ୟ ଜଳସେଚନ ପଦ୍ଧତି ସହିତ କ୍ଷୁଦ୍ର ଜଳସେଚନ ପଦ୍ଧତିକୁ ସମନ୍ୱିତ କରିବା ଏବଂ ଦକ୍ଷ ଜଳ ପରିଚାଳନା ପାଇଁ ଜ୍ଞାନ କୌଶଳର ଉପଯୋଗ କରିବାର ସମ୍ଭାବନା ଭଳି ବିଷୟ ଉପରେ ଧ୍ୟାନ ଦିଆଯାଇ ଏମଆଇ ପ୍ରକଳ୍ପ ଏବଂ ଚେକ୍ ଡ୍ୟାମ ନିର୍ମାଣ କରାଯିବା ନେଇ ବୈଠକରେ ବ୍ୟାପକ ଆଲୋଚନା କରାଯାଇଥିଲା।

ବୈଠକରେ ବିଭାଗର ବରିଷ୍ଠ ଅଧିକାରୀ ଓଯନ୍ତ୍ରୀମାନେ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## ନାବାଳିକା ଦୁଷ୍କର୍ମ ମାମଲା ଦୁଇ ଅଭିଯୁକ୍ତଙ୍କୁ ଏନକାଉଣ୍ଟର

**ଝାରସୁଗୁଡ଼, ନ୍ୟୁଜ୍‌ବ୍ୟୁରୋ**

ଦୁଷ୍କର୍ମ ମାମଲାରେ ଜଡ଼ିତ ଥିବା ଦୁଇ ଅଭିଯୁକ୍ତଙ୍କୁ ଏନକାଉଣ୍ଟର କରିଛି ଝାରସୁଗୁଡ଼ା ପୋଲିସ। ସେମାନେ ହେଲେ ଶେଖ୍ ଆସିଫ ଓ ଅଭିଷେକ ବାରିକ। ବେଲପାହାଡ଼-ଝାରସୁଗୁଡ଼ା ରାସ୍ତାରେ ଏହି ଏନକାଉଣ୍ଟର ହୋଇଛି। ପୋଲିସ ଦୁହିଁଙ୍କୁ ଧରିବାକୁ ଚେଷ୍ଟା କରିବା ବେଳେ ସେମାନେ ପୋଲିସ ଉପରକୁ ଗୁଳି ଚଳାଇଥିଲେ। ପୋଲିସର ପାଲଟା ଜବାବରେ ସମ୍ପୃକ୍ତ ଦୁଇ ଅଭିଯୁକ୍ତ ଆହତ ହୋଇଛନ୍ତି। ସେମାନଙ୍କ ଗୋଡ଼ରେ ବାଜିଛି ଗୁଳି। ଦୁହିଁଙ୍କୁ ଝାରସୁଗୁଡ଼ା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଶନିବାର ସକାଳ ପ୍ରାୟ ୬ଟାରୁ ସାଢ଼େ ୬ଟା ମଧ୍ୟରେ ଏହି ଏନକାଉଣ୍ଟର ହୋଇଛି। ଏକ ଦୁଷ୍କର୍ମ ମାମଲାରେ ସମ୍ପୃକ୍ତ ଦୁଇ ଅଭିଯୁକ୍ତ ଫେରାର୍ ଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବିଧାୟକ, ମନ୍ତ୍ରୀ କି...

ବିଜେପି ସରକାର ଗଠନ ହେବାପରେ ଦ୍ୱିତୀୟ ଥର ପାଇଁ ଆୟୋଜନ ହୋଇଛି ଏହି ପ୍ରଶିକ୍ଷଣ ଶିବିର। ସେ ଆହୁରି କହିଛନ୍ତି ଯେ, ବିଧାୟକ, ମନ୍ତ୍ରୀ କି ସାଂସଦ ହୋଇଛନ୍ତି ବୋଲି କେହି ଗର୍ବ କରନ୍ତୁ ନାହିଁ। ଗ୍ରୁପିଜିମ୍ ଓ ଚାଟୁକାରିତା ଛାଡ଼ି ନିଜର ବ୍ୟକ୍ତିତ୍ୱର ବିକାଶ କରନ୍ତୁ। ଗାଁକୁ ଯାଆନ୍ତୁ, ଅଙ୍ଗନବାଡ଼ିକୁ ଯାଇ ସେଠାକାର ଅବସ୍ଥା ଦେଖନ୍ତୁ। ଡାକ୍ତରଖାନାରେ ରୋଗୀଙ୍କ କଥା ବୁଝନ୍ତୁ, ସେମାନଙ୍କର ସମସ୍ୟାର ସମାଧାନ କରନ୍ତୁ। ଅଫିସରମାନଙ୍କ ସହ ଉତ୍ତମ ସଂପର୍କ ରଖି କାମ ଆଦାୟ କରିବା ଶିଖନ୍ତୁ ବୋଲି ଶ୍ରୀ ନଡ୍ଡା ଦଳୀୟ ନେତା ଓ କର୍ମୀଙ୍କୁ ପରାମର୍ଶ ଦେଇଥିଲେ। ଶନିବାର ପୁରୀଠାରେ ଦୁଇ ଦିନିଆ ପ୍ରଶିକ୍ଷଣ ଶିବିରର ଶୁଭାରମ୍ଭ କରି ବିଜେପି ରାଷ୍ଟ୍ରୀୟ ସଭାପତି ଶ୍ରୀ ନଡ୍ଡା ବିଧାୟକ ଓ ସାଂସଦମାନଙ୍କୁ ଏହିଭଳି ଚଉଦଟି ଗୁରୁମନ୍ତ୍ର ଦେଇଛନ୍ତି। ସଂଗଠନକୁ ସୁଦୃଢ କରିବା ଲାଗି କାମ କରିବା ପାଇଁ ମଧ୍ୟ ସେ ଦଳର ନେତା ଓ କର୍ମୀଙ୍କୁ ଆହ୍ୱାନ ଜଣାଇଛନ୍ତି।

ସେହିପରି ଗ୍ରୁପିଜିମ୍ ଓ ଚାଟୁକାରିତା ଛାଡ଼ି ନିଜର ବ୍ୟକ୍ତିତ୍ୱର ବିକାଶ କରନ୍ତୁ ବୋଲି ସେ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ବିଜେପିର ସମସ୍ତ ସାଂସଦ, ବିଧାୟକ ଓ ୩ ସହଯୋଗୀ ସ୍ୱାଧୀନ ବିଧାୟକ ଯୋଗ ଦେଇଛନ୍ତି।

## ମହିନ୍ଦ୍ରା ସହ ଚୁକ୍ତି : ଭାରତରେ ...

ଏୟାରବସ୍ ହେଲିକପ୍ଟର୍ସ ଦ୍ୱାରା ଏଚ-୧୩୦ ଲାଇଟ୍ ସିଙ୍ଗଲ୍ ଇଞ୍ଜିନ ହେଲିକପ୍ଟର ଫ୍ୟୁଏଲଏଜ୍ ନିର୍ମାଣ ଓ ଆସେମ୍ବିଲ୍ ପାଇଁ ଅନୁମତି ପ୍ରଦାନ କରାଯାଇଛି। ଏହି ଚୁକ୍ତିନାମା ପରେ ବୈଶ୍ୱିକ ଏରୋସ୍ପେସ ସପ୍ଲାଏ ଶୃଙ୍ଖଳାରେ ମହିନ୍ଦ୍ରା ବିଶ୍ୱସନୀୟ ଭାଗିଦାରୀ ଭାବେ ନିଜ ସ୍ଥିତିକୁ ଆହୁରି ମଜଭୁତ କରିଛି। ତେବେ ଏୟାରବସ୍ ଏଚ-୧୩୦ ହେଲିକପ୍ଟର ନିର୍ମାଣ ଓ ଆସେମ୍ବିଲ୍ କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ ହେବ। ଏଥିପାଇଁ ୟୁରୋପରୁ ସାମଗ୍ରୀ ପଠାଯିବ। ଆସନ୍ତା ଦୁଇ ବର୍ଷ ମଧ୍ୟରେ ପ୍ରଥମେ କ୍ୟାବିନ୍ ଆସେମ୍ବିଲ୍ ଡେଲିଭରି କରାଯିବ।

## ୯୦ ଦିନ ଭିତରେ...

ଦେଇଛନ୍ତି। ଏହାସହ କୋର୍ଟ କହିଛନ୍ତି, ଯେଉଁଠି ରାଜ୍ୟପାଳ ରାଷ୍ଟ୍ରପତିଙ୍କ ପାଇଁ ବିଲ୍ ସଂରକ୍ଷିତ ରଖୁଛନ୍ତି ଓ ରାଷ୍ଟ୍ରପତି ସହମତି ଦେଉନାହାଁନ୍ତି, ତେବେ ରାଜ୍ୟ ସରକାର ନ୍ୟାୟାଳୟରେ ଏନେଇ ମାମଲା ଦାଖଲ କରିପାରିବେ। ସେପେଟ ସମ୍ବିଧାନର ଧାରା ଅନୁଚ୍ଛେଦ ୨୦୦ ମୁତାବକ ରାଜ୍ୟପାଳଙ୍କୁ ବିଧାନସଭାରେ ପାରିତ ବିଧେୟକୁ ଗ୍ରହଣ କରିବା, ଗ୍ରହଣ ନକରିବା ଓ ରାଷ୍ଟ୍ରପତିଙ୍କ ନିକଟକୁ ପଠାଇବା ଅଧିକାର ଦିଆଯାଇଛି।

ସୁଖ ଦୁଃଖ ଓଡ଼ିଶା

ଭୁବନେଶ୍ୱର
୧୩ ଅପ୍ରେଲ,
ରବିବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ଅକ୍ଷୟ ତୃତୀୟାରୁ ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା : ନରେନ୍ଦ୍ର ପୁଷ୍କରିଣୀରୁ ବାହାରିଲା ୫ ଡଙ୍ଗା



**ପୁରୀ, ୧୨/୦୪ ନ୍ୟୁଜ ବ୍ୟୁରୋ**
ଆସନ୍ତା ୩୦ ତାରିଖରେ ପଡୁଛି ପବିତ୍ର ଅକ୍ଷୟ ତୃତୀୟା। ଏହି ଦିନ ଠାରୁ ଆରମ୍ଭ ହେବ ମହାପ୍ରଭୁଙ୍କର ଚନ୍ଦନ ଯାତ୍ରା। ନରେନ୍ଦ୍ର ସରୋବରରେ ନନ୍ଦା ଓ ଭଦ୍ରା ଚାପରେ ନୌକାବିହାର କରିବେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମାଙ୍କ ସହ ଭୂଦେବୀ, ଶ୍ରୀଦେବୀ ଓ ପଞ୍ଚୁ ପାଣ୍ଡବ। ଏଥିପାଇଁ ଚୈତ୍ର ପୂର୍ଣ୍ଣିମା ଅବସରରେ ରଥ ତତ୍ତ୍ୱାବଧାରକ ସୁଦର୍ଶନ ମେକାପ ଓ ଭୋଇ ସର୍ଦ୍ଦାର ରବି ଭୋଇଙ୍କ ତତ୍ତ୍ୱାବଧାନରେ ଭୋଇ ସେବାୟତମାନେ ନରେନ୍ଦ୍ର ସରୋବରରୁ ଡଙ୍ଗା କାଢିଛନ୍ତି। ନନ୍ଦା ଓ ଭଦ୍ରା ଚାପରେ ବ୍ୟବହୃତ ଚାରୋଟି ଡଙ୍ଗା ସହ ବୈଜୟନ୍ତରୀ ଡଙ୍ଗାକୁ ମିଶାଇ ପାଞ୍ଚୋଟି ଡଙ୍ଗା କଢାଯାଇଛି। ଏହି ଡଙ୍ଗା ଗୁଡିକ ଶୁଖାଯିବା ସହ ଏହାର ଆବଶ୍ୟକୀୟ ମରାମତି କରାଯିବ। ଗତବର୍ଷ ଚନ୍ଦନ ଯାତ୍ରା ସରିବା ପରେ ଏହି ଡଙ୍ଗା ଗୁଡିକ ନରେନ୍ଦ୍ର ପୁଷ୍କରିଣୀରେ ବୁଡାଇ ରଖାଯାଇଥିଲା। ଶନିବାର ସକାଳୁ ୩୦ ଜଣ ଭୋଇ ସେବାୟତ ଅକ୍ଳାନ୍ତ ପରିଶ୍ରମ କରି ଏହି ପାଞ୍ଚୋଟି ଡଙ୍ଗାକୁ ପାଣି ଭିତରୁ କାଢିଛନ୍ତି।

## ରଥଯାତ୍ରା ପୂର୍ବରୁ ସରିବ ରତ୍ନଭଣ୍ଡାର ମରାମତି ଓ ସଂରକ୍ଷଣ କାମ : ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ

**ପୁରୀ,୧୨/୦୪ ନ୍ୟୁଜ ବ୍ୟୁରୋ**
ଖୁବ୍‌ଶୀଘ୍ର ସରିବ ରତ୍ନଭଣ୍ଡାର ମରାମତି। ଚଟାଣକୁ ଛାଡ଼ି ଶ୍ରୀମନ୍ଦିର ରତ୍ନଭଣ୍ଡାର ମରାମତି ଓ ସଂରକ୍ଷଣ କାମ ପ୍ରାୟତଃ ଶେଷ ହୋଇଛି। ଏନେଇ ସୂଚନା ଦେଇଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ । ଏଏସ୍‌ଆଇ ଅଧିକାରୀମାନଙ୍କ ସହ କାର୍ଯ୍ୟ ସମୀକ୍ଷା କରିବା ପରେ ଏନେଇ ସେ ତାଙ୍କ ଏକ୍ସ ଆକାଉଣ୍ଟରେ ସୂଚନା ଦେଇଛନ୍ତି । ରତ୍ନ ଭଣ୍ଡାର ଭିତରେ ଥିବା ପୁରୁଣା ଲୁହା ବିମ୍‌କୁ କାଢି ନୂଆ ୫ଟି ଷ୍ଟେନଲେସ୍ ଷ୍ଟିଲ ବକ୍ସ ବିମ୍ ଦିଆଯାଇଛି । ବାହାର ରତ୍ନ ଭଣ୍ଡାରରେ ପୁରୁଣା ଭଙ୍ଗା ପଥରଗୁଡ଼ିକୁ କାଢି ମରାମତି ନଚେତ ନୂଆ ପଥର ଉକ୍ତ ସ୍ଥାନରେ ବ୍ୟବହାର କରାଯାଇଛି । ରତ୍ନ ଭଣ୍ଡାର ବାହାର ପାର୍ଶ୍ୱରେ ମଧ୍ୟ ସଂରକ୍ଷଣ ଓ ମରାମତି କାମ ଚାଲିଛି । ଜଗମୋହନ ଓ ରତ୍ନଭଣ୍ଡାର ମଧ୍ୟସ୍ଥଳୀରୁ ପ୍ଲାଷ୍ଟର ଛଡ଼ା ଯାଉଛି । ଏହି ସ୍ଥାନରେ ଭାଙ୍ଗି ଫାଟି ଯାଇଥିବା ପଥର ସ୍ଥାନରେ ନୂଆ ପଥର ଲାଗୁଛି । ରଥଯାତ୍ରା ପୂର୍ବରୁ ରତ୍ନଭଣ୍ଡାର ମରାମତି କାମ ଏଏସ୍‌ଆଇ ସାରିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି ।

# ୬.୧% ହାରରେ ବଢ଼ିବ ଜିଡିପି : ପୂର୍ବରୁ ୬.୪% ଅଭିବୃଦ୍ଧି ଅନୁମାନ କରିଥିଲା ମୁଡିସ୍

**ନୂଆଦିଲ୍ଲୀ ୧୨/୦୪**
ଚଳିତ କ୍ୟାଲେଣ୍ଡର ବର୍ଷରେ ଭାରତୀୟ ଅର୍ଥବ୍ୟବସ୍ଥା ୬.୧% ହାରରେ ବଢ଼ିବ। ମୁଡିସ୍ ରେଟିଙ୍ଗ୍‌ସ ଭାରତୀୟ ଅର୍ଥନୀତି ପାଇଁ ଏହାର ଅଭିବୃଦ୍ଧି ଅନୁମାନକୁ ଖସାଇଛି । ପୂର୍ବରୁ ଏହା ୬.୪% ଅନୁମାନ କରିଥିଲା । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶୁଳ୍କନୀତି ଯୋଗୁ ମୁଡିସ୍ ଏହାର ପୂର୍ବାନୁମାନକୁ ସଂଶୋଧିତ କରିଛି । ଏହା ପ୍ରକାଶ କରିଛି ଯେ, ହୀରା, ପୋଷାକ ଏବଂ ମେଡିକାଲ ଉପକରଣଗୁଡ଼ିକ ଉପରେ ଶୁଳ୍କ ଦ୍ୱାରା ରପ୍ତାନି ଖସିବାର ଆଶଙ୍କା ରହିଛି । ଏହାଦ୍ୱାରା ଆମେରିକା ସହ ବାଣିଜ୍ୟ ନିଅଣ୍ଟ ବଢ଼ିପାରେ । ମୁଡିସ୍ ପ୍ରକାଶ କରିଛି ଯେ, ଟାରିଫ୍ ଉପରେ ଟ୍ରମ୍ପଙ୍କ ୯୦ ଦିନର ସ୍ଥଗିତାଦେଶ ଦ୍ୱାରା କିଛିଟା ଆଶ୍ୱସ୍ତି ମିଳିପାରେ। କିନ୍ତୁ ଟାରିଫ୍ ସମ୍ପୂର୍ଣ୍ଣ ଭାବେ ଲାଗୁ ହେବା ଦ୍ୱାରା ଭାରତର ଜିଡିପି ଅଭିବୃଦ୍ଧି ୦.୩% ପର୍ଯ୍ୟନ୍ତ ଖସିବ । ଆର୍ଥିକବର୍ଷ ୨୦୨୫-୨୬ରେ ଭାରତୀୟ ଅର୍ଥବ୍ୟବସ୍ଥା ୬.୫% ହାରରେ ବଢ଼ିବ । ଏହା ୨୦୨୪-୨୫ର ୬.୩% ଅଭିବୃଦ୍ଧି ଅନୁମାନ ତୁଳନାରେ ଅଧିକ । ମୁଡିସ୍ ରିପୋର୍ଟ ଅନୁସାରେ, ସରକାର ଅଧିକ ପୁଞ୍ଜି ଖର୍ଚ୍ଚ କରିବେ । ଏହାବ୍ୟତୀତ ଟିକସ ଏବଂ ସୁଧ ହାରରେ ହ୍ରାସ ଦ୍ୱାରା ଖର୍ଚ୍ଚ ବଢ଼ିବ, ଯାହା ଅଭିବୃଦ୍ଧିକୁ ସହାୟକ ହେବ । ଏହି ଅବଧିରେ ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ସ୍ଥିରତା ରହିବ । ଭାରତୀୟ ବ୍ୟାଙ୍କଗୁଡ଼ିକର ପରିଚାଳନାଗତ ପରିବେଶ ଆସନ୍ତା ଆର୍ଥିକବର୍ଷରେ ଅନୁକୂଳ ରହିବ କିନ୍ତୁ ଗତ ବର୍ଷରେ ଜରୁରୀ ସୁଧାର ପରେ ବ୍ୟାଙ୍କଗୁଡ଼ିକର ଆସେଟ୍ ମାନରେ ହ୍ରାସ ଦେଖାଦେବ। ଆର୍ଥିକବର୍ଷ ୨୦୨୪-୨୫ର ଅକ୍ଟୋବର-ଡିସେମ୍ବର




ତ୍ରୟମାସରେ ଜିଡିପି ଅଭିବୃଦ୍ଧି ୬.୨% ରହିଥିଲା । ବର୍ଷେ ତଳେ ସମାନ ଅବଧିରେ ଏହା ୮.୪% ଥିଲା । ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ(ଏନ୍‌ଏସ୍‌ଓ) ଫେବୃୟାରୀ ୨୮ରେ ଏହି ତଥ୍ୟ ଜାରି କରିଛି । ୨୦୨୪-୨୫ ଆର୍ଥିକ ବର୍ଷରେ ଅର୍ଥନୀତି ୬.୫% ହାରରେ ବଢ଼ିବାର ଅନୁମାନ ରହିଛି। ଏହାପୂର୍ବରୁ ଜାନୁଆରୀରେ ଜାରି କରାଯାଇଥିବା ଅନୁମାନରେ କୁହାଯାଇଥିଲା ଯେ, ୨୦୨୪-୨୫ରେ ଭାରତର ବିକାଶ ହାର ୬.୪% ରହିବ, ଯାହାକି ୪ ବର୍ଷର ସର୍ବନିମ୍ନ ସ୍ତର । ୨୦୨୩-୨୪ରେ ଜିଡିପି ଅଭିବୃଦ୍ଧି ହାର ୮.୨% ଥିଲା ।

## କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ସମାଲୋଚନା

# ଦୁର୍ଘଟଣାରେ ଆହତଙ୍କୁ ମାଗଣା ଚିକିତ୍ସା ପ୍ରଦାନରେ ଅବହେଳା

**ନୂଆଦିଲ୍ଲୀ, ୧୨/୪**
ସଡ଼କ ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କୁ ପ୍ରଥମ ୬୦ ମିନିଟ୍ (ଗୋଲଡେନ୍ ଆୱାର) ମଧ୍ୟରେ ମାଗଣା ଚିକିତ୍ସା ସୁବିଧା ପ୍ରଦାନ ଯୋଜନା ଲାଗୁ କରିବାରେ ବିଫଳତାକୁ ନେଇ କେନ୍ଦ୍ର ସରକାରଙ୍କୁ ବୁଧବାର ସମାଲୋଚନା କରିଛନ୍ତି ସୁପ୍ରିମକୋର୍ଟ। ଗତ ମାର୍ଚ୍ଚ ୧୪ ସୁଦ୍ଧା ଗୋଲଡେନ୍ ଆୱାର ନିୟମ ଲାଗୁ କରିବାକୁ ସୁପ୍ରିମକୋର୍ଟ ପୂର୍ବରୁ ନିର୍ଦ୍ଦେଶ ଦେଇଥିଲେ। ତେବେ ବର୍ତ୍ତମାନ ସୁଦ୍ଧା ଏହା କାର୍ଯ୍ୟକାରୀ ହୋଇନଥିବାରୁ ସୁପ୍ରିମକୋର୍ଟ ବିଚାରପତି ଅଭୟ ଓକା ଓ ବିଚାରପତି ଉଜ୍ଜ୍ୱଳ ଭୂୟାଁଙ୍କ ଖଣ୍ଡପୀଠ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଥିଲେ। ଏଥିସହ ଆସନ୍ତା ୨୮ରେ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟର ସଚିବଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀଙ୍କୁ ହାଜର ହେବାକୁ ସମନ ଜାରି କରିଛନ୍ତି।

ସୁପ୍ରିମକୋର୍ଟ ଦେଉଥିବା ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବାରେ ବରିଷ୍ଠ ସରକାରୀ ଅଧିକାରୀ ଟାଳଟୁଳ ନୀତି ଗ୍ରହଣ କରୁଥିବାରୁ ଖଣ୍ଡପୀଠ ଅସନ୍ତୋଷ ବ୍ୟକ୍ତ କରିଥିଲେ। ସଡ଼କ ଦୁର୍ଘଟଣାରେ ଆହତ ବ୍ୟକ୍ତି ଉପଯୁକ୍ତ ଚିକିତ୍ସା ଅଭାବରୁ ପ୍ରାଣ ହରାଉଛନ୍ତି। ତେଣୁ ଆହତ ବ୍ୟକ୍ତିଙ୍କୁ ପ୍ରାରମ୍ଭରୁ ଉପଯୁକ୍ତ ଚିକିତ୍ସା ଯୋଗାଇ ଦେବାକୁ 'ଗୋଲଡେନ୍ ଆୱାର' ନିୟମ ଲାଗୁ କରିବାକୁ କେନ୍ଦ୍ରକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ତେବେ ଏହାକୁ ଲାଗୁ କରିବାରେ କେନ୍ଦ୍ର ସରକାର ବିଫଳ ହେବା ଦୁର୍ଭାଗ୍ୟଜନକ ବୋଲି ଖଣ୍ଡପୀଠ ଦର୍ଶାଇଥିଲେ। ଏ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ ନ କଲେ କେନ୍ଦ୍ର ସରକାରଙ୍କ ବିରୋଧରେ ଅଦାଲତ ଅବମାନନା ନୋଟିସ ଜାରି କରାଯିବ ବୋଲି ସୁପ୍ରିମକୋର୍ଟଙ୍କ ଖଣ୍ଡପୀଠ ଚେତାବନୀ ଦେଇଛନ୍ତି। ସୂଚନାଥାଉ କି ଗତବର୍ଷ ଶୀତକାଳୀନ ସଂସଦ ଅଧିବେଶନରେ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ବିଭାଗ ମନ୍ତ୍ରୀ ନୀତିନ ଗଡ଼କରୀ ସୂଚନା ଦେଇ କହିଥିଲେ ପ୍ରତିବର୍ଷ ଭାରତରେ ସଡ଼କ ଦୁର୍ଘଟଣାରେ ପାଖାପାଖି ୧ ଲକ୍ଷ ୭୮ ହଜାର ବ୍ୟକ୍ତି ପ୍ରାଣ ହରାଉଛନ୍ତି। ମୃତକଙ୍କ ମଧ୍ୟରୁ ୬୦% ହେଉଛନ୍ତି ୧୮ରୁ ୩୪ ବର୍ଷର ଯୁବଗୋଷ୍ଠୀ। ଉତ୍ତରପ୍ରଦେଶରେ ୨୩ ହଜାର ୬୫୨, ତାମିଲନାଡୁରେ ୧୮ ହଜାର ୩୪୭, ମହାରାଷ୍ଟ୍ରରେ ୧୫, ୩୬୬, ମଧ୍ୟପ୍ରଦେଶରେ ୧୩ ହଜାର ୭୯୮ଜଣ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବେଳେ ଦିଲ୍ଲୀ ସହରରେ ୧୪୫୭, ବେଙ୍ଗାଲୁରୁରେ ୯୧୫ ଓ ଜୟପୁରରେ ୮୫୦ଜଣ ପ୍ରାଣ ହରାଇଥିବା ଗଡ଼କରୀ ସୂଚନା ଦେଇଥିଲେ।

## ବହୁ ଚର୍ଚ୍ଚିତ ବାରାଣସୀ ଗଣଦୁଷ୍କର୍ମ

# ବିମାନ ବନ୍ଦରରେ ଓହ୍ଲାଇବା କ୍ଷଣି କମିଶନରଙ୍କୁ ହିସାବ ମାଗିଲେ ପିଏମ୍ ମୋଦି

**ବାରାଣସୀ, ୧୨/୦୪**
ବହୁ ଚର୍ଚ୍ଚିତ ବାରାଣସୀ ଗଣଦୁଷ୍କର୍ମ ଘଟଣା। ବାବତପୁର ବିମାନ ବନ୍ଦରରେ ଓହ୍ଲାଇବା କ୍ଷଣି ଗଣଦୁଷ୍କର୍ମ ଘଟଣାର ହିସାବ ମାଗିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ବିମାନ ବନ୍ଦରରେ ପୋଲିସ କମିଶନର, ଡିଭିଜିନାଲ କମିଶନର ଏବଂ ଜିଲ୍ଲାପାଳଙ୍କ ଠାରୁ କେସ୍ ସମ୍ପର୍କିତ ସମସ୍ତ ଅପଡେଟ୍ ନେଲେ ପିଏମ୍। ବାରାଣସୀରେ ଜଣେ ୧୮ ବର୍ଷୀୟା ଛାତ୍ରୀଙ୍କୁ ୨୩ ଜଣ ଯୁବକ ୭ ଦିନ ଧରି ଗଣଦୁଷ୍କର୍ମ କରିଥିଲେ। ଏହି ଘଟଣାରେ ପୋଲିସ ୧୦ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସୂଚନାନୁଯାୟୀ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୪୪ଟି ବିକାଶମୂଳକ ଯୋଜନାର ଶୁଭାରମ୍ଭ କରିବାକୁ ବାରାଣସୀରେ ପହଞ୍ଚିଥିଲେ। ନିର୍ଦ୍ଧାରିତ ସମୟ ଠାରୁ ସେ ୨୪ ମିନିଟ୍ ପୂର୍ବରୁ କାଶୀରେ ପହଞ୍ଚି ଯାଇଥିଲେ। ଏହି ସମୟରେ ବିମାନ ବନ୍ଦରରେ ସ୍ୱାଗତ ପାଇଁ ଠିଆ ହୋଇଥିବା ପୋଲିସ କମିଶନର ଏବଂ ଜିଲ୍ଲାପାଳଙ୍କ ଠାରୁ ସେ ଗଣଦୁଷ୍କର୍ମ ବିଷୟରେ ପଚାରି ବୁଝିଥିଲେ। ସମସ୍ତ ଦୋଷୀଙ୍କୁ ଚିହ୍ନଟ କରି କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଭବିଷ୍ୟତରେ ଏହି ଘଟଣାର ଯେପରି ପୁନରାବୃତ୍ତି ନହୁଏ ସେଥିପ୍ରତି ବ୍ୟାପକ ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପ୍ରକାଶ ଥାଉକି, ବାରାଣସୀରେ ଜଣେ ୧୮ ବର୍ଷୀୟା ସ୍ନାତକ ଛାତ୍ରୀଙ୍କୁ ୨୩ ଜଣ ଯୁବକ ୭ ଦିନ ଯାଏ ବନ୍ଧକ ରଖି ଗଣଦୁଷ୍କର୍ମ କରିଥିଲେ। ଗତ ମାର୍ଚ୍ଚ ୨୯ରୁ ଏପ୍ରିଲ ୪ ପର୍ଯ୍ୟନ୍ତ ତାଙ୍କୁ ୨୩ ଜଣ ଯୁବକ ଗଣଦୁଷ୍କର୍ମ କରିଥିବା ଛାତ୍ରୀଙ୍କ ମା' ଏତଲା ଦେଇଥିଲେ। ଅଭିଯୋଗ ଆଧାରରେ ପୁଲିସ ୧୨ ଜଣ ଯୁବକ ଏବଂ ୧୧ ଜଣ ଅଜ୍ଞାତ ବ୍ୟକ୍ତିଙ୍କ ବିରୋଧରେ ମାମଲା ରୁଜୁ କରିଥିଲା। ଏଥିସହ ୧୦ ଯୁବକଙ୍କୁ ଗିରଫ କରିଛି ।

## ମାଟ୍ରିକ୍ ଆଡମିଟ୍ କାର୍ଡ ସଂଶୋଧନ ପାଇଁ ୧୭ରୁ ୨୫ ତାରିଖ ଚାଲିବ ପ୍ରକ୍ରିୟା

**କଟକ,୧୨/୦୪:ନ୍ୟୁଜ ବ୍ୟୁରୋ**
ମାଟ୍ରିକ୍ ପରୀକ୍ଷାର୍ଥୀଙ୍କ ସାର୍ଟିଫିକେଟ୍ ତ୍ରୁଟିଶୂନ୍ୟ କରିବାକୁ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ତରଫରୁ ଉଦ୍ୟମ ଜାରି ରହିଛି। ସେହିକ୍ରମରେ ୨୦୨୫ ମାଟ୍ରିକ୍ ପରୀକ୍ଷା ଦେଇଥିବା ଛାତ୍ର-ଛାତ୍ରୀଙ୍କ ଆଡମିଟ୍ କାର୍ଡରେ ଯଦି କିଛି ତ୍ରୁଟି ରହିଛି ତା'ର ସଂଶୋଧନ ପାଇଁ ବୋର୍ଡ ପକ୍ଷରୁ ପୁଣି ଥରେ ସୁଯୋଗ ପ୍ରଦାନ କରାଯାଇଛି। ସ୍କୁଲ୍ କର୍ତ୍ତୃପକ୍ଷ ନିଜ ନିଜ ଛାତ୍ରଛାତ୍ରୀଙ୍କ ଆଡମିଟ୍ କାର୍ଡରେ ଆବଶ୍ୟକ ସଂଶୋଧନ ପାଇଁ ଆସନ୍ତା ୧୭ ତାରିଖରୁ ୨୫ ତାରିଖ ମଧ୍ୟରେ ରିପୋର୍ଟ ପ୍ରଦାନ କରିପାରିବେ ବୋଲି ବୋର୍ଡ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ମାଟ୍ରିକ ପରୀକ୍ଷା ପୂର୍ବରୁ ଆଡମିଟ୍ କାର୍ଡ ସଂଶୋଧନ ପାଇଁ ସୁଯୋଗ ଦିଆଯାଇଥିବା ବେଳେ ଚଳିତବର୍ଷ ପ୍ରଥମଥର ପାଇଁ ମାଟ୍ରିକ୍ ପରୀକ୍ଷା ପରେ ବି ବୋର୍ଡ ତରଫରୁ ଏଭଳି ସୁଯୋଗ ସୃଷ୍ଟି କରାଯାଇଛି । ଯେଉଁ ପରୀକ୍ଷାର୍ଥୀଙ୍କ ନାଁ, ଅଭିଭାବକଙ୍କ ନାଁ, ବୟସ, ସ୍କୁଲ୍ ନାଁ ଆଦି ଭୁଲ୍ ରହିଥିବ ସେମାନେ ନିଜ ସ୍କୁଲ୍‌ର ପ୍ରଧାନଶିକ୍ଷକଙ୍କ ମାଧ୍ୟମରେ ଆବେଦନ କରିବେ ।

# ଲକ୍ଷାଧିକ କଇଁଛ ଛୁଆ ସମୁଦ୍ରମୁହାଁ: ଗଞ୍ଜାମ ଉପକୂଳରେ ଅଲିଭ୍ ରିଡ୍‌ଲେ ଅଣ୍ଡା ଫୁଟିଲା

**ବ୍ରହ୍ମପୁର, ୧୨/୪ ନ୍ୟୁଜ ବ୍ୟୁରୋ**
ବିଶ୍ୱର ସର୍ବବୃହତ ଅଲିଭ୍ ରିଡ୍‌ଲେ ଗଣଅଣ୍ଡାଦାନସ୍ଥଳୀ ମାନ୍ୟତା ପାଇଥିବା ଗଞ୍ଜାମ ଉପକୂଳରେ କଇଁଛ ଅଣ୍ଡା ଫୁଟିବା ପ୍ରକ୍ରିୟା ଆରମ୍ଭ ହୋଇଛି। ଲକ୍ଷାଧିକ ସଂଖ୍ୟାରେ କଇଁଛଛୁଆ ସମୁଦ୍ରମୁହାଁ ହୋଇଛନ୍ତି। କୁନିକୁନି କଇଁଛ ଛୁଆ ବେଳାଭୂମିରୁ ବାହାରି ସମୁଦ୍ର ଆଡ଼କୁ ଯାଉଥିବା ଦୃଶ୍ୟ ବେଶ୍ ନିଆରା ଲାଗୁଛି। ଏହି ପ୍ରକ୍ରିୟା ୪ରୁ ୫ଦିନ ପର୍ଯ୍ୟନ୍ତ ଚାଲିବ ବୋଲି ଖଲ୍ଲିକୋଟ ଏଏସିଏଫ୍ ଦିବ୍ୟଶଙ୍କର ବେହେରା ସୂଚନା ଦେଇଛନ୍ତି। ଏଥିପାଇଁ ଋଷିକୁଲ୍ୟା ମୁହାଣର ଉଭୟ ପଟେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଋଷିକୁଲ୍ୟା ମୁହାଣ ସଂଲଗ୍ନ ବାଲୁକା ଶଯ୍ୟାରେ ଚଳିତ ବର୍ଷ ଦୁଇଟି ପର୍ଯ୍ୟାୟରେ ଗଣଅଣ୍ଡାଦାନ ହୋଇଥିଲା। ଚଳିତ ବର୍ଷ ରେକର୍ଡ ସଂଖ୍ୟକ ପ୍ରାୟ ୯ଲକ୍ଷ ଅଲିଭ୍ ରିଡ୍‌ଲେ କଇଁଛ ଗଣଅଣ୍ଡାଦାନ କରିଥିଲେ। ଫେବୃୟାରୀ ୧୬ରୁ ୨୩ ତାରିଖ ପର୍ଯ୍ୟନ୍ତ ହୋଇଥିବା ପ୍ରଥମ ପର୍ଯ୍ୟାୟ



ଗଣଅଣ୍ଡାଦାନରେ ପ୍ରାୟ ୬ଲକ୍ଷ ୯୮ହଜାର କଇଁଛ ଅଣ୍ଡାଦାନ କରିଥିଲେ। ଏହାର ପ୍ରାୟ ୧ମାସ ପରେ ମାର୍ଚ୍ଚ ୨୨ରୁ ୨୭ତାରିଖ ପର୍ଯ୍ୟନ୍ତ ହୋଇଥିବା ଦ୍ୱିତୀୟ ପର୍ଯ୍ୟାୟ ଗଣଅଣ୍ଡାଦାନରେ ୨ଲକ୍ଷ ୫ହଜାର କଇଁଛ ସାମିଲ ହୋଇଥିଲେ। ପୂର୍ବରୁ ଏତେ ସଂଖ୍ୟକ କଇଁଛ କେବେ ବି ଗଣଅଣ୍ଡାଦାନ ପ୍ରକ୍ରିୟାରେ ସାମିଲ ହୋଇ ନଥିଲେ ବୋଲି ଋଷିକୁଲ୍ୟା ସମୁଦ୍ର କଇଁଛ ସୁରକ୍ଷା ସମିତି ସମ୍ପାଦକ ରବୀନ୍ଦ୍ରନାଥ ସାହୁ କହିଛନ୍ତି। କଇଁଛଙ୍କ ଅଣ୍ଡାଦାନ ପାଇଁ ଚଳିତ ବର୍ଷ ପାଗ ଅନୁକୂଳ ରହିଥିଲା। ଏଣୁ ଗଣଅଣ୍ଡାଦାନ କ୍ଷେତ୍ରରେ ଏକ ନୂଆ ରେକର୍ଡ ସୃଷ୍ଟି ହୋଇଥିବା ଶ୍ରୀ ସାହୁ କହିଛନ୍ତି। ତେବେ ଅଣ୍ଡା ଫୁଟି ଛୁଆ ବାହାରିବା ପାଇଁ ପ୍ରାୟ ୪୫ଦିନ ସମୟ ଲାଗିଥାଏ। ଗତ କିଛିଦିନ ତଳେ ହୋଇଥିବା କାଳ ବୈଶାଖୀ ବର୍ଷା ଯୋଗୁ ପାଗ ଥଣ୍ଡା ପଡ଼ି ବାଲିର ଉଷ୍ମତା ହ୍ରାସ ପାଇଥିଲା। ଏଣୁ ଅଣ୍ଡା ଫୁଟିବା ପ୍ରକ୍ରିୟା କିଛିଟା ବିଳମ୍ବରେ ହୋଇଥିବା ଦେଖିବାକୁ ମିଳିଛି। କଇଁଛ ଛୁଆଙ୍କ ସୁରକ୍ଷା ପାଇଁ ପ୍ରାୟ ୬ କିମି. ପର୍ଯ୍ୟନ୍ତ ତାର ବାଡ଼ ଦିଆଯାଇଛି। ସେହିପରି ବିଭିନ୍ନ ସ୍ଥାନରେ ମଶାରି ଜାଲି ମଧ୍ୟ ଲଗା ଯାଇଛି। ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ସନି ଖୋଖରଙ୍କ ନେତୃତ୍ୱରେ ଋଷିକୁଲ୍ୟା ମୁହାଣର ଆର୍ଯ୍ୟପଲ୍ଲୀଠାରୁ ପ୍ରୟାଗୀ ପର୍ଯ୍ୟନ୍ତ ପ୍ରାୟ ୨୦ କିମି ଅଞ୍ଚଳକୁ ନୋ-ଫିସିଂ ଜୋନ୍ କରାଯାଇ ପାଟ୍ରୋଲିଂ କଡ଼ାକଡ଼ି କରାଯାଇଛି। ଏହା ସହିତ ସେହି ଅଞ୍ଚଳକୁ ନିଷିଦ୍ଧାଞ୍ଚଳ ଘୋଷଣା କରାଯାଇଛି। ସେହିପରି କଇଁଛଛୁଆ ମାନଙ୍କୁ କୁକୁର ଓ ବିଲୁଆ ଠାରୁ ସୁରକ୍ଷା ଦେବା ପାଇଁ ସେଠାରେ ୨୪ଘଣ୍ଟିଆ ପାଟ୍ରୋଲିଂ ବ୍ୟବସ୍ଥା କରାଯାଇଛି। ଚଳିତବର୍ଷ ଦୁଇଟି ପର୍ଯ୍ୟାୟରେ ଗଣଅଣ୍ଡାଦାନ ହୋଇଥିବାରୁ ଦୁଇଥର ଅଣ୍ଡା ଫୁଟି କଇଁଛଛୁଆ ସମୁଦ୍ରକୁ ଯିବେ। ଦ୍ୱିତୀୟ ପର୍ଯ୍ୟାୟ ଅଣ୍ଡା ଫୁଟିବା ପ୍ରକ୍ରିୟା ମେ ପ୍ରଥମ ସପ୍ତାହ ପରେ ହେବ ବୋଲି ଆଶା କରାଯାଉଛି।

# ଏପ୍ରିଲରୁ ହେଲାଣି ମେ ଭଳି ଖରା : ଚଳିତ ବର୍ଷ ପୁରୁଣା ରେକର୍ଡ ଭାଙ୍ଗିବ ତାତି

**ନୂଆଦିଲ୍ଲୀ, ୧୨।୪**
ତତଲା ତାୱାରେ ଫୁଟୁଛି ଗାଁଠୁ ସହର। ଚଳିତ ବର୍ଷର ତାତି ସବୁ ପୁରୁଣା ରେକର୍ଡ ଭାଙ୍ଗିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଉତ୍ତର ଏବଂ ପଶ୍ଚିମ ଭାରତରେ ତାତି ପାଇଁ ତ୍ରାହି ତ୍ରାହି ଡାକୁଛନ୍ତି ଲୋକେ। ପାଣିପାଗ ବିଜ୍ଞାନୀଙ୍କ କହିବାନୁସାରେ, ୧୯୦୧ ମସିହା ପରେ ୨୦୨୪ ଥିଲା ସବୁଠୁ ଉତ୍ତପ୍ତ ମସିହା। ମାତ୍ର ୨୦୨୪ ଅପେକ୍ଷା ୨୦୨୫ ତାତିର ସବୁ ରେକର୍ଡ କାଟି ତତଲା ବର୍ଷ ବା ଉତ୍ତପ୍ତ ମସିହା ହେବ ବୋଲି ଆକଳନ କରାଯାଉଥିବା ନେଇ ଜାତୀୟ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି। ଗରମ ଗୁଳୁଗୁଳି ଏବଂ ଗ୍ରୀଷ୍ମ ପ୍ରବାହ ପାଇଁ ସତର୍କ ସୂଚନା ଜାରି କରିଛନ୍ତି ପାଣିପାଗ ବିଜ୍ଞାନୀ। ଏପ୍ରିଲର ମୁଣ୍ଡଫଟା ଖରା ଦେଖି ଆଗାମୀ ମାସର ଖରା ଏବଂ ଗ୍ରୀଷ୍ମ ପ୍ରବାହକୁ ଏବେଠୁ ଆକଳନ କରାଗଲାଣି। ଯଦି ୨୦୨୫ ସବୁଠୁ ଉତ୍ତପ୍ତ ବର୍ଷ ହୁଏ ତେବେ ନିତିଦିନିଆ ଜୀବନରେ ମଣିଷ ପାଇଁ ବଞ୍ଚିବା କଠିନ ହୋଇପଡ଼ିବ। ରାଜସ୍ଥାନର ବାଡ଼ମେରରେ ଏପ୍ରିଲ ମାସର ଗରମ ଗତ ୨୬ ବର୍ଷର ରେକର୍ଡ ଭାଙ୍ଗିଛି। ପାଣିପାଗ ବିଭାଗ ପୂର୍ବାନୁମାନ କରିଛି ଯେ, ଚଳିତ ସପ୍ତାହରେ ଦିଲ୍ଲୀର ତାପମାତ୍ରା ୪୦ ଡିଗ୍ରୀ ଅତିକ୍ରମ କରିବ। ୟୁରୋପରେ ମାର୍ଚ୍ଚ ମାସରେ ସବୁଠାରୁ ଅଧିକ ଗରମ ରେକର୍ଡ କରାଯାଇଛି। ଗତ ବର୍ଷ ୨୦୨୪କୁ ସବୁଠାରୁ ଉତ୍ତପ୍ତ ବର୍ଷ ଭାବେ ବିବେଚନା କରାଯାଇଥିଲା । କିନ୍ତୁ, ୨୦୨୫ର ଗରମ ୨୦୨୪ର ରେକର୍ଡ ଭାଙ୍ଗିବ ବୋଲି ଅନୁମାନ କରିଛି ପାଣିପାଗ ବିଭାଗ। ପାଣିପାଗ ବିଭାଗ ଅନୁଯାୟୀ, ଉତ୍ତର-ପଶ୍ଚିମ ଭାରତରେ ୧୦ ଏପ୍ରିଲରୁ ଗରମ ପ୍ରବାହରୁ ମୁକ୍ତି ମିଳିବ ବୋଲି ଅନୁମାନ କରାଯାଉଛି । ସେହିପିର ଗୁଜୁରାଟ ଓ ମଧ୍ୟପ୍ରଦେଶରେ ୧୧ ଏପ୍ରିଲରୁ ଗ୍ରୀଷ୍ମପ୍ରବାହରୁ ମୁକ୍ତି ମିଳିବ। ମଧ୍ୟପ୍ରଦେଶର ନର୍ମଦାନଗରରେ ଏପ୍ରିଲ ୭ରେ ପାରଦ ୪୪ ଡିଗ୍ରୀ ଅତିକ୍ରମ କରିଥିଲା। ରାଜଧାନୀ ଦିଲ୍ଲୀରେ ସବୁଠାରୁ ଅଧିକ ତାତି ଅନୁଭୂତ ହୋଇଛି। ସର୍ବନିମ୍ନ ତାପମାତ୍ରା ୨୫.୬ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି। ପାଣିପାଗ ବିଭାଗ ଦିଲ୍ଲୀରେ ୟେଲୋ ୱାର୍ଣ୍ଣିଂ ଜାରି କରିଛି। ରାଜଧାନୀ ଦିଲ୍ଲୀରେ ସର୍ବାଧିକ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ୍ ପାଖାପାଖି ରହିବାର ଅନୁମାନ କରାଯାଉଛି। ଭାରତର ୧୦ଟି ଉତ୍ତପ୍ତ ସ୍ଥାନ ଯଥା : ବାଡ଼ମେର (ରାଜସ୍ଥାନ) ୪୫.୬ ଡିଗ୍ରୀ, ଜୟସାଲମେର (ରାଜସ୍ଥାନ) ୪୫.୪ ଡିଗ୍ରୀ, କାନ୍ଦଲା (ଗୁଜୁରାଟ) ୪୫.୩ ଡିଗ୍ରୀ, ଚିତ୍ତୋରଗଡ଼ (ରାଜସ୍ଥାନ) ୪୪.୪ ଡିଗ୍ରୀ, ବିକାନେର (ରାଜସ୍ଥାନ) ୪୪.୩ ଡିଗ୍ରୀ, ହୋସଙ୍ଗାବାଦ (ମଧ୍ୟପ୍ରଦେଶ) ୪୪.୩ ଡିଗ୍ରୀ, ରାଜକୋଟ (ଗୁଜୁରାଟ) ୪୪.୨ ଡିଗ୍ରୀ, ଅକୋଲା (ମହାରାଷ୍ଟ୍ର) ୪୪.୨ ଡିଗ୍ରୀ, ରତଲମ୍ (ମଧ୍ୟପ୍ରଦେଶ) ୪୪.୧ ଡିଗ୍ରୀ, ଅମରେଲି (ଗୁଜୁରାଟ) ୪୩.୮ ଡିଗ୍ରୀ।

ପାଣିପାଗ ବିଭାଗ ଅନୁଯାୟୀ, ରାଜସ୍ଥାନରେ ୩ ଦିନ ଧରି ଭୀଷଣ ଗ୍ରୀଷ୍ମ ପ୍ରବାହ ଜାରି ରହିବ। ପରେ ଝଡ଼ ଓ ବର୍ଷା ଯୋଗୁଁ ତାତିରୁ କିଛି ମାତ୍ରାରେ ଆଶ୍ୱସ୍ତି ମିଳିବ। ବର୍ତ୍ତମାନ ଜୟସାଲମେର, ବାଡ଼ମେର, ଚିତ୍ତୋରଗଡ଼, କାଟୋ ଜିଲ୍ଲାରେ ତାପମାତ୍ରା ୪୪ରୁ ୪୬ ଡିଗ୍ରୀ ସେଲସିୟସ୍ ମଧ୍ୟରେ ରହିଛି। ସୋମବାର ବାଡ଼ମେରରେ ସର୍ବାଧିକ ତାପମାତ୍ରା ୪୫.୬ ଡିଗ୍ରୀ ରେକର୍ଡ ହୋଇଥିଲା ।

cdcc

## ୭୭ତମ ରାଜଧାନୀ ପ୍ରତିଷ୍ଠା ଦିବସ ସମାରୋହ

**ସ୍ଥାନ: ଓଡ଼ିଶା ବିଧାନସୌଧ ସମ୍ମୁଖସ୍ଥ ଶିଳାନ୍ୟାସ ଫଳକ**

ତା. ୧୩-୦୪-୨୦୨୫ ରିଖ (ରବିବାର)

DADLS-10

**ସକାଳ ଅଧିବେଶନ**
**ଘ. ୬.୩୦ ମିନିଟ୍**

ମୁଖ୍ୟ ଅତିଥି: ଶ୍ରୀମତୀ ସୁରମା ପାଢ଼ୀ, ମାନ୍ୟବର ବାଚସ୍ପତି, ଓଡ଼ିଶା ବିଧାନସଭା
ରାଜଧାନୀ ଶିଳାନ୍ୟାସ ଫଳକରେ ମାଲ୍ୟାର୍ପଣ
ପତାକା ଉତ୍ତୋଳନ
ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଚିତ୍ତାକର୍ଷକ ବେସାମରିକ ପ୍ୟାରେଡରେ ଅଭିବାଦନ ଗ୍ରହଣ
(ରବୀନ୍ଦ୍ର ମଣ୍ଡପଠାରୁ ଜୟଦେବ ଭବନ ଛକ)

ସକାଳ ୮ ଘଟିକା- ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ଆୟୋଜିତ ଫଟୋଚିତ୍ର ପ୍ରଦର୍ଶନୀ ଉଦ୍‌ଘାଟନ
(ସ୍ଥାନ: ଜୟଦେବ ଭବନ)

ମଧ୍ୟାହ୍ନ ୧୨ ଘଟିକା-ରାଜଧାନୀର ସ୍କୁଲ ଓ କଲେଜ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସାଂସ୍କୃତିକ ପ୍ରତିଯୋଗିତା
(ସ୍ଥାନ: ଉତ୍କଳ ସଂଗୀତ ନାଟକ ମହାବିଦ୍ୟାଳୟ ଅଡିଟୋରିୟମ୍)

**ସନ୍ଧ୍ୟା ଅଧିବେଶନ / ସମୟ. ୬ ଘଟିକା**
**ସ୍ଥାନ: ଉତ୍କଳ ମଣ୍ଡପ**

ମୁଖ୍ୟ ଅତିଥି: ଡ. ହରି ବାବୁ କମ୍ଭମ୍ପାଟି, ମାନ୍ୟବର ରାଜ୍ୟପାଳ, ଓଡ଼ିଶା
୧୩ ଜଣ ବ୍ୟକ୍ତିବିଶେଷଙ୍କୁ "ରାଜଧାନୀ ଗୌରବ ସମ୍ମାନ ୨୦୨୫" ପ୍ରଦାନ

**ସକାଳ ଓ ସନ୍ଧ୍ୟା ଅଧିବେଶନର ନିମନ୍ତ୍ରିତ ଅତିଥିବୃନ୍ଦ**

ଶ୍ରୀଯୁକ୍ତ ପୃଥ୍ୱୀରାଜ ହରିଚନ୍ଦନ, ମାନ୍ୟବର ମନ୍ତ୍ରୀ, ଆଇନ, ପୂର୍ତ୍ତ ଏବଂ ଅବକାରୀ
ଡା. କୃଷ୍ଣ ଚନ୍ଦ୍ର ମହାପାତ୍ର, ମାନ୍ୟବର ମନ୍ତ୍ରୀ, ଗୃହନିର୍ମାଣ ଓ ନଗର ଉନ୍ନୟନ ଏବଂ ସାଧାରଣ ଉଦ୍ୟୋଗ
ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ସୂରଜ, ମାନ୍ୟବର ମନ୍ତ୍ରୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବ ସେବା
ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ, ମାନନୀୟା ସାଂସଦ, ଭୁବନେଶ୍ୱର
ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା, ମାନ୍ୟବର ବିଧାୟକ, ଭୁବନେଶ୍ୱର-ମଧ୍ୟ
ଶ୍ରୀଯୁକ୍ତ ସୁଶାନ୍ତ କୁମାର ରାଉତ, ମାନ୍ୟବର ବିଧାୟକ, ଭୁବନେଶ୍ୱର-ଉତ୍ତର
ଶ୍ରୀଯୁକ୍ତ ବାବୁ ସିଂ, ମାନ୍ୟବର ବିଧାୟକ, ଭୁବନେଶ୍ୱର-ଏକାମ୍ର
ଶ୍ରୀଯୁକ୍ତ ବିଭୂତି ଭୂଷଣ ବଳବନ୍ତରାୟ, ମାନ୍ୟବର ବିଧାୟକ, ଜଟଣୀ
ଶ୍ରୀମତୀ ସୁଲୋଚନା ଦାସ, ମାନନୀୟା ମେୟର, ଭୁବନେଶ୍ୱର ମହାନଗର ନିଗମ
ଶ୍ରୀମତୀ ମଞ୍ଜୁଲତା କହଁର, ମାନନୀୟା ଡେପୁଟି ମେୟର, ଭୁବନେଶ୍ୱର ମହାନଗର ନିଗମ
ଶ୍ରୀମତୀ ଉଷା ପାଢ଼ୀ, ଭା.ପ୍ର.ସେ, ପ୍ରମୁଖ ଶାସନ ସଚିବ, ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ବାଣିଜ୍ୟ ଓ ପରିବହନ ବିଭାଗ
ଶ୍ରୀଯୁକ୍ତ ସଞ୍ଜୟ ସିଂହ, ଭା.ପ୍ର.ସେ, ପ୍ରମୁଖ ଶାସନ ସଚିବ, ସୂଚନା ଓ ଲୋକସମ୍ପର୍କ ବିଭାଗ
ଶ୍ରୀଯୁକ୍ତ ଏସ୍. ଦେବଦତ୍ତ ସିଂ, ଭା.ପୋ.ସେ, ପୋଲିସ କମିଶନର, ଭୁବନେଶ୍ୱର-କଟକ
ଶ୍ରୀଯୁକ୍ତ ରାଜେଶ ପ୍ରଭାକର ପାଟିଲ, ଭା.ପ୍ର.ସେ, କମିଶନର, ଭୁବନେଶ୍ୱର ମହାନଗର ନିଗମ
ଡା. ଏନ୍. ଥିରୁମାଲା ନାଏକ, ଭା.ପ୍ର.ସେ, ଉପାଧ୍ୟକ୍ଷ, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
ଶ୍ରୀଯୁକ୍ତ ବିଜୟ କେତନ ଉପାଧ୍ୟାୟ, ଭା.ପ୍ର.ସେ, ନିର୍ଦ୍ଦେଶକ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ଶ୍ରୀଯୁକ୍ତ ଚଞ୍ଚଳ ରାଣା, ଭା.ପ୍ର.ସେ, ଜିଲ୍ଲାପାଳ, ଖୋର୍ଦ୍ଧା

ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟି
ଶ୍ରୀଯୁକ୍ତ ପ୍ରଦୋଷ ପଟ୍ଟନାୟକ, ସଭାପତି
ଶ୍ରୀଯୁକ୍ତ ପ୍ରଦ୍ୟୁମ୍ନ କୁମାର ମହାନ୍ତି, ଉପସଭାପତି
ଶ୍ରୀଯୁକ୍ତ ସନତ ମିଶ୍ର, ସାଧାରଣ ସଂପାଦକ

**ସାଂସ୍କୃତିକ କାର୍ଯ୍ୟକ୍ରମ**
ବିଶିଷ୍ଟ ସଂଗୀତ ନିର୍ଦ୍ଦେଶକ ପ୍ରେମାନନ୍ଦ ଓ ସାଥୀ କଳାକାରଙ୍କ ଦ୍ୱାରା ସଂଗୀତ, ଗୁରୁ ଗଜେନ୍ଦ୍ର ପଣ୍ଡା ଓ ସାଥୀ କଳାକାରଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ଏବଂ ଶଙ୍କର ବେହେରା ଓ ସାଥୀ କଳାକାରଙ୍କ ଦ୍ୱାରା ଲୋକନୃତ୍ୟ ପରିବେଷଣ

**ତା. ୧୪.୦୪.୨୦୨୫ ରିଖ (ସୋମବାର)**
**ସନ୍ଧ୍ୟା ଅଧିବେଶନ ସ୍ଥାନ :**
ସମୟ. ୬ ଘଟିକା କୃଷି ଶିକ୍ଷା ସଦନ, (ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର)

ଓଡ଼ିଆ ପକ୍ଷ ଉଦ୍‌ଯାପନ ଓ ୭୭ତମ ରାଜଧାନୀ ପ୍ରତିଷ୍ଠା ଦିବସ ୨୦୨୫ ଦ୍ୱିତୀୟ ସନ୍ଧ୍ୟା ଉପଲକ୍ଷେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ନୂତନ ସମ୍ମିଳନୀ କକ୍ଷରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଭୁବନେଶ୍ୱର ମହାନଗର ନିଗମ ଏବଂ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟିର ମିଳିତ ପ୍ରୟାସରେ ସାଂସ୍କୃତିକ କାର୍ଯ୍ୟକ୍ରମ ।

ରାଜଧାନୀ ପ୍ରତିଷ୍ଠା ଦିବସ ସମାରୋହରେ ଯୋଗଦେବାକୁ ସାଦର ଆମନ୍ତ୍ରଣ ।

ନିବେଦକ: ସୂଚନା ଓ ଲୋକସମ୍ପର୍କ ବିଭାଗ, ଭୁବନେଶ୍ୱର ମହାନଗର ନିଗମ ଏବଂ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟି

OIPR-15001/13/0503/2526

